


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୦୬ ସେପ୍ଟେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 06 September 2026
Vol.No. 36 ■ No.234 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


## ଇରାନକୁ ଧମକ ପରେ ଧମକ: ତେହରାନର ଗୁରୁତ୍ୱପୂର୍ଣ୍ଣ ଠିକଣା ଉପରେ ଆମେରିକାର ଆକ୍ରମଣ ଆଶଙ୍କା




ନୂଆଦିଲ୍ଲୀ,୫/୯ : ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ପୁଣି ଏକ ନୂଆ ସ୍ତରରେ ପହଞ୍ଚିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ଗୋପନୀୟ ପରମାଣୁ ଠିକାଣା ପିକ୍ୟାକ୍ସ ମାଉଣ୍ଟେନ୍ ଉପରେ ଶୀଘ୍ର ଆକ୍ରମଣ କରିବାକୁ ଧମକ ଦେଇଛନ୍ତି। ଏହି ସ୍ଥାନ କ'ଣ ? ଏହା କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ ? ଆମେରିକା ଏବଂ ଇରାନ ମଧ୍ୟରେ ଲାଗିରହିଥିବା ଉତ୍ତେଜନା ଭିତରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ଏବଂ କଡ଼ା ଚେତାବନୀ ଦେଇଛନ୍ତି। ଇରାନର ଗୁପ୍ତ ଏବଂ ଅତ୍ୟନ୍ତ ସୁରକ୍ଷିତ ଭୂତଳ ପରମାଣୁ ଠିକଣା 'ପିକ୍ୟାକ୍ସ ମାଉଣ୍ଟେନ୍' ଉପରେ ଆମେରିକା ଯେକୌଣସି ମୁହୂର୍ତ୍ତରେ ବଡ଼ଧରଣର ଆକ୍ରମଣ କରିପାରେ ବୋଲି ଟ୍ରମ୍ପ କହିଛନ୍ତି । ଟ୍ରମ୍ପ କହିଛନ୍ତି ଇରାନ ବିରୋଧରେ ସାମରିକ ଅଭିଯାନ ଅଧିକ ଦୃଢ଼ ହେବ। ଆମେରିକାର କାର୍ଯ୍ୟାନୁଷ୍ଠାନ ଯୋଗୁ ଇରାନ ପରମାଣୁ ଅସ୍ତ୍ରଶସ୍ତ୍ର ହାସଲ କରିପାରୁନି। ଇରାନର ପ୍ରତିଟି ଗତିବିଧିକୁ ନିଜ ନଜରରେ ରଖିଛି ଆମେରିକା। ଏବେ ଜାଣିବା, କ'ଣ ଏହି ପିକ୍ୟାକ୍ସ ମାଉଣ୍ଟେନ ? ଏହା କେଉଁଠି ରହିଛି ? ଏହା କ'ଣ ପାଇଁ ଇରାନର ମେରୁଦଣ୍ଡ ? ଇରାନର ନତାଞ୍ଜ ୟୁରାନିୟମ୍ ଏନରିଚମେଣ୍ଟ କେନ୍ଦ୍ର ପାଖରେ ଅବସ୍ଥିତ। ପାହାଡ଼ ତଳେ ଗଭୀରତମ ଦୁଇଟି ସୁରକ୍ଷିତ ସୁଡ଼ଙ୍ଗ ରହିଛି। ଇରାନ ଏହି ଭୂତଳ ସୁଡ଼ଙ୍ଗ ମଧ୍ୟରେ ପରମାଣୁ କାର୍ଯ୍ୟକଳାପ କରୁଛି । ୨୦୨୦ ମସିହାରୁ ଏଠାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଇରାନ ପରମାଣୁ କାର୍ଯ୍ୟକ୍ରମର ଗୁରୁତ୍ୱପୂର୍ଣ୍ଣ ଅଂଶ । ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଆମେରିକାର ଶକ୍ତିଶାଳୀ ବଙ୍କର-ବଷ୍ଟର ବୋମା ଏହି ଗଭୀର ଠିକାଣାକୁ ଧ୍ୱଂସ କରିପାରିବେ କି ? ବିଶେଷଜ୍ଞଙ୍କ ମତରେ ଶହେ ମିଟରରୁ ଅଧିକ ଗଭୀର ଏବଂ କଠିନ ପଥର ଯୋଗୁ ଏହାକୁ ଧ୍ୱଂସ କରିବା ବେଶ୍ କଷ୍ଟକର। ଆମେରିକାର ଚେତାବନୀ ପରେ ମଧ୍ୟପ୍ରାଚ୍ୟରେ ପୁଣି ଯୁଦ୍ଧ ଆଶଙ୍କା ଦେଖାଦେଇଛି । ନାତାଞ୍ଜ ପାଖରେ ଥିବା ଏହି ଗଭୀର ଭୂତଳ ଠିକଣା ବର୍ତ୍ତମାନ ଆମେରିକା-ଇରାନ ସଂଘର୍ଷର ନୂଆ କେନ୍ଦ୍ରବିନ୍ଦୁ ହୋଇଛି । ଆକ୍ରମଣ ହେଲେ ଏହା ମଧ୍ୟପ୍ରାଚ୍ୟରେ ଆହୁରି ବଡ଼ ଉତ୍ତେଜନା ସୃଷ୍ଟି କରିପାରେ। ତେବେ ଇରାନ ଏହି ଚେତାବନୀକୁ କିପରି ପ୍ରତିହତ କରୁଛି ଏବଂ ଆଗାମୀ ଦିନରେ ଏହି ପିକାକ୍ସ ପାହାଡ଼କୁ ନେଇ ଆମେରିକା କ'ଣ ପଦକ୍ଷେପ ନେଉଛି, ତା' ଉପରେ ନଜର ରହିଛି ।

## ସମ୍ବଲପୁର କୋଇଲା ଷ୍ଟକୟାର୍ଡରେ ଭୟାବହ ଅଗ୍ନିକାଣ୍ଡ: ଜଳୁଛି କୋଟି କୋଟିର କୋଇଲା



ସମ୍ବଲପୁର, ୫/୯ (ନି.ପ୍ର): ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକସ୍ଥିତ ଏନଏଲସି ଇଣ୍ଡିଆ ଲିମିଟେଡ ଅଧୀନରେ ଥିବା ତଲାବିରା ୨ ଓ ୩ ଓପନ କାଷ୍ଟ ପ୍ରୋଜେକ୍ଟ ଷ୍ଟକୟାର୍ଡରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି । ଏହି ନିଆଁରେ କୋଟିକୋଟି ଟଙ୍କାର ମୂଲ୍ୟବାନ କୋଇଲା ଜଳିପୋଡ଼ି ପାଉଁଶ ହୋଇଯାଉଥିବା ବେଳେ ବ୍ୟାପକ ରାଜସ୍ୱ ହାନି ହେବାର ଆଶଙ୍କା ଦେଖାଦେଇଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ ଏହି ଅଗ୍ନିକାଣ୍ଡ ଆଜି କି କାଲିର ନୁହେଁ, ବରଂ ଗତ ୧୦ରୁ ୧୫ ଦିନ ହେଲା କୋଇଲା ଖଣିରେ ଏଭଳି ଭାବେ ନିଆଁ ଜଳୁଥିଲେ ମଧ ଏହାକୁ ନିୟନ୍ତ୍ରଣ କରାଯାଇପାରି ନାହିଁ । ଏହି ଘଟଣାକୁ ନେଇ ଏନଏଲସିର ଅଧିକାରୀମାନେ ଦେଇଥିବା ବୟାନ ଏବେ ବିବାଦ ସୃଷ୍ଟି କରିଛି । ସେମାନଙ୍କ କହିବା ଅନୁଯାୟୀ ନିଆଁ ଗତକାଲି ଲାଗିଥିଲା ଏବଂ ଏହାକୁ ସମ୍ପୂର୍ଣ୍ଣ ଭାବେ ଲିଭାଇ ଦିଆଯାଇଛି, କିନ୍ତୁ ଗ୍ରାଉଣ୍ଡ ଜିରୋର ଦୃଶ୍ୟ ସମ୍ପୂର୍ଣ୍ଣ ଭିନ୍ନ କାହାଣୀ କହୁଛି । ଏବେ ବି ଷ୍ଟକୟାର୍ଡରେ ନିଆଁ ଜଳୁଥିବା ବେଳେ ଅଗ୍ନିଶମ ବାହିନୀ ନିଆଁ ଲିଭା କାର୍ଯ୍ୟ ଜାରି ରଖିଛନ୍ତି । ଷ୍ଟକୟାର୍ଡରେ କାର୍ଯ୍ୟରତ ଅପରେଟରମାନେ ମଧ ଅଧିକାରୀଙ୍କ ମିଛକୁ ପଦାରେ ପକାଇ ଦେଇଛନ୍ତି । ସେମାନଙ୍କ କହିବା ଅନୁଯାୟୀ ଦୀର୍ଘ ଦିନ ହେଲା ଏହି ଅଗ୍ନିକାଣ୍ଡ ଜାରି ରହିଛି, ଯାହା ଏନଏଲସି କର୍ତ୍ତୃପକ୍ଷ କାହିଁକି ଲୁଚାଉଛନ୍ତି ତାହାକୁ ନେଇ ସନ୍ଦେହ ଘନୀଭୂତ ହେବାରେ ଲାଗିଛି। ବିଶେଷ କରି ବର୍ଷା ଋତୁ ସମୟରେ କୋଇଲା ଖଣିରେ ଏଭଳି ଭୟାବହ ନିଆଁ ଲାଗିବା ଘଟଣା ସାଧାରଣ ଲୋକଙ୍କୁ ହଜମ ହେଉନାହିଁ। ଏହା ଏକ ପ୍ରାକୃତିକ ଦୁର୍ଘଟଣା ନା କୋଇଲା ଚୋରିର ପ୍ରମାଣ ନଷ୍ଟ କରିବା ପାଇଁ ଏକ ମନୁଷ୍ୟକୃତ ସାଜିସ, ସେ ନେଇ ଶ୍ରମିକ ସଂଘ ସଭାପତି ବାବୁଲୁ ରାଉତ ଏବଂ ଅନ୍ୟ ଶ୍ରମିକମାନେ ପ୍ରଶ୍ନ କରିଛନ୍ତି। ଷ୍ଟକୟାର୍ଡରେ ଥିବା କୋଇଲା ପରିମାଣ ସହିତ ଡେସପାଚ୍, ଜିପିଏସ୍, ଗେଟ୍ ରେକର୍ଡ ଏବଂ ଇଆରପି ତଥ୍ୟ ମେଳ ଖାଉଛି କି ନାହିଁ ତାହା ଏବେ ଏକ ବଡ଼ ତଦନ୍ତ ସାପେକ୍ଷ ବିଷୟ ପାଲଟିଛି। ଏହି ଘଟଣାରେ ସୁରକ୍ଷା ଓ ଅଗ୍ନି ନିର୍ବାପକ ବ୍ୟବସ୍ଥାରେ ଚରମ ଅବହେଳା ହୋଇଥିବା ଅଭିଯୋଗ ହେଉଛି।

## ରାଜ୍ୟ ନିର୍ବାଚନ କମିସନଙ୍କ ବଡ଼ ସୂଚନା: ମାର୍ଚ୍ଚରେ ପଂଚାୟତ ନିର୍ବାଚନ



ଭୁବନେଶ୍ୱର, ୫/୯ (ନି.ପ୍ର): ପଞ୍ଚାୟତ ନିର୍ବାଚନକୁ ନେଇ ୩ ରାଜନୈତିକ ଦଳ ଭିତରେ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଗଲାଣି । ଶାସକ ଦଳ ହିସାବରେ ବିଜେପି ପ୍ରଥମଥର ପାଇଁ ପଞ୍ଚାୟତ ନିର୍ବାଚନକୁ ଓହ୍ଲାଇବ । ଏହି ନିର୍ବାଚନ ବିଜେପି ପାଇଁ ସମ୍ମାନ ଓ ମର୍ଯ୍ୟାଦାର ପ୍ରଶ୍ନ । ହେଲେ ନେତା ଓ କର୍ମୀ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି, କେବେ ନିର୍ବାଚନ ହେବ । ଠିକ୍ ସମୟରେ ହେବ କି ବିଳମ୍ବରେ ହେବ, ଏନେଇ ଦ୍ୱନ୍ଦ୍ୱ ରହିଛି । କିଛି ମାସ ପୂର୍ବରୁ ରାଜ୍ୟ ନିର୍ବାଚନ କମିସନ ସଚିବ କହିଥିଲେ, ଜନଗଣନା ପାଇଁ ବିଳମ୍ବ ହୋଇପାରେ ନିର୍ବାଚନ । ଆଉ ଏସବୁ ଭିତରେ କନକ ନ୍ୟୁଜକୁ ବଡ଼ ସାକ୍ଷାତକାର ଦେଇ ପଞ୍ଚାୟତ ନିର୍ବାଚନ ସଂକ୍ରାନ୍ତରେ ବଡ଼ ଅପଡେଟ୍ ଦେଇଛନ୍ତି ରାଜ୍ୟ ନିର୍ବାଚନ କମିସନ ମଧୁସୂଦନ ପାଢ଼ୀ । ମାର୍ଚ୍ଚ ମାସରେ ବାଜିବ ପଞ୍ଚାୟତ ନିର୍ବାଚନ ବିଗୁଲ। ମାର୍ଚ୍ଚ ୫ରେ ସରିବ ଜନଗଣନା ପ୍ରକ୍ରିୟା। ଏହା ପରେ ପଞ୍ଚାୟତ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ । ମାର୍ଚ୍ଚ ଶେଷ ଓ ଏପ୍ରିଲ ପ୍ରଥମ ସପ୍ତାହରେ ହେବ ପଞ୍ଚାୟତ ନିର୍ବାଚନ। ରାଜ୍ୟରେ ୫ ଟି ପର୍ଯ୍ୟାୟରେ ହେବ ପଞ୍ଚାୟତ ନିର୍ବାଚନ। ପଞ୍ଚାୟତ ନିର୍ବାଚନ ସରିବା ପରେ ଏହାର ୧୫ ଦିନ କିମ୍ବା ମାସେ ଭିତରେ ପୌର ନିର୍ବାଚନ ହେବ। ପଞ୍ଚାୟତ ନିର୍ବାଚନ ବାଲାଟରେ ଓ ପୌର ନିର୍ବାଚନ ଇଭିଏମ୍‌ରେ ହେବ। ପଞ୍ଚାୟତ ନିର୍ବାଚନ ପାଇଁ ୯୧ ହଜାର ବୁଥ୍ ପ୍ରସ୍ତୁତ ଅଛି। ଅକ୍ଟୋବର ୨୪ରୁ ନଭେମ୍ବର ୭ ପର୍ଯ୍ୟନ୍ତ ସାରା ଓଡ଼ିଶାରେ ସର୍ଭେ ହେବ। ଫେବ୍ରୁଆରି ୧୦ ସୁଦ୍ଧା ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଗୋଟିଏ ଅଞ୍ଚଳର ଭୋଟର, ଗୋଟିଏ ୱାର୍ଡରେ ରହିବେ, ଏହା ସର୍ଭେର ମୁଖ୍ୟ ଉଦ୍ଦେଶ୍ୟ। ୨୦୨୭ରେ ଏକକାଳୀନ ହେବ ସମ୍ବଲପୁର, ରାଉରକେଲା, ପୁରୀ ମହାନଗର ନିଗମର ନିର୍ବାଚନ। ବାକି ଥିବା ପଞ୍ଚାୟତର ଉପନିର୍ବାଚନ ମଧ ୨୦୨୭ରେ ହେବ। - ପଞ୍ଚାୟତ ନିର୍ବାଚନ ପାଇଁ ସଂରକ୍ଷଣ ପ୍ରକ୍ରିୟା ଅକ୍ଟୋବର ୩୧ରେ ସରିବ।

## କଟକର ବାରବାଟୀ ଦୁର୍ଗ ପରିସରରେ ବିଜେପିର ଦୁଇଦିନିଆ ରାଜ୍ୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

### ମନ୍ତ୍ରୀ-ବିଧାୟକଙ୍କୁ ବଂଶଲ ଦେଲେ 'ଟାସ୍କ', ଆଜି ଗୁରୁମନ୍ତ୍ର ଦେବେ ବିଏଲ୍ ସନ୍ତୋଷ



କଟକ, ୫/୯ (ନି.ପ୍ର): କଟକର ବାରବାଟୀ ଦୁର୍ଗ ପରିସରରେ ବିଜେପିର ଦୁଇଦିନିଆ ରାଜ୍ୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଆରମ୍ଭ ହୋଇଛି। ବୈଠକକୁ ଉଦଘାଟନ କରି ଦଳର କାର୍ଯ୍ୟକର୍ତ୍ତା ଓ ନେତୃବୃନ୍ଦଙ୍କୁ ସାଂଗଠନିକ ପାଠ ପଢ଼ାଇଛନ୍ତି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲ। ବୋର୍ଡ ନିଗମ ଭଳି ସରକାରୀ ପଦପଦବୀରେ ନିଯୁକ୍ତି ପ୍ରସଙ୍ଗ ସମ୍ପୂର୍ଣ୍ଣ ରୂପେ ସରକାରଙ୍କ ନିଷ୍ପତ୍ତି ହୋଇଥିବାରୁ ବ୍ୟକ୍ତିଗତ ଆଶା ଆକାଂକ୍ଷା ନରଖି ଦଳୀୟ ସଂଗଠନ ପାଇଁ କାମ କରିବାକୁ ସେ କାର୍ଯ୍ୟକର୍ତ୍ତାମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହାସହିତ ମନ୍ତ୍ରୀ ଓ ବିଧାୟକମାନେ କାର୍ଯ୍ୟକର୍ତ୍ତାଙ୍କ ସହ ଏବଂ କାର୍ଯ୍ୟକର୍ତ୍ତାମାନେ ଗ୍ରାଉଣ୍ଡ ଜିରୋରେ ସାଧାରଣ ଲୋକଙ୍କ ସହ ରହିବାକୁ ସେ 'ଟାସ୍କ' ଦେଇଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି। ଆଜି ଉଦଘାଟନୀ ଅଧିବେଶନରେ ଶ୍ରୀ ବଂଶଲ ଓଡ଼ିଶା ବିଜେପିର ନେତାମାନଙ୍କୁ ଗୁରୁମନ୍ତ୍ର ଦେଇଥିବାବେଳେ ଆସନ୍ତାକାଲି ଉଦଯାପନୀ ଅଧିବେଶନରେ ରାଷ୍ଟ୍ରୀୟ

◆◆ପୃଷ୍ଠା ୭

## ୩ ଲକ୍ଷ ୧୫ ହଜାର ଟଙ୍କା ସହ ଧରାପଡ଼ିଲେ ମହିଳା ଅଧିକାରୀ

କେନ୍ଦ୍ରାପଡ଼ା, ୫/୯ (ନି.ପ୍ର): କାରରେ ୩ ଲକ୍ଷ ୧୫ ହଜାର ଟଙ୍କା ନେଇ ଯାଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଜଣେ ସରକାରୀ ଅଧିକାରୀ। ତାଙ୍କ ନାଁ ଅନୁପମା ସାହୁ। ସେ କେନ୍ଦ୍ରାପଡ଼ା ଡ୍ରେନେଜ ବିଭାଗର ଏଷ୍ଟିମେଟର ଭାବେ କାର୍ଯ୍ୟ କରୁଛନ୍ତି। ଆଜି ସନ୍ଧ୍ୟାରେ ମାର୍ଶାଘାଇ କ୍ରସିଂ ଛକ ଠାରେ କେନ୍ଦ୍ରାପଡ଼ା ଓ କଟକ ଭିଜିଲାନ୍ସ ପକ୍ଷରୁ ମିଳିତ ଭାବେ ଚଢ଼ାଉ ବେଳେ ନଗଦ ଟଙ୍କା ସହ ଅନୁପମା ସାହୁ ଧରାପଡ଼ିଥିଲେ। ଏହି ଟଙ୍କା ସେ କେଉଁଠାରୁ ଆଣିଲେ ଓ କେଉଁ କାମରେ ଲଗାଇଥା'ନ୍ତେ ଭଳି ଭିଜିଲାନ୍ସ ପକ୍ଷରୁ ପଚରା ଯାଇଥିବା ଏକାଧିକ ପ୍ରଶ୍ନ ସନ୍ତୋଷଜନକ ଉତ୍ତର ସେ ଦେଇ ପାରି ନଥିଲେ। ଅନୁପମାଙ୍କ ଠାରୁ ଏତେ ପରିମାଣର ନଗଦ ଟଙ୍କା ମିଳିବା ପରେ ତାଙ୍କର ମାର୍ଶାଘାଇ ସ୍ଥିତ ଅଫିସ, ଦୁହୁରିଆ ନୟନ ବିହାର ସ୍ଥିତ ଭଡ଼ାଘର ଓ ଢେଙ୍କାନାଳ ସ୍ଥିତ ପୈତୃକ ଘରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଥି ଜଣାପଡ଼ିଛି। ଅନୁପମା ଅନୈତିକ ଭାବେ ଉକ୍ତ ୩ ଲକ୍ଷ ୧୫ ହଜାର ଟଙ୍କା ଅର୍ଜନ କରିଥିବା ଭିଜିଲାନ୍ସ ସନ୍ଦେହ କରୁଛି। ଏନେଇ ଭିଜିଲାନ୍ସର ତଦନ୍ତ ଜାରି ରହିଛି।

## ବିହାରରେ ଭୀଷଣ ବନ୍ୟା ସ୍ଥିତି: ୧୩ ମନ୍ତ୍ରୀଙ୍କୁ ଦାୟିତ୍ୱ ଦେଲେ ମୁଖ୍ୟମନ୍ତ୍ରୀ, ପାଟନାରେ ହାଇଆଲର୍ଟ

ନୂଆଦିଲ୍ଲୀ,୫/୯ : ବିହାରରେ ପ୍ରବଳ ବର୍ଷା ଓ ଗଙ୍ଗା, ଗଣ୍ଡକ ଏବଂ କୋଶୀ ପରି ପ୍ରମୁଖ ନଦୀରେ ଜଳସ୍ତର ବୃଦ୍ଧି ଯୋଗୁ ରାଜ୍ୟରେ ଭୀଷଣ ବନ୍ୟା ସ୍ଥିତି ଉପୁଜିଛି। ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧାରୀ ୧୩ ମନ୍ତ୍ରୀଙ୍କୁ ବନ୍ୟାସ୍ଥିତି ଉପରେ ନଜର ରଖିବାକୁ ଦାୟିତ୍ୱ ଦେଇଛନ୍ତି। ବକ୍ସରରୁ ପାଟନା, ସମସ୍ତିପୁର ଓ ଭାଗଲପୁର ଅଞ୍ଚଳ ଜଳମଗ୍ନ ହୋଇ ରହିଛି। ପାଟନାରେ ସରକାରୀ ପଦାଧିକାରୀଙ୍କୁ ହାଇଆଲର୍ଟରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିହାରରେ ବନ୍ୟା ଯୋଗୁଁ ୧୦ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଲଗାତାର ଦ୍ୱିତୀୟ ଦିନ ପାଇଁ ବନ୍ୟା ପ୍ରଭାବିତ ଅଞ୍ଚଳ ଆକାଶ ମାର୍ଗରୁ ବୁଲି ଦେଖିଛନ୍ତି। ଶନିବାର ସମ୍ରାଟ ଚୌଧାରୀ ଭାଗଲପୁର ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର ଓ ରିଲିଫ କାର୍ଯ୍ୟର ସମୀକ୍ଷା କରିଥିଲେ।


◆◆ପୃଷ୍ଠା ୭

## ସରକାରଙ୍କ କଥା ମାନିଲେ ଶିକ୍ଷକ: ସ୍ଥଗିତ ରଖିଲେ ଆନ୍ଦୋଳନ



ଭୁବନେଶ୍ୱର, ୫/୯ (ନି.ପ୍ର): ୮ ଦଫା ଦାବି ନେଇ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ୨୧ ଦିନ ଧରି ଧାରଣାରତ ଥିବା ହଜାର ହଜାର ଶିକ୍ଷକ ଶିକ୍ଷୟିତ୍ରୀ ଆଜି ସନ୍ଧ୍ୟାରେ ଆନ୍ଦୋଳନ ସ୍ଥଗିତ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାରଙ୍କ ସହିତ ଦୀର୍ଘ ସମୟ ପର୍ଯ୍ୟନ୍ତ ଆଲୋଚନା ପରେ ଶିକ୍ଷକ ସଂଗଠନ ଆନ୍ଦୋଳନକୁ ଆଗାମୀ ବିଧାନସଭା ଅଧିବେଶନ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ସୂଚନାଯୋଗ୍ୟ ଆଜି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଘଟଣାସ୍ଥଳକୁ ଯାଇ ସମାଧାନ ପ୍ରତିଶ୍ରୁତି ଦେଇଥିଲେ। ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନରେ ୨୧ ଦିନ ଧରି ଆନ୍ଦୋଳନ ଜୋରଦାର ହୋଇଥିଲା। ସେମାନେ ଅଭିଯୋଗ କରିଥିଲେ ଯେ, ୨୫ରୁ ୩୦ ବର୍ଷ ଧରି ଶିକ୍ଷାଦାନ କରୁଛନ୍ତି। ପିଢିଏ ପରେ ପିଢ଼ି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିଛନ୍ତି। ହେଲେ ନିଜ ଭବିଷ୍ୟତ ପାଇଁ ଆଜି ରାଜରାସ୍ତାରେ ଲଢ଼ିବାକୁ ପଡୁଛି।

## ରୁଷ୍-ୟୁକ୍ରେନ ଯୁଦ୍ଧରେ ୭୨ ଘଣ୍ଟିଆ ବିରତି



ନୂଆଦିଲ୍ଲୀ,୫/୯ : ୟୁକ୍ରେନ ସହିତ ଦୀର୍ଘ ଦିନର ଯୁଦ୍ଧକୁ ଶେଷ କରିବା ପାଇଁ କ୍ରେମଲିନ୍ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାର ପୃଷ୍ଠଭୂମି ପ୍ରସ୍ତୁତ କରାଯାଇଛି। ଆମେରିକାର ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଭ୍ ଉଇଟ୍‌କଫ୍ ଏବଂ ଜେରେଡ୍ କୁଶନର୍ ମସ୍କୋରେ ପହଞ୍ଚିବା ପରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଶନିବାରଠାରୁ ୟୁକ୍ରେନ୍ ରାଜଧାନୀ କିଵ୍ ସମେତ ଅନ୍ୟ ଅଂଚଳରେ ଆକ୍ରମଣକୁ ୩ ଦିନ ପାଇଁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। କ୍ରେମଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍ ଏହି ଗସ୍ତ ଏବଂ ଶାନ୍ତି ଆଲୋଚନା ସମ୍ପର୍କରେ ବିବୃତି ଜାରି କରିଛନ୍ତି। ଅନ୍ୟପଟେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲ୍‌ଡିମିର ଜେଲେନସ୍କି ମଧ ୭୨ ଘଣ୍ଟିଆ ଅସ୍ତ୍ରବିରତିକୁ ନେଇ ସମ୍ମତି ପ୍ରକାଶ କରିଛନ୍ତି।ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶୁକ୍ରବାର ଆମେରିକା ପକ୍ଷରୁ ଏକ ନୂତନ ଏବଂ ପ୍ରତ୍ୟକ୍ଷ ଶାନ୍ତି ପ୍ରସ୍ତାବ ରଖାଯାଇଥିବା ନେଇ ଘୋଷଣା କରିବା ପରେ ଏହି ଆଲୋଚନା ଆରମ୍ଭ ହୋଇଛି। ଟ୍ରମ୍ପ ନିଜର ଦୁଇ ଜଣ ପ୍ରମୁଖ ଆଲୋଚକ ଉଇଟ୍‌କଫ୍ ଏବଂ କୁଶନରଙ୍କୁ ଯୁଦ୍ଧ ବନ୍ଦ କରିବାର ସମ୍ଭାବନା ପରଖିବା ପାଇଁ ପଠାଇଛନ୍ତି। ଆମେରିକୀୟ ପ୍ରତିନିଧି ଦଳ ମସ୍କୋରେ ପହଞ୍ଚିବା ପରେ ରୁଷୀୟ ଦୂତ କିରିଲ୍ ଡିମିଟ୍ରିଏଭ୍ ସେମାନଙ୍କୁ ସ୍ୱାଗତ କରିଛନ୍ତି।

◆◆ପୃଷ୍ଠା ୭

## ଜାତୀୟ ବନ୍ୟପ୍ରାଣୀ ଦିବସ ପାଳିତ

ନୀଳଗିରି ,୫/୦୯ (ନି.ପ୍ର): ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତ ଖଇରବଣି ଓ ଚରଣାପାଳ ଗ୍ରାମରେ ଜାତୀୟ ବନ୍ୟପ୍ରାଣୀ ଦିବସ ପାଳିତ ହୋଇଯାଇଛି। ବନ୍ୟପ୍ରାଣୀ ସୁରକ୍ଷା, ଜୈବବିବିଧତାର ସଂରକ୍ଷଣ ଏବଂ ପ୍ରକୃତି ପ୍ରତି ଲୋକଙ୍କ ଦାୟିତ୍ୱବୋଧ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯୁବପରିବେଶବିତ୍ କମଳଲୋଚନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକଙ୍କୁ ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ସେମାନଙ୍କ ବାସସ୍ଥାନ ସଂରକ୍ଷଣର ଗୁରୁତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା। ବନ୍ୟପ୍ରାଣୀ ଓ ପ୍ରକୃତିର ସୁରକ୍ଷା ବିନା ପରିବେଶର ସନ୍ତୁଳନରକ୍ଷା ସମ୍ଭବ ନୁହେଁ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ରଜନି ସିଂ, ତନ୍ମୟ ସିଂ, ଲକ୍ଷ୍ମଣ ସିଂ, ଗୀତା ସିଂ, ମିନତି ସିଂ, ଶିବାନୀ ସିଂ, ଦେବୀ ସିଂ ଓ ବାଙ୍ଗୁରୁ ସିଂ ପ୍ରମୁଖ ସହଯୋଗ କରିଥିଲେ।

## ମହୁଘର ପାହାଡ଼ ଜୁଆ ମାମଲାରେ ଆଉ ଦୁଇ ଜଣ ଗିରଫ

ଗଞ୍ଜାମ,୫/୦୯ (ନି.ପ୍ର): ବ୍ରହ୍ମପୁର ସଦର ପୋଲିସ ମହୁଘର ପାହାଡ଼ରେ ଚାଲିଥିବା ଜୁଆ ନେଟୱାର୍କର ଆଉ ଦୁଇ ଜଣ ଆୟୋଜକଙ୍କୁ ଗିରଫ କରିଛି। ଗିରଫଦୁଇଜଣହେଲେ ୨୭ ବର୍ଷ ବୟସ୍କ ମୁନା ବିଷୋୟୀ, ଦୀପକ ଗୌଡ (୨୫)। ୧୮ ଅଗଷ୍ଟ ସନ୍ଧ୍ୟାରେ ଗୁପ୍ତ ସୂଚନା ଆଧାରରେ ପୋଲିସ ମହୁଘର ପାହାଡ଼ରେ ଚଢ଼ାଉ କରିଥିଲା। ଦଶରୁ ପନ୍ଦର ଜଣ ମଙ୍ଗାପଟା ଜୁଆ ଖେଳୁଥିଲେ। ପାହାଡ଼ ରାସ୍ତାରେ ଜଗୁଆଳି ଲଗାଯାଇଥିଲା। ଚଢ଼ାଉ ବେଳେ ଅନେକ ଫେରାର ହୋଇଯାଇଥିଲେ।

# ରାଇରଙ୍ଗପୁରରେ କୁଡୁମୀ ସେନାର ବିଶାଳ ଶୋଭାଯାତ୍ରା

## କୁଡୁମୀ ଜାତିକୁ ଆଦିବାସୀ ମାନ୍ୟତା ଦାବି, ଆଜି କଳା ଦିବସ ପାଳନ ପାଇଁ ଆହ୍ୱାନ




ବାରିପଦା,୫/୦୯ (ନି.ପ୍ର): କୁଡୁମୀ ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି (ଏସଟି) ତାଲିକାରେ ପୁନଃ ସାମିଲ କରିବା ଦାବିରେ ରାଇରଙ୍ଗପୁର ସହରରେ ଏକ ବିଶାଳ ଜନସଚେତନତା ମୂଳକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଗାମୀ ସେପ୍ଟେମ୍ବର ୬ ତାରିଖକୁ କଳା ଦିବସ ଭାବେ ପାଳନ କରିବା ଉଦ୍ଦେଶ୍ୟରେ ଲୋକଙ୍କୁ ଏକତ୍ରିତ କରିବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ମଶାଲ ଯାତ୍ରା ସ୍ଥାନୀୟ ମଠ ମନ୍ଦିର ପ୍ରାଙ୍ଗଣରୁ ବାହାରି ସହର ପରିକ୍ରମା କରିବା ସହ ରାଇରଙ୍ଗପୁର ବ୍ଲକ ପଡ଼ିଆରେ ପହଞ୍ଚି ଏକ ସଭା ଆୟୋଜନ ହୋଇଥିଲା। କୁଡୁମୀ ସେନାର ସଭାପତି ଜୟମୁନି ମହାନ୍ତଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ଓ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହଜାର ହଜାର କର୍ମୀ ହାତରେ ଜଳନ୍ତା ମଶାଲ ଧରି ନିଜର ନ୍ୟାର୍ଯ୍ୟ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିଥିଲେ। କୁଡୁମୀ ସେନାର ରାଜ୍ୟ ସଭାପତି ଜୟମୁନି ମହାନ୍ତ ଯୋଗଦେଇ କୁଡୁମୀ ସମ୍ପ୍ରଦାୟ ଦୀର୍ଘ ବର୍ଷ ଧରି ନିଜର ମୌଳିକ ଅଧିକାର ଓ ପରିଚୟର ସୁରକ୍ଷା ପାଇଁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚଳାଇ ଆସିଛି। ୧୯୫୦ ମସିହା ସେପ୍ଟେମ୍ବର ୬ ତାରିଖରେ କୁଡୁମୀ ଜାତିକୁ ଆଦିବାସୀ ମାନ୍ୟତାକୁ ରଦ୍ଦ କରାଯାଇଥିବାରୁ ପୁନଃ ଆଦିବାସୀ ତାଲିକାରେ ସାମିଲ କରାଯିବାକୁ ଦାବୀ କରିଥିଲେ। ସେପ୍ଟେମ୍ବର ୬ ତାରିଖରେ ସମଗ୍ର କୁଡୁମୀ ଭୂମି ଓ ଜିଲ୍ଲା ଓ ବିଭିନ୍ନ ରାଜ୍ୟରେ କଳା ଦିବସ ପାଳନ କରାଯିବା ସହ ଚଳିତବର୍ଷ ମୟୂରଭଞ୍ଜ ଓଡିଶାରୁ ଶତାଧିକ କୁଡୁମୀ ସଂପ୍ରଦାୟର ଲୋକେ ଦିଲ୍ଲୀର ଜନ୍ତରମନ୍ତର ଠାରେ ଧାରଣା ଦେବା ସହିତ, ମୟୂରଭଞ୍ଜ ଜିଲ୍ଲା ବାରିପଦାସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମୁଖରେ ମଧ୍ୟ ବିରୋଧ ପ୍ରଦର୍ଶନ କରାଯିବ ବୋଲି କୁଡୁମୀ ସେନା ସଭାପତି ଘୋଷଣା କରିଥିଲେ। କୁଡୁମୀ ଛାତ୍ରସେନା ସଭାପତି ବରୁଣ କୁମାର ମହାନ୍ତ, ମହିଳା ସେନା ସଭାନେତ୍ରୀ ସୁଜାତା ମହାନ୍ତ ମହିଳା ସେନାର ସୌଭାଗ୍ୟ ମହାନ୍ତ, ଅଷ୍ଟମୀ ମହାନ୍ତ, ଶାନ୍ତିଲତା ମହାନ୍ତ, ଗୌରୀ ମହାନ୍ତ, ସୁକୁମାରୀ ମହାନ୍ତ, କୁଡୁମୀ ଛାତ୍ର ସେନାର ଟିକୁ ମହାନ୍ତ, ସଞ୍ଜୟ ମହାନ୍ତ, ଭବାନୀ ମହାନ୍ତ, ଯୁବ ସେନାର ସାଇରାମ ମହାନ୍ତ, ବିଶ୍ୱନାଥ ମହାନ୍ତ, ମାନଗୋବିନ୍ଦ ମହାନ୍ତ, ମନୋଜ ମହାନ୍ତ ପ୍ରମୁଖ ଶୋଭାଯାତ୍ରା ପରିଚାଳନା କରିଥିଲେ।

# ହାତୀ ଆକ୍ରମଣରେ ଯୁବକ ଗୁରୁତର: କେନ୍ଦୁଝର ସ୍ଥାନାନ୍ତର

ଚମ୍ପୁଆ,୫/୦୯ (ନି.ପ୍ର): ଚମ୍ପୁଆ ବ୍ଲକ ଅଡଙ୍ଗାପାଳ ଗାଁରେ ହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ଜଣକ ହେଉଛନ୍ତି ମଙ୍ଗଳପୁର ଗାଁର ବିଲବିଲା ମୁଣ୍ଡା। ମିଳିଥିବା ସୂଚନା ମୁତାବକ, ଗତକାଲି ରାତିରେ ପ୍ରାୟ ୧୫ଟି ହାତୀ ଥିବା ଏକ ହାତୀପଲ ଅଡଙ୍ଗାପାଳ ଗାଁ ନିକଟସ୍ଥ ଜଙ୍ଗଲକୁ ଚାଲିଆସିଥିଲେ। ଆଜି ବିଲବିଲା ସେହି ହାତୀପଲକୁ ଦେଖିବା ପାଇଁ ଯାଇଥିବା ବେଳେ ହଠାତ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଦଳରୁ ଅଲଗା ହୋଇ ରହିଥିବା ଏକ ଦନ୍ତା ହାତୀ ତାଙ୍କୁ ଗୋଡ଼ାଇଥିଲା। ଏହି ସମୟରେ ଜୀବନ ବିକଳରେ ସେ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ତଳେ ପଡ଼ିଯାଇଥିଲେ ଏବଂ ହାତୀଟି ତାଙ୍କୁ ଗୋଇଠା ମାରି ଆହତ କରିଥିଲା। ଖବର ପାଇ ବନ ବିଭାଗ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଂଚି ଆହତ ବିଲବିଲାଙ୍କୁ ଉଦ୍ଧାର କରି ପ୍ରଥମେ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଗୁରୁତର ଥିବାରୁ, ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ବନ ବିଭାଗ ପକ୍ଷରୁ ସ୍ଥାନୀୟ ଅଂଚଳରେ ହାତୀପଲଙ୍କ ଗତିବିଧି ଉପରେ ନଜର ରଖାଯାଇଛି।

# ପୂର୍ଣ୍ଣମାସୀ ସେବା ସଂସ୍ଥାନର ଗୁରୁ ପୂଜନ ଉତ୍ସବ ପାଳିତ



ବଡ଼ସାହି,୫/୦୯ (ନି.ପ୍ର): ସ୍ଥାନୀୟ ରୁଦ୍ରାଲି କଲ୍ୟାଣ ମଣ୍ଡପ ଠାରେ ମାନବ ଧର୍ମର ମାନ୍ତ୍ରିକ ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କ ନାମରେ ଗଠିତ ପୂର୍ଣ୍ଣମାସୀ ସେବା ସଂସ୍ଥାନ ଆନୁକୂଲ୍ୟରେ ଗୁରୁ ପୂଜନ ଉତ୍ସବ ପାଳିତ ହୋଇଯାଇଅଛି। ଏହି ଉତ୍ସବରେ ବଡ଼ସାହି ବ୍ଲକର ୫୦ଜଣ ଗୁରୁଙ୍କୁ ଉତ୍ତରୀୟ ଓ ଉପଢ଼ୌକନ ପ୍ରଦାନ ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମାନବ ଧର୍ମର ମାନ୍ତ୍ରିକ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଶିକ୍ଷା ଏକ କାମଧେନୁ ସଦୃଶ ଏବଂ ଶିକ୍ଷକ ଶୈକ୍ଷିକ ବିଚାର ମଞ୍ଚର ବିଚାରପତି ବୋଲି ବକ୍ତବ୍ୟ ରଖି ଶିକ୍ଷା ଓ ସଂସ୍କାର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି ବର୍ଣ୍ଣନା କରିଥିଲେ। ଏହି ସଭାରେ ସଭାପତି ଭାବେ ରଣଜିତ କୁମାର ଦାସ, ମୁଖ୍ୟ ବକ୍ତା ଭାବେ ଡ଼ଃ ଜଗତବନ୍ଧୁ ଆଚାର୍ଯ୍ୟ ପୂର୍ଣ୍ଣମାସୀ ସେବା ସଂସ୍ଥାନର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ, ଟ୍ରଷ୍ଟି ମହେଶ୍ୱର ସେନାପତି, ଭଗବାନ ବିଶ୍ୱାଳ, ମନୋରଞ୍ଜନ ବେହେରା, ବେଣୁଧର ଜେନା, ଅନନ୍ତ କୁମାର ଶତପଥୀ, ଅଧ୍ୟାପକ ଅବନୀକାନ୍ତ ଗିରି ପ୍ରମୁଖ ଏବେକାର ଚିତ୍ତ ଚାଞ୍ଚଲ୍ୟ ଶିକ୍ଷା ବ୍ୟବସ୍ଥା ପେଷା କୈନ୍ଦ୍ରିକ ଏବଂ ନୈତିକତା ବିହୀନ ଯୋଗୁଁ ଶିକ୍ଷା ନାମରେ ଅଶିକ୍ଷିତଙ୍କ ପାଇଁ ଘର ପରିବାର ଆଉ ବୈକୁଣ୍ଠ ସମାନ ନୁହେଁ ମନ୍ତବ୍ୟ ରଖିଥିଲେ। ଆସନ୍ତା ବର୍ଷ ଠାରୁ ଏକ ନୂତନ ଗୁରୁ ପୂଜନ ଉତ୍ସବ କମିଟି ଗଠନ କରାଯାଇ ତାହାରି ଆନୁକୂଲ୍ୟରେ ଗୁରୁ ପୂଜନ ଉତ୍ସବ ପାଳନ ହେବ ବୋଲି ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଘୋଷଣା କରିଥିଲେ। ଶଚୀନ୍ଦ୍ର କୁମାର ବିଶ୍ୱାଳ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସର୍ବଶେଷରେ ଧନ୍ୟବାଦ ଅର୍ପଣ କରାଯାଇ ସଭାପତିଙ୍କ ସୂଚନାନୁସାରେ କାର୍ଯ୍ୟକ୍ରମ ସାଙ୍ଗ କରାଯାଇଥିଲା।

# ଗାନ୍ଧୀ ପଡ଼ିଆ ସତସଙ୍ଗ କେନ୍ଦ୍ର ପକ୍ଷରୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ଓ ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ ପାଳନ

ଭଦ୍ରକ,୫/୦୯ (ନି.ପ୍ର): ବିଶ୍ୱ ହିନ୍ଦୁ ପରିଷଦ, ଭଦ୍ରକର ଗାନ୍ଧୀପଡ଼ିଆ ସତସଙ୍ଗ କେନ୍ଦ୍ର ପକ୍ଷରୁ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ, ହିନ୍ଦୁଧର୍ମର ମହାନ ପ୍ରଚାରକ ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ଏବଂ ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ ଅତ୍ୟନ୍ତ ଭକ୍ତିଭାବ ଓ ଉତ୍ସାହର ସହ ପାଳିତ ହୋଇଯାଇଛି। ସୀତାରାମ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ଏକ ବୌଦ୍ଧିକ ସଭାରେ ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜୀବନୀ ତଥା ଧର୍ମାନ୍ତରୀକରଣ ବିରୋଧରେ ତାଙ୍କର ସଂଘର୍ଷପୂର୍ଣ୍ଣ ଜୀବନ ଓ ଦୃଢ଼ ଲଢ଼େଇ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ମୁଖ୍ୟ ଅତିଥି ଭାବେ ରାମାୟଣ ଓ ଗୀତ ଭାଗବତର କଥା ବାଚକ ସ୍ୱାମୀ ମୁକୁନ୍ଦଦେବଜୀ ମହାରାଜ ଯୋଗଦେଇ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀର ମହତ୍ତ୍ୱ, ସନାତନ ଧର୍ମର ବୈଶିଷ୍ଟ୍ୟ ଓ ଧର୍ମ ରକ୍ଷା ପାଇଁ ଉପରେ ଆଶ୍ରିବଚନ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦ, ଓଡ଼ିଶା ପୂର୍ବ ପ୍ରାନ୍ତର ସତସଙ୍ଗ ପ୍ରମୁଖ ହରିହର ତ୍ରିପାଠୀ ବିଶ୍ୱ ହିନ୍ଦୁ ପରିଷଦର ସ୍ଥାପନା ଓ କାର୍ଯ୍ୟ ପନ୍ଥା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ତଥା ବିଶ୍ୱ ହିନ୍ଦୁ ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ଗୋବିନ୍ଦ ଚନ୍ଦ୍ର ରାଉତ ସଭା କାର୍ଯ୍ୟଟିକୁ ସଂଯୋଜନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶ୍ରୀରାମ କୃଷ୍ଣ ଆଶ୍ରମର ଓଡ଼ିଶା ମୁଖ୍ୟ ସ୍ୱାମୀ ଆଶ୍ରୟାନନ୍ଦଜୀ ମହାରାଜ ଏବଂ ପୂଜ୍ୟ ସନ୍ଥ ଜଗବନ୍ଧୁ ମହାରାଜ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ଭାବେ ସମାଜର ବନବାସୀ ଓ ହରିଜନ ସାହି ଗ୍ରାମର ଶତାଧିକ ମୁରବୀ ଓ ମୁଖ୍ୟ ମାନଙ୍କୁ ମଞ୍ଚର ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ହିନ୍ଦୁ ସମାଜ ଭିତରେ ସାମାଜିକ ସମରସତ୍ତା, ଏକତା ବଜାୟ ରଖିବା ତଥା ସମସ୍ତଙ୍କୁ ଏକାଠି ବାନ୍ଧି ରଖିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। ଏତତ୍ ବ୍ୟତିତ ଗାନ୍ଧିପଡ଼ିଆ କାର୍ଯ୍ୟାଳୟରେ ଜନ୍ମାଷ୍ଟମୀ ଉପଲକ୍ଷେ ହୋମଯଜ୍ଞ କରାଯାଇଥିଲା। କାର୍ଯ୍ୟକ୍ରମରେ ନିରଞ୍ଜନ ସାହୁ, ତ୍ରିଲୋଚନ ନାୟକ, ବୃନ୍ଦାବନ ଜେନା, ମାନସ ବାରିକ, ଶରତ ପଢିଆରି, ଶିବ ଶଙ୍କର ଦାସ, ପୁରୁଷୋତ୍ତମ ମହାନ୍ତି, ସୁବାସ ମିଶ୍ର, ରବି ନାରାୟଣ ସାହୁ, ଶ୍ରୀକାନ୍ତ ଲେଙ୍କା, ସରୋଜିନୀ ଦାସ, ନିର୍ମଳ ରାଉତ, ସଞ୍ଜୀବ ମହାନ୍ତି, ବିଭୁ କଲ୍ୟାଣ ସ୍ୱାଇଁ, ପ୍ରଦୀପ ପୁହାଣ, ବିଶ୍ୱ ରଞ୍ଜନ ଦାସ, ଓଁକାର ମହାନ୍ତି, ଦେବୀ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସ୍ୱାଧୀନ ସୁନ୍ଦର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




# ରାଉରକେଲା ଇସ୍ପାତ କାରଖାନାର ସେଲଠାରେ ଆୟୋଜିତ ହୋଇଥିବା ପ୍ରତିଷେଧକ ଭିଜିଲାନ୍ସ ସଚେତନତା କାର୍ଯ୍ୟକ୍ରମ 'ଚେତନା: ଜାଗ୍ରୁଟା ସେ ଜାଗ୍ରତି କି ଓରେ'



ରାଉରକେଲା,୫/୦୯ (ନି.ପ୍ର): ୩ ମାସ ଧରି ଚାଲିଥିବା ସତର୍କତା ସଚେତନତା ଅଭିଯାନ ୨୦୨୬ ର ଏକ ଅଂଶ ସ୍ୱରୂପ, ୩ ସେପ୍ଟେମ୍ବର, ୨୦୨୬ ରେ ସେଲ୍, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ସତର୍କତା ବିଭାଗ ଦ୍ୱାରା ଶିକ୍ଷଣ ଏବଂ ବିକାଶ କେନ୍ଦ୍ରରେ 'ଚେତନା: ଜାଗୃକ୍ତ ସେ ଜାଗୃତି କି ଓର' ଶୀର୍ଷକ ଏକ ପ୍ରତିରୋଧକ ସତର୍କତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରୀଯୁକ୍ତ ରଞ୍ଜନ ଭାରତୀ, ଏଗ (ଜାଗୃତି) ଏବଂ ଇଉଠଙ ଏହି ବିଦାୟ ସମାରୋହରେ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ବିଭାଗର ଯୋଜନା ବିଭାଗର ପ୍ରାୟ ୧୦୦ ଜଣ କାର୍ଯ୍ୟନିର୍ବାହୀ ଏହି ଅଧିବେଶନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ସମୟରେ ସତର୍କତା ସଚେତନତା ସପ୍ତାହ ଉପରେ ଏକ ବିଷୟବସ୍ତୁ ଭିଡିଓ ପ୍ରଦର୍ଶନ କରାଯାଇଥିଲା, ଯେଉଁଥିରେ ନିର୍ଦ୍ଦେଶକ-ଇନ୍-ଚାର୍ଜ (ଉଓଉ) ଶ୍ରୀ ଆଲୋକ ବର୍ମାଙ୍କ ବାର୍ତ୍ତା ମଧ ଥିଲା। ଶ୍ରୀ ଭାରତୀ ଚଳିତ ବର୍ଷର ସତର୍କତା ସଚେତନତା ଅଭିଯାନର ବିଷୟବସ୍ତୁର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କ କାର୍ଯ୍ୟରେ ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖିବାକୁ ମଧ ଉତ୍ସାହିତ କରିଥିଲେ। ଡିଜିଏମ୍ (ସତର୍କତା) ଶ୍ରୀ ସନ୍ଦୀପ ବଂଶଲ ସାଧାରଣ କ୍ରୟ ଉପରେ ବିସ୍ତୃତ ଉପସ୍ଥାପନା କରିଥିଲେ, ଯେଉଁଥିରେ ସେ ବିଭିନ୍ନ କ୍ରୟ ପ୍ରକ୍ରିୟା ବିଷୟରେ ଆଲୋଚନା କରିଥିଲେ ଏବଂ ପ୍ରତ୍ୟେକ କ୍ରୟରେ PCP, SBD, CMMG ନିର୍ଦ୍ଦେଶାବଳୀ ଅନୁସରଣ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶ୍ରୀଯୁକ୍ତ ଏ.କେ. ବିଶ୍ୱାଲ, ଡିଜିଏମ୍ (ସଚେତନତା) 'ପ୍ରତିରୋଧକ ସତର୍କତା' ଉପରେ ଏକ ଅଧିବେଶନରେ ଅଂଶଗ୍ରହଣକାରୀମାନଙ୍କୁ ବିଭିନ୍ନ ସତର୍କତା କାର୍ଯ୍ୟ ଏବଂ ଯୋଜନା ଅଧିକାରୀମାନେ କିପରି ସେମାନଙ୍କ ଭୂମିକାରେ ସ୍ୱଚ୍ଛତା ପାଳନ କରିପାରିବେ ସେ ବିଷୟରେ ଅବଗତ କରାଇଥିଲେ। ଶ୍ରୀଯୁକ୍ତ ଏମ୍.କେ. ସିଂହ, ବରିଷ୍ଠ ପରିଚାଳକ (ସଚେତନତା)ଙ୍କ ଦ୍ୱାରା ABMS ଉପରେ ଏକ ଅଧିବେଶନ ପରିଚାଳନା କରାଯାଇଥିଲା ଯେଉଁଥିରେ ସେ ଇଇଗଝ ନୀତି ବିଷୟରେ ବିସ୍ତୃତ ଭାବରେ ବୁଝାଇଥିଲେ ଏବଂ ଅଭିଯୋଗ ଦାଖଲ କରିବା ପାଇଁ ବିଭିନ୍ନ ବିକଳ୍ପ ବିଷୟରେ ଅଂଶଗ୍ରହଣକାରୀମାନଙ୍କୁ ସୂଚନା ଦେଇଥିଲେ। ଶ୍ରୀଯୁକ୍ତ ସନ୍ଦୀପ ବଂଶଲ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ଭାରତୀୟ ଷ୍ଟେଟ ବ୍ୟାଙ୍କ ବାସୁଦେବପୁର ଶାଖା ପକ୍ଷରୁ ଗୁରୁ ଦିବସ

ବାସୁଦେବପୁର,୫/୦୯ (ନି.ପ୍ର): ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ବାସୁଦେବପୁର ଶାଖା ପକ୍ଷରୁ ବାସୁଦେବପୁର ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମହା ସମାରୋହରେ ଗୁରୁ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ବାସୁଦେବପୁର ଶାଖାର ମୁଖ୍ୟ ପରିଚାଳକ ଅମିତ କୁମାର ସାହୁ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀଳମଣି ବେହେରା, ଏ ବି ଇ ଓ ଉର୍ମିଳା କର, ଷ୍ଟେଟ ବ୍ୟାଙ୍କର ଉପ ଶାଖା ପରିଚାଳକ ପ୍ରଣବ କୁମାର ପାଢ଼ୀ , ଶିକ୍ଷକ ଦିଲ୍ଲୀପ କୁମାର ମିଶ୍ର ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ପବିତ୍ର ଗୁରୁ ଦିବସ ରେ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଅବସରରେ ଷ୍ଟେଟ ବ୍ୟାଙ୍କ ବାସୁଦେବପୁର ଶାଖା ପକ୍ଷରୁ ଶାଖା ପରିଚାଳକ ଅମିତ୍ କୁମାର ସାହୁ ବାସୁଦେବପୁର ବ୍ଲକର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ଏବଂ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ଶିକ୍ଷକ ଦିଲ୍ଲୀପ କୁମାର ମିଶ୍ର ମଞ୍ଚ ସଂଯୋଜନା କରିଥିଲେ। ଶେଷରେ ବ୍ୟାଙ୍କ ମ୍ୟାନେଜର ଅମିତ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବହୁ ସଂଖ୍ୟାରେ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ।




# ମାଲକାନଗିରିରେ ଶିକ୍ଷକ ଦିବସରେ ବଡ଼ ଉପହାର : ୧୭୬ ଶିକ୍ଷକଙ୍କୁ ପଦୋନ୍ନତି

ମାଲକାନଗିରି,୫/୦୯ (ନି.ପ୍ର): ଶିକ୍ଷକ ଦିବସ ଅବସରରେ ମାଲକାନଗିରି ଜିଲ୍ଲା ଶିକ୍ଷା ପରିବାର ପାଇଁ ଖୁସିର ଖବର। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ମାଲକାନଗିରି ତରଫରୁ ଆଜି ୧୭୬ ଜଣ ଲେବଲ୍-୪ ପ୍ରାରମ୍ଭିକ ଶିକ୍ଷକଙ୍କୁ ଲେବଲ-୩ କୁ ପଦୋନ୍ନତି ପ୍ରଦାନ କରାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ତରଫରୁ ଚିଠି ସଂଖ୍ୟା ୫୪୪୭ ଏବଂ ୫୪୫୪ ତା ୩-୯-୨୦୨୬ ମାଧ୍ୟମରେ ପଦୋନ୍ନତି ପାଇବା ଏବଂ ବିଦ୍ୟାଳୟ ନିର୍ଦ୍ଧାରିତ ପାଇଁ ଜିଲ୍ଲାସ୍ତରୀୟ କାଉନସେଲିଂ ପାଇଁ ଆଜି ଆହ୍ୱାନ କରାଯାଇଥିଲା। ଏହି ସନ୍ଦର୍ଭରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ ରଞ୍ଜନ ପାଣିଗ୍ରାହୀ ଶିକ୍ଷକ ଦିବସ ସମ୍ମାନ ସମାରୋହରେ ଘୋଷଣା କରିଥିଲେ ଓ ଶୁଭେଚ୍ଛା ବାର୍ତ୍ତା ଦେଇଥିଲେ। ସମସ୍ତ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧିକାରୀ ଏବଂ କର୍ମକର୍ତ୍ତାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସମ୍ପାଦନ ହୋଇଅଛି।

ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ କହିଥିଲେ, 'ଏହି ପଦୋନ୍ନତି ହେଉଛି ଶିକ୍ଷକମାନଙ୍କ ନିଷ୍ଠା ଓ କଠିନ ପରିଶ୍ରମର ସମ୍ମାନ। ଏହା ଶିକ୍ଷକମାନଙ୍କୁ ଆହୁରି ପ୍ରେରଣା ଦେବ।' ପଦୋନ୍ନତି ପାଇଥିବା ଶିକ୍ଷକମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି ଓ ସେମାନେ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗକୁ ଏନେଇ ଧନ୍ୟବାଦ ଜଣାଇଛନ୍ତି।

# ଇନ୍‌ଟାକ୍ ବାଲେଶ୍ୱର ଚାପ୍‌ଟର୍‌ର ପ୍ରତିଷ୍ଠା ଦିବସ ପାଳନ

ବାଲେଶ୍ୱର,୫/୦୯ (ନି.ପ୍ର): ଇନ୍‌ଟାକ୍ ବାଲେଶ୍ୱର ଚାପ୍‌ଟର୍‌ର ୧୭ (ସତରତମ) ପ୍ରତିଷ୍ଠା ଦିବସ 'ଉଦ୍ୟୋଗ ଭବନ' ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଥମେ ଆବାହନ ପୂର୍ବକ ଆମନ୍ତ୍ରିତ ଅତିଥିମାନଙ୍କୁ ମଞ୍ଚରେ ଆସୀନ ନିମନ୍ତେ ମଞ୍ଚ ଆହ୍ୱାନ କରିଥିଲେ ଗୀତାଞ୍ଜଳୀ ପାଣିଗ୍ରାହୀ। ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ସହ ପ୍ରଦୀପ ପ୍ରଜ୍ୱଳନରେ ସାହାଯ୍ୟ କରିଥିଲେ ଏହି ଚାପ୍‌ଟର୍‌ର ଅନ୍ୟତମ ସହ ଆବାହକ ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ସଦସ୍ୟା ଅଲିଭା ଦାସ ଓ ଗୀତାଞ୍ଜଳି ପାଣିଗ୍ରାହୀ। ଆବାହକ ଉଦୟ ରଞ୍ଜନ ଦାସ ଆବାହନୀ ବକ୍ତବ୍ୟରେ ଆମନ୍ତ୍ରିତ ଅତିଥିମାନଙ୍କୁ ସ୍ୱାଗତ କରିବା ସହ, ବାଲେଶ୍ୱର ଚାପ୍‌ଟର୍ ସମ୍ବନ୍ଧରେ ଓ ଏହାର କାର୍ଯ୍ୟାବଳୀ ବିଷୟରେ ସମ୍ୟକ୍ ଧାରଣା ପ୍ରଦାନ କରିଥିଲେ। ଏହି ଚାପ୍‌ଟର୍‌ର ସହ ଆବାହକ ସଂଗ୍ରାମ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିରିକ୍ତ ସହ ଆବାହକ ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ଜୟନ୍ତ ମର୍ଦ୍ଦରାଜ ହରିଚନ୍ଦନ, ଅନ୍ୟତମ ସଭ୍ୟ ସୌରଭ କୁମାର ବେହେରା ଓ ଅନ୍ୟତମ ଅତିରିକ୍ତ ସହ ଆବାହକ ନିକୁଞ୍ଜ ବିହାରୀ ଦାସ ଯଥାକ୍ରମେ ରାଜ୍ୟ କନ୍‌ଭେନର୍ ଓ ବିଶ୍ୱଜିତ୍ ମହାନ୍ତି ଓ ଡ. ଅମ୍ଲାନ ତ୍ରିପାଠୀ (ଆଇ.ଆର.ଏସ୍.) ରିଟାୟର୍ଡଙ୍କର ବିଷୟରେ କଥା ରଖି ତାଙ୍କର ପରିଚୟ ପ୍ରଦାନ କରିଥିଲେ। ଡ. ବିଶ୍ୱଜିତ୍ ମହାନ୍ତି ବାଲେଶ୍ୱର ଚାପ୍‌ଟର୍ କାର୍ଯ୍ୟାବଳୀ ସମ୍ବନ୍ଧରେ ସମ୍ୟକ୍ ଆଲୋକପାତ କରି ଏହାର କାର୍ଯ୍ୟଶୈଳୀକୁ ଭୂୟସୀ ପ୍ରଶଂସା କରିଥିଲେ। ଡ. ଅମ୍ଲାନ ତ୍ରିପାଠୀ (ଆଇ.ଆର.ଏସ୍) ଚିଫ୍ କମିଶନର ଅଫ୍ ଇନ୍‌କମ୍ ଟ୍ୟାକ୍ସ (ଅବସରପ୍ରାପ୍ତ), ମୁମ୍ବାଇ ତାଙ୍କ ବକ୍ତବ୍ୟରେ ଓ ରାଜା ମହାରାଜ ଜୟନ୍ତ ମର୍ଦ୍ଦରାଜ ହରିଚନ୍ଦନ ଉଭୟ ବାଲେଶ୍ୱର ଚାପ୍‌ଟର୍‌ର ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଚାପ୍‌ଟର୍‌ର ପତ୍ରିକା 'ପରମ୍ପରା'କୁ ସଭ୍ୟ ଭାବଗ୍ରାହୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ପାରମ୍ପରିକ ଭାବେ ଗୁରୁଦିବସରେ ଜଣେ ସ୍ୱନାମଧନ୍ୟ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଗୋପାଳ ଚନ୍ଦ୍ର ନାୟକ ଯେ କି ପି.ଏମ୍.ଶ୍ରୀ ମଣିନାଗେଶ୍ୱର ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଛନ୍ତି, ତାଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନ କରାଗଲା। ଏହି ସମ୍ବର୍ଦ୍ଧନାର ବିବରଣୀ ଓ ମାନପତ୍ର ପାଠ କରିଥିଲେ ସଭ୍ୟ ଶ୍ରୀ ଅଖିଳ କୁମାର ଦାସ। ବିଦ୍ୟାଳୟଭିତ୍ତିକ ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଡ. ଦେବାଶୀଷ ମିଶ୍ର, ଶ୍ରୀମତୀ ଅଲିଭା ଦାସ ଓ ଶ୍ରୀମତୀ ଗୀତାଞ୍ଜଳି ପାଣିଗ୍ରାହୀ ଏହି ପୁରସ୍କାର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଲିଭା ଦାସ ଓ ସଂଘମିତ୍ରା ମହାନ୍ତି ଆମନ୍ତ୍ରିତ ଅତିଥିମାନଙ୍କୁ ମୋମେଣ୍ଟୋ ପ୍ରଦାନ କରି ସମ୍ମାନୀତ କରିଥିଲେ। ଶେଷରେ ଅନ୍ୟତମ ସଭ୍ୟ ହରେନ୍ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଚାପ୍‌ଟର୍‌ର ଅନ୍ୟତମ ସଭ୍ୟ ଲକ୍ଷ୍ମୀକାନ୍ତ ତ୍ରିପାଠୀ, ହରିଶ ଚନ୍ଦ୍ର ବେହେରା, ଶିତିକଣ୍ଠ ଦୀକ୍ଷିତ, ଯଶୋଦାନନ୍ଦନ ଆସ୍, ଦେବେନ୍ଦ୍ର ଧଳ ଓ ଗୌରହରି ନାୟକ ପ୍ରମୁଖ ସହଯୋଗ କରିଥିଲେ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୬ ସେପ୍ଟେମ୍ବର ୨୦୨୬
email :
rabibarachayan2015@gmail.com

ରବିବାର ଚୟନ
ପୃଷ୍ଠା ୩

......ସୁଚୟନ ସୁଚୟନ ସୁଚୟନ.......
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

# ବୁଦ୍ଧ କାହାଣୀ





ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**

## ୪୪ ଆନନ୍ଦ (କ)



ଭିକ୍ଷୁ ଜୀବନର ପ୍ରଥମ କୋଡ଼ିଏ ବର୍ଷ ମଧ୍ୟରେ ବୁଦ୍ଧଙ୍କର କୌଣସି ନିୟମିତ ସେବକ ନଥିଲେ। ଅନେକ ଭିକ୍ଷୁ ବୁଦ୍ଧଙ୍କ ସେବା କରୁଥିଲେ, ତାଙ୍କ ସହିତ ଭିକ୍ଷା ମାଗିବାକୁ ଯାଉଥିଲେ ଏବଂ ତାଙ୍କର ଅତିରିକ୍ତ ପୋଷାକ ଏବଂ ଭିକ୍ଷାପାତ୍ର ବହନ କରୁଥିଲେ। ତାଙ୍କର ସେବା କରୁଥିବା ଭିକ୍ଷୁମାନେ ହେଲେ ନାଗସମଲା, ନାଗିତା, ଉପବନ, ସୁନାଖଚ୍ଚା, କୁଣ୍ଡ, ସଗତ, ରାଧା ଏବଂ ମେଘିଆ।

ଏହି ଭିକ୍ଷୁମାନେ ସର୍ବଦା ତାଙ୍କ ନିର୍ଦ୍ଦେଶ ପାଳନ କରୁନଥିଲେ। ଉଦାହରଣ ସ୍ୱରୂପ, ଦିନେ ଯେତେବେଳେ ବୁଦ୍ଧ ଏବଂ ପୂଜ୍ୟ ନାଗସାମଲା ଏକ ଛକରେ ପହଞ୍ଚିଲେ, ପୂଜ୍ୟ ନାଗସମଲା ଗୋଟିଏ ପଥ ଦେଇ ଯିବାକୁ ନିଷ୍ପତ୍ତି ନେଲେ, ଯଦିଓ ବୁଦ୍ଧ ପରାମର୍ଶ ଦେଇଥିଲେ ଯେ ସେମାନେ ଅନ୍ୟ ପଥ ଦେଇଯିବା ଉଚିତ। ଭିକ୍ଷୁ ତାଙ୍କ ପସନ୍ଦର ରାସ୍ତାରେ ଗଲେ ଯେଉଁଠାରେ ରାଜପଥ-ଡକାୟତମାନେ ତାଙ୍କୁ ଲୁଟି ନେଇଥିଲେ ଏବଂ ମାଡ଼ ମାରିଥିଲେ। ସେ ବୁଦ୍ଧଙ୍କ ପାଖକୁ ଫେରିଆସି ନିଜ ଅବାଧପଣିଆ କଥା କହିଲେ ଏବଂ ସାନ୍ତ୍ୱନା ଲାଭ କଲେ।

ଅନ୍ୟ ଦିନେ, ଯେତେବେଳେ ବୁଦ୍ଧ ଜନ୍ତୁ ଗ୍ରାମକୁ ଯାଉଥିଲେ, ତାଙ୍କ ସହିତ ଚାଲିଥିବା ପୂଜ୍ୟ ମେଘିଆ ଏକ ଆମ୍ବବଗିଚା ପାଖରେ ଅଟକି ତପସ୍ୟା କରିବାକୁ ଚାହୁଁଥିଲେ। ବୁଦ୍ଧ ତାଙ୍କୁ ଏପରି ନ କରିବାକୁ ତିନିଥର ପରାମର୍ଶ ଦେଇଥିଲେ, କିନ୍ତୁ ସେ ତାଙ୍କ ବାଟରେ ଚାଲିଗଲେ। ଶେଷରେ ସେ ବୁଦ୍ଧଙ୍କ ପାଖକୁ ଫେରିଆସିଲେ ଏବଂ ସ୍ୱୀକାର କଲେ ଯେ ସେ ସାଧନାରେ ବିଫଳ ହୋଇଛନ୍ତି କାରଣ ସେ ବଗିଚାରେ ରହିବାର ପ୍ରାୟ ସବୁ ସମୟରେ ତିନିପ୍ରକାରର ମନ୍ଦ ବିଚାର ତାଙ୍କ ମନକୁ ବିଚଳିତ କରୁଥିଲା : ଇନ୍ଦ୍ରିୟଜ ଇଚ୍ଛା, ଦ୍ୱେଷ ଏବଂ ନିଷ୍ଠୁରତାର ବିଚାର।

ଯେତେବେଳେ ବୁଦ୍ଧ ଶ୍ରୀବସ୍ତିର ଜେତବନ ମଠକୁ ଆସିଲେ, ସେ କହିଲେ, "ଏବେ ମୁଁ ବୃଦ୍ଧ ହୋଇଗଲିଣି, ଭିକ୍ଷୁମାନେ। ଯେତେବେଳେ ମୁଁ କହେ, ଆମେ ଏହି ବାଟ ଦେଇଯିବା, କେତେକ ଅନ୍ୟ ବାଟ ଦେଇଯାଆନ୍ତି, କେତେକ ମୋର ଭିକ୍ଷାପାତ୍ର ଏବଂ ପୋଷାକ ଭୂମିରେ ପକାଇ ଦିଅନ୍ତି। ସବୁବେଳେ ମୋର ସେବା କରିବା ପାଇଁ ଜଣେ ଶିଷ୍ୟଙ୍କୁ ବାଛ।" ସେତେବେଳେ ବୁଦ୍ଧଙ୍କ ବୟସ ପଞ୍ଚାବନ ବର୍ଷ ଥିଲା।

ପୂଜ୍ୟ ସାରୀପୁତ୍ତ ଏବଂ ମୋଗଲ୍ଲାନା ଉଭୟ ସ୍ୱେଚ୍ଛାକୃତ ଭାବରେ ସେବାପ୍ରଦାନ କରିବାକୁ ପ୍ରସ୍ତାବ ଦେଲେ, କିନ୍ତୁ ବୁଦ୍ଧ ସ୍ୱୀକାର କରିନଥିଲେ କାରଣ ସେମାନଙ୍କର ସଂସାର ନିମନ୍ତେ ଅନ୍ୟସବୁ ମହତ୍ତ୍ୱପୂର୍ଣ୍ଣ ସେବା କରିବାର ଥିଲା। ଅନ୍ୟ ଶିଷ୍ୟମାନଙ୍କ ପ୍ରସ୍ତାବକୁ ମଧ୍ୟ ପ୍ରତ୍ୟାଖ୍ୟାନ କରାଯାଇଥିଲା। ସ୍ୱୟଂ ବୁଦ୍ଧଙ୍କ ଦ୍ୱାରା ମନୋନୀତ ହେବାକୁ ଅପେକ୍ଷା କରି ପୂଜ୍ୟ ଆନନ୍ଦ ନୀରବ ଥିଲେ। ଅନ୍ୟ ଭିକ୍ଷୁମାନେ ତାଙ୍କୁ ତାଙ୍କର ସେବା ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ।

ବୁଦ୍ଧ କହିଥିଲେ, "ଆନନ୍ଦ ଅନ୍ୟମାନଙ୍କ ଦ୍ୱାରା ଉପସ୍ଥାପିତ ହେବା ଆବଶ୍ୟକ ନୁହେଁ। ସେ ସ୍ୱେଚ୍ଛାରେ ମୋର ସେବା କରିବେ।"

ପୂଜ୍ୟ ଆନନ୍ଦ ଆଠଟି ସର୍ତ୍ତ ସହିତ ନିୟମିତ ଭାବରେ ବୁଦ୍ଧଙ୍କ ସେବା କରିବାକୁ ରାଜି ହୋଇଥିଲେ :


୧. ତାଙ୍କୁ ବୁଦ୍ଧଙ୍କ ଦ୍ୱାରା ପ୍ରାପ୍ତ ପୋଷାକ ଦିଆଯିବା ଉଚିତ ନୁହେଁ।

(କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

# ମିନିଗଳ୍ପ-୨୦

## ମାମଲା (ନ)



**ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ**

ଭାଇ,ଏବେ ବି ଯିବ ଆମ ଗାଁ'କୁ। ସଂଜକୁ ଟିକେ ଉତ୍ତର ଗୋହିରୀ ଆଡକୁ କାନ ଡେରିବ । ତମ ମନ ଯଦି ତାନାଧିନ ତନ୍ଦାନା ନହୋଇଚି ମତେ କହିବ । ଡବଡବଡବଡବ ଧଡ଼ସ ବାଜିବ ଡ୍ରମ୍‌ବାଜା। ଏ ରାବେଣା ଶବ୍ଦ ଛାତି ଦୁଲୁକେଇ ଦବା ପରେ ପରେ ଆତୁର ହୋଇ ଉଠିବ ତୂରୀ କ୍ଲାରିଓନେଟ୍ ବିଗୁଲ୍ ଓ ବଂଶୀ। କୋଉଁଠୁ ଶୁଭିବ ଜାଣିଚନ୍ତି ନା। ଆମ ଖଇରିଖାତ ଗହୀର ସେପଟ ନୂଆଁଣିଆ ଚାଳଘର ମେଲାରୁ। ସେଇଠି ଦଳପତି ଥିବ ଗୋଟାଏ ଗୋରା ତକତକ ଡଉଲଡାଉଲ ବାଗୁରିବାଳିଆ ମଣିଷଟେ। ଆହା ସାମଲପୁଅ ଚିତା କାଟି ଦଉଥିବ ବାହ୍ମଣ ଲେଣ୍ଡାଙ୍କୁ। ସେ ଆଗରୁ ସାକ୍ସୋଫୋନ୍, ତୂରୀ ଫୁଙ୍କୁଥିଲା। ମୋଡିମୋଡି ହେଇଥବ ମୁହଁ ପାଖରୁ ମୁଠୁଣିଏ, ତା ଉପରେ ତିନିଟା କି ଚାରିଟା ନାଡ ଉପରକୁ ଉଠିଥବ। ଆଗରେ ବଡ ଫନେଲଟିଏ ଆଁ ମେଲେଇ ଥବ । ସାମଲପୁଅ ଚାରିଆଙ୍ଗୁଳିକୁ ପ୍ରୟୋଜନ ଅନୁସାରେ ନାଡ଼ମାନଙ୍କ ଉପରେ ଚାପି ସ୍ୱର ଫୁଟଉଥବ । ଆମ ଗାଁ'ଯାତରେ ଭିଲିଆନ ସୀତନା କଳା ଆଲଖାଲା ମାରି ଚୁରୁଟ ଓଠରେ ଚାପି କଳାଚଷମା ପିନ୍ଧି ଯେତେବେଳେ ମଂଚକୁ ଆସୁଥିଲା, ସେତେବେଳେ ସେ ମୁଖବାଦ୍ୟଟିର ଆବଶ୍ୟକତା ବେଶି ପଡୁଥିଲା। ଭିଲିଆନର ଘଡଘଡି କଣ୍ଠକୁ ଏ ବାଦ୍ୟ । ବୋପା ମା । ମଞ୍ଚ ଓ ମଞ୍ଚ ଉଭୟ ଥରୁଥେବେ। ଏ ବାଦ୍ୟକୁ ଯିଏ ବଜଉଥିଲା, ତା ଆଡକୁ ସମସ୍ତଙ୍କ ଲୟ ଥାଏ। ଲୋକମାନେ ଠାରୁଥାନ୍ତି :ଏଇ ଦେଖ ମ ଫକୀରକୁ। କଣ ନବଜଉଚି !

ଫକୀର ନାଁ' କରା ମୁଖବାଦ୍ୟ କଳାକାର। ସେତେବେଳେ ବେଣୀରାମପୁର, ସାତଶଙ୍ଖ, ହରିପା, ଇଚ୍ଛାପୁର ଆଦି ପାର୍ଟିର ମାଲିକ ଆସି ବସନ୍ତ ସାମଲ ଦାଣ୍ଡରେ ଦିନଦିନ ଧରି ଅଧିଆ ପଡୁଥେଲେ। ଫକୀର ମୂଲଚାଲ କରି ଦଳ ବଦଳଉଥେଲା। ଆମ ଗାଁ' ନାଁ' ଡାକ ଥିଲା ଫକୀର ପାଇଁ।

ବସନ୍ତ ସାମଲ ଅଧାପାଗଳା। ଢୋଲ ବଜାଏ। ମହୁରୀ ବଜାଏ। ଲୁଗା ସଫା କରିବାକୁ ସେ ଖାରସୋଡା ପାଏନା। ମଇଳା ଆଣ୍ଠୁନଲୁଚୁଥିବା ଗନ୍ଧିଆ ଲୁଗା ପିନ୍ଧି, କାନ୍ଧରେ ଗାରପକା କଷଗାମୁଛା ପକାଇ ସେ ଯିବ ଖାମିଦଙ୍କ ଦାଣ୍ଡକୁ। ମହୁରୀରେ ପେଁ ପେଁ କରିଦବ। ମାଲିକ ବା ମାଲିକାଣୀ ଆସିଗଲେ ଢୋଲ ବାଡେଇ ଚାରିଘେରା ଡାଉଁଡାଉଁ କରିଦବ।

'ମକୁନ୍ଦା/ଧାକୁଧାକୁନ୍ଦା/ ତୋ ବାପା କେମିତି ମଲା...

ଛୁଆ ତାଳି ମାରି ନାଚିବେ କିରିକିରି ହେଇ। ମାଲିକାଣୀ ତା ମଇଳା ଗାମୁଛାରେ ଚାଉଳକୁଞ୍ଚାଏ ଢାଳିଦେବେ। ସେଥିରେ ସେ ଭାରି ଖୁସି। ଚାଲିବ କଇଲାଣ ଅଜାଡିଅଜାଡି।

ସେ ମଲା ଅଶୀବନିଆରେ କାନ୍ଥପଡି। ତାର ତିନିପୁଅ। ଫକୀର, ନରିଆ, ଟୁନା। ଫକୀର ଟୁନା ଗୋରା ତକତକ। ଫକୀର ଗଉରବର୍ଣ୍ଣକୁ ଡଉଲଡାଉଲ। ଟୁନା ଗୋରା ହେଲେ ବି ପିତାଚେରିଆ। ନରିଆ କାଳିଆ ବୋଦକା, ବାପା ଭଳି ଅଧାପାଗଳା। ତିନିହେଁ ବାଜା୍ ବଜାନ୍ତି। ଫକୀର କିନ୍ତୁ ପୂରାପୂରି ଉସ୍ତାଦ। ତାଙ୍କ ଜାତିର ଅନ୍ୟମାନଙ୍କ ପରି ସେ ଚାଉର, କୁରଥ, ଚୁରା, ଗୁଡ କହେନା। ଆଚରଣ ଓ ଉଚ୍ଚାରଣ ପୂରା ଅଭିଜାତ। ଯେଉଁଠି ନାଚପାର୍ଟି ପଡିବ, ସେଠି ଖାଇଦବ ବାହ୍ମଣଘରେ। ଅଇଁଠା ବାସନ ଛାଡି ଚାଲି ଆସିବ।ସେତେବେଳେ ଏସବୁର ପ୍ରବଳ ବାରଣଚାରଣ। ଏଣୁ, ପଛରେ ଲୋକମାନେ ବି ଏ ବିଷୟରେ ଟୁପୁରୁଟାପର ହୁଅନ୍ତି। ଗାଁ'ଲୋକ ଏବକୁ ସୁଧୁରିଗଲେଣି ବହୁତ।

କିଛି ଦିନ ପରେ ଫକୀର ଛାଡିଦେଲା ନାଚପାର୍ଟି। ରାତି ଅନିଦ୍ରା ଗଲାନି ଦିହରେ। ଏଣେ ତୋଟିରେ ଗୋଟିଏ ଅର୍ବୁଦ ବାହାରିଲା କ୍ଲାରିଓନେଟ୍, ସାକ୍ସୋଫୋନ୍ ଫୁଙ୍କିଫୁଙ୍କି। ଏଣୁ, ଫକୀର ଓଠରେ ଝଟକିଲା ବଂଶୀ। ଆହା ! କି ମୋହନିଆ ସୁର ତୋଳେ ଫକୀର। ଗଛପତ୍ର ବିମୋହିତ ହୋଇଯାଆନ୍ତି। ଦିନକ ବଥାକୁ ଦୂର କରିଦିଏ ଫକୀର ଅଧରର ବଂଶୀସ୍ୱନ।

ଫକୀର ପରିବାର ପିଅନ୍ତି। କାହାର ଟିକେ କମ କାହାର ବେଶି। ସେ ସଂପ୍ରଦାୟ ପାଇଁ ଏହାକୁ ସ୍ୱୀକୃତି ମିଳିଥାଏ । ଅବଶ୍ୟ ସେ ଦେଶୀତାଡି ପିଏନା। ବିଦେଶୀ ପିଏ। ଭଲ ରୋଜଗାର କରେ ବୋଲି ଅୟସରେ ଚଳେ। ସେ ଗାଁ'ରୁ ଆସି ସହରରେ ଭଡାଘରେ ରହିଲା। ଗଢିଲା ବ୍ରାସବ୍ୟାଣ୍ଡ। ଧୁମ ଚାହିଦା ବଢିଲା। ଢେର ପିଇଲା। ଜଣେପଣେ ହୋଇ ଜିଇଁଲା ସତ, ଅର୍ଥ ଅକୁଳାନ ହେଲା ଏଇ ବଦଭ୍ୟାସ ପାଇଁ। ଶେଷରେ ନିଶାସକ୍ତ ହୋଇ ସପରିବାର ଗାଁ'ର ଝୁମ୍ପୁଡିକୁ ଫେରିଲେ। ମାଲିକ ଏବେ ମୂଲିଆ ହୋଇ ବଇଁଶୀ ଫୁଙ୍କିଲେ। ସେ ବୋଧହୁଏ ଏଇ କାମ କରୁଥିଲା କେବଳ ପିଇବା ପାଇଁ। ଥରେ ଗୋଟିଏ ଅନୁଷ୍ଠାନ ତରଫରୁ ମୁଁ ତାକୁ ମାନପତ୍ର ଓ ପୁରସ୍କାରରେ ସମ୍ବର୍ଦ୍ଧିତ କଲି। ଫକୀର କିନ୍ତୁ ଏତେ ଖୁସି ହେଲାନି। ପଛରେ ଅବଶ୍ୟ ଲୋକେ କହୁଥିଲେ : ତାକୁ ପଇସା ଦେଇଥାନ୍ତ ଭଲା। ମଗଜ ଥଣ୍ଡା କରିଥାନ୍ତା। ନିଶାରାକ୍ଷସର କବଳରେ ପଡି ସେ ଜ୍ଞାନ ହରାଇ ବସିଥିଲା। ଥରେ ପ୍ରଚୁର ପିଇ ସେ ରାସ୍ତାରେ ଚିଲେଇଲା। ଅଭଦ୍ର ଭାଷା ବୋଲିଲା। ତାକୁ ଆଣି ପୋଖରୀରେ ବୁଡଉଠ କରେଇଲେ ହେଙ୍ଗେଲାଟୋକା।

ତାପରଠାରୁ ଫକୀର ବୋରାବୋରି ଚୁପ ହୋଇଗଲା। ଆର୍ଥିକ ଅସୁବିଧାରୁ ପିଲାପିଲି ବଡ଼ କଷ୍ଟ ପାଇଲେ। ବଡ଼ପୁଅ ଗୋଟିଏ କମ୍ପାନି ଖୋଜି ରହିଗଲା। ଘରେ ହୁହୁ ଅଭାବ। କଳାକାର କଳା ଅନ୍ଧାରରେ ଘୂରିବୁଲିଲା।

ଦିନେ ଗାଁ'କୁ ଗଲାବେଳକୁ ଶୁଣିଲି ଫକୀରାଇ ଆଉ ନାହିଁ। ହୃଦଘାତରେ ଚାଲିଗଲା। ମୋଟେ ପଞ୍ଚାବନ ଖଣ୍ଡେ ହେଇଥବ କି ନାହିଁ। ମୋ ଅଜଣାତରେ ଆଖିଦୁଇଟା ଛଳଛଳ ହେଇଗଲା। ମନେ ପଡିଗଲା ମୋ ବା'ଘର ବେଳେ ବିନା ପାରିଶ୍ରମିକରେ ସେ ଯାଇଥିଲା ଖାସ ବଇଁଶୀ ବଜେଇବାକୁ। ଆହା ! କି ସୁନ୍ଦର ସ୍ୱରରେ ସେ ଫୁଙ୍କୁଥିଲା: ଶାମ୍ ତେରୀ ବଂଶୀ ପୁକାରେ ରାଧା ନାମ...

ଆମ ଗାଁ' ଆକାଶରୁ ଧ୍ରୁବତାରାଟେ ଖସିଗଲା। ସବୁ ମାମଲା ଖଲାସ ହେଇଗଲା ଚିରଦିନ ପାଇଁ। ମୋ ଲେଖା ପ୍ରଥମ ମଞ୍ଚସ୍ଥ ନାଟକରେ ଯନ୍ତ୍ର ସଙ୍ଗୀତ ମାଷ୍ଟର ବନିଥିଲା ଫକୀରାଇ । ବୋଉ ହାତ ତିଆରି ରୁଟି ଡାଲମା ଖାଇ କେଡେ ପ୍ରଶାନ୍ତିରେ ହାକୁଟିଟେ ମାରି କହୁଥିଲା: ଗୋସେଇଁ ଘର ତୁଅଣ ବଡ଼ ସୁଆଦିଆ...

♥ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ, (ମୋ) ୯୭୭୬୫୪୬୧୩୦

## କବିତା

# 'ଜିଭା ଭେଜ୍'ରେ ଚା' କପେ

**ଶ୍ରୀପ୍ରସାଦ ମହାନ୍ତି**



'ଜିଭା ଭେଜ୍'ର ଚା' କପ୍‌ଟି
ଖାଲି ଚା' କପେ ନଥିଲା ।

ମେଘାଳୟର ତିନିପଟେ ଆସାମ
ଓ ଗୋଟେ ପଟେ ବାଂଲାଦେଶ
ଚାରିଆଡ଼େ ବଙ୍ଗଳାର ପ୍ରଭାବ;
ତଥାପି ବି କେମିତି ଏତେ ଭିନ୍ନ ମେଘାଳୟ ?
ଲୋକସବୁ ଖ୍ରୀଷ୍ଟଧର୍ମର ତ
ନାଁ ଗାଁ ସବୁ ଚୀନ କି ଥାଇଲାଣ୍ଡର ଭଳି ।

ଅଥଚ ପାହାଡ଼ ସନ୍ଧିରେ
ଏଣେତେଣେ ଧାଉଁଥିବା ରାସ୍ତାର
ଗୋଟେ ପଟେ ଆସାମ ତ ଆରପଟେ ମେଘାଳୟ ।

ଶିଲଂ ଯାଉଥିଲା ସିଦ୍ଧାର୍ଥ । ସାଙ୍ଗରେ ମୋନା ।
ଗୌହାଟିରୁ ଘଣ୍ଟେ ପାଖାପାଖି
ରାସ୍ତାରେ ଗଲେ ନାପଙ୍ଗ,
ସେଠି 'ଜିଭା ଭେଜ୍' ଗୋଟେ ସୁନ୍ଦର ରେଷ୍ଟୋରାଁ
ଛୋଟ ମୁଣ୍ଡିଆଟେ ଉପରେ, ପାହାଡ଼ ମେଳରେ
ଗମ୍ବୁଜାକୃତିର, ଆଉ ଚାରିପଟେ
ସଯତ୍ନ ସାଇତା ପତ୍ର-ଫୁଲ
ହାତଧୁଆ ଜାଗା ଓ ପାଇଖାନା ବି ଫୁଲକୁଣ୍ଡରେ ଭରା ।

ମେଘାଳୟ ତ ମେଘର ଆଳୟ
ପୃଥିବୀର ଆଦ୍ରତମ ସ୍ଥାନ ମାଓ୍ୱସିନ୍‌ରାମ
ଓ ଚେରାପୁଞ୍ଜି ଏଠି
ଚାରିଆଡ଼େ ପାହାଡ଼ ହିଁ ପାହାଡ଼

ଅଙ୍କାବଙ୍କା ଧାଉଁଥିବା, ସେତେ ଗହଳି ନଥିବା ରାସ୍ତା
ଗାଡ଼ି ଚଳାଉଥିବ ତ ଚଳାଉଥିବ ଜଣେ
କାମନା କରୁଥିବ, ଏମିତି ଲମ୍ବିଥାଉ ଏଇ ରାସ୍ତା !
ମଝିରେ ଆସୁଥିବ ଉପତ୍ୟକା
କେଉଁଠି କେଉଁଠି ପ୍ରପାତ
ନିର୍ମଳ ଆକାଶରେ ଭସାଭସା ମେଘ
ଆଉ ଶିଲଂ ତ ପୂର୍ବାଞ୍ଚଳର ସ୍କଟ୍‌ଲାଣ୍ଡ !

ଜିଭା ଭେଜ୍ । ସେଇଠି ସିଦ୍ଧାର୍ଥ ।
ବରାଦ ଦେଇଥିବା କପେ ଚା'
ଯୋଉଟା ଖାଲି ଚା' କପେ ନଥିଲା ।

ସବୁ ପାହାଡ଼ରେ ପାଇନ୍ ଗଛ ।
ଝାଉଁଗଛ ଭଳି ପତ୍ର ।

ଛୋଟ ବେଳେ ହଳଦିଆ ମିଶା
ବଢ଼ିଲେ ସବୁଜ ଓ କୋନାକାର
ଦ୍ରୁମ ଯେତେ
ଅଭୟମୁଦ୍ରାରେ ଡାଳ ମେଲାଇ ଉଠିଥାନ୍ତି ।

ସିଦ୍ଧାର୍ଥ ଦେଖୁଥାଏ କାଚଝର୍କାରେ
ମେଘନେସା ପାହାଡ଼, ପାଇନ୍ ବଣ ।
ରେଷ୍ଟୋରାଁରେ ସଜା ପତ୍ର ଓ ଫୁଲଗଛ ସବୁ ।
ଫଟୋ ଉଠାଉଥାନ୍ତି ଅନ୍ୟମାନେ ଓ ମୋନା ।

ନିଜର ଚା' ପାଇଁ ମନା କଲା ମୋନା
ସିଆଡୁ ଆସୁ ଆସୁ ଚା' ଥଣ୍ଡା ହୋଇଯିବ
ଚା' ମନସ୍କ ହେଲେ ପରିବେଶକୁ ଛାଡ଼ିବ !

ଅଧା ପିଇଛି ସିଦ୍ଧାର୍ଥ
'ମୁଁ ପିଇବି' କହି ଧାଇଁ ଆସିଲା ମୋନା
ସିଦ୍ଧାର୍ଥଠୁ ନେଇ
ଟିକିଏ ପିଇ ଫେରାଇ ଦେଲା ପୁଣି ।
ସିଦ୍ଧାର୍ଥ ଚହଲିଗଲା ପିଉ ପିଉ ।

ନୂଆ ନୂଆ ସେ ଦୁହେଁ
ଭଲ ପାଉଥିଲେ ସେତେବେଳେ
ସେତେଟା ପଇସା ନଥିଲା ପାଖରେ

ବେଳେବେଳେ ଭଲ ଖାଇବାକୁ ମନ ହୁଏ
ଭଲ ରେଷ୍ଟୋରାଁରେ
ଗୋଟେ ପ୍ଲେଟ ମଗାଇ ଖାଉଥିଲେ
ଚା' ବି ପିଉଥିଲେ ଗୋଟେ କପ୍‌ରୁ ।

ଏବେ ପ୍ରଶସ୍ତି ଓ ପଇସା
ଗଦେଇ ହୋଇଛି
ଅଥଚ ଲାଗେ ଯେ
ସେତେବେଳର ଭଲ ପାଇବା
ହଜାଇ ଦେଇଛନ୍ତି ଦୁହେଁ;
ପ୍ରଶସ୍ତି ଓ ପଇସାର ବର୍ଦ୍ଧିଷ୍ଣୁ ପାହାଡ଼
ଠିଆ ହେଉଛି ଦୁହିଁଙ୍କ ମଝିରେ !
ଆଉ ଦୁହେଁ ଘୁଞ୍ଚି ଯାଉଛନ୍ତି
ପରସ୍ପରଠାରୁ ଦୂରରୁ ଦୂରକୁ ।

ପୁଣିଥରେ ଆସିଲା ମୋନା
ସିଦ୍ଧାର୍ଥ ହାତରେ ଥିବା କପ୍‌ରୁ
ଚା' ଢ଼ୋକେ ପିଇ ଫେରିଗଲା ।

ସିଦ୍ଧାର୍ଥକୁ ଲାଗିଲା ଯେ
କେହି ବି ବଦଳି ନାହାନ୍ତି
ସିଏ ଖାଲି ଭୁଲିଯାଇଛି
ପରସ୍ପରକୁ
ନିକଟେଇ ଅନୁଭବିବାର କଳା ।

♥ ମାର୍ଫତ୍ / ରୁଦ୍ରପ୍ରସାଦ ମହାନ୍ତି
ମାଣିଷ, ହାଉସିଂବୋର୍ଡ କଲୋନି, ବାଜିଚୌକ
ଢେଙ୍କାନାଳ-୭୫୯୦୦୧
ମୋ: ୯୮୬୧୦୭୬୫୪୯

# ଅପହଞ୍ଚ

**ଶୁଭସ୍ମିତା ତ୍ରିପାଠୀ**



ସହଜ ନଥିଲା ଜମା,
କଣ୍ଟାବାଡ଼ରେ
ମନ ମଧୁମାଳତୀକୁ ଆଉଜେଇ ଦେବା
କେବେ ନଥିବାର ଇନ୍ଦ୍ରଧନୁଟେ ପାଇଁ
ସାତରଙ୍ଗର ସ୍ୱପ୍ନରେ ମସଗୁଲ ହେବା

ଠିକ୍ ପାଣିଗାର ପରି ଜୀବନ,
ଦିକଦିକ ଛାତିତଳ ଅସ୍ୱଷ୍ଟତାରେ
ଜମା ସହଜ ନଥିଲା ଦୀପଟିଏ ଜାଳିବା !

ବାଉଁଶ ବଣରୁ ଫୁଲ ଛିଣ୍ଡେଇ
ବଇଁଶୀ ତିଆରିବାର
କଳା ଶିଖିଥିଲା ବୋଲି ପବନ
ଗାଢ଼ ଦିଶିଲା ପୁନେଇଁର ରାତି
କେଉଁ ଆଖି ହଳକରେ

ଜମାରୁ ସହଜ ନଥିଲା
କଜଳ ସଜେଇ ଝରକା ଖୋଲିବା !

ପାଦଶବ୍ଦରେ ମାପି ହେଉନଥିବା ବେଳେ
ଗୟସ ଫୁଲର ଆୟୁଷ
ବୁନ୍ଦେ ଅଲୋଡା ଅଭିମାନ
ବୁଝି ପାରିଲାନି ରାତି,
ସେତେବେଳେ କିଏ ଜଣେ ଧାର ନେଲା
ରଂଗଣୀ ଫୁଲର ହସ
ସବୁ ଦରଜକୁ ପାଦଚିହ୍ନ କରି
ଥାପିଦେଲା ନଈ କୂଳେ କୂଳେ,
ଲୁହ ବୁନ୍ଦାଙ୍କୁ ତାରା କରି ଫୁଟେଇଲା ଆକାଶରେ
ଦୁଇ ପାପୁଲିରେ ବାଢ଼ିଲା

କେବେ ଛୁଇଁ ନଥିବା ବଂଶୀର ଅବସୋସ
ନିଜେ ସୁର ହେଇ
ଲେଖି ହେବାକୁ ନଈର ସୁଅରେ
ଗାଲ ଭଉଁରୀରୁ ମୁକୁଳେଇ ଦେଲା ଅପହଞ୍ଚତା
ମାନଙ୍କର ରଙ୍ଗ

ସହଜ ନଥିଲା, ନିଆଁରୁ ପାହାଡ଼

ପାହାଡ଼ରୁ ନଈ,
ଆଉ ନଈରୁ ଧାରେ ପାଣି ହେଇ
ସମୁଦ୍ର ଖୋଜିବା !

ଶେଷରେ, ନାଁ ଟିଏ ଦେଇ ହେଲାନି
ସେ ଖୋଜିଲାପଣର ଚିତ୍ରପଟ୍ଟକୁ,
ସବୁ ଛନ୍ଦହରା ଗୀତଙ୍କୁ ସାଇତି
ଯୋଡି ହେଲାନି ମାଳ ଟିଏ,
ଅସ୍ୱଷ୍ଟ ଅନ୍ଧାର ଭିତରେ ଦେଖି ହେଲାନି ବି

ଆଖିକୁ ଚାହିଁ ପାରୁନଥିବା ମୁହଁ ଟିଏ

ମୋ ଆକାଶୀ ରଙ୍ଗର ଅପହଞ୍ଚତାରେ
ବାଲି ଉପରର ସଜଫୁଟା କାଗଜ ଫୁଲ ବି
ଫର୍ଦ୍ଦେ ରଙ୍ଗୀନ ପାଖୁଡ଼ା ଥୋଇ
ଋତୁ ଗୋଟାକୁ ଜାବୁଡି ଧରିବା
କୋଉ ସହଜ ଥିଲା !

♥ ବ୍ରହ୍ମପୁର, ଗଞ୍ଜାମ

# ଜୀବନ ଚଉପଦୀ

**ଯୋଗେଶ ଦାସ**



ଜୀବନର ଅରଣ୍ୟରେ
ବାଘର ହେଣ୍ଟାଳ ଶୁଭେ
ଶୁଭେ ପୁଣି ନୀଳଝର
ତାନ କୁଳୁକୁଳୁ,

ବ୍ୟାଧର ତୂଣୀରେ ହସେ
ଚିକ୍ ଚିକ୍ ଶରପତ୍ର
କାକଳିର ଛାତିତଳେ
ଭୟ ଟୁଳୁଟୁଳୁ !! ॥ ଏକ ॥

ଜୀବନର ହାତଧରି
ମୃତ୍ୟୁହିଁ ନାଚୁଥାଏ
ସୋହାଗର ମେଘସାଥେ
ମାଦଳ ବଜେଇ,

ଜୀବନତ ଧାଉଁଥାଏ
ବାରୁଣାରୁ ଏରକାକୁ
ମୃତ୍ୟୁଠାରୁ ରହିବାକୁ
ଦୂରେଇ ଦୂରେଇ !!॥ ଦୁଇ ॥

ଇନ୍ଦ୍ରଧନୁ ପିଠିପରେ
ପ୍ରଜାପତି ମନନେଇ
ଜୀବନହିଁ ଦେଉଥାଏ
ଅସ୍ଥିର ଉଡାଣ,

ମୁରୁକି ମୁରୁକି ହସି
ମୃତ୍ୟୁହିଁ ମାପୁଥାଏ
ବହୁରଙ୍ଗୀ ଜୀବନର
ଲମ୍ବ-ପ୍ରସ୍ଥ ମାନ !!॥ ତିନି ॥

ରେ ଜୀବନ ! ନିଜେଇ ତ
ରଚିଅଛୁ ମୃତ୍ୟୁ ସାଥେ
ଆଦ୍ୟ ବୁଝାମଣା,ତେବେ
ଦୁଃଖ କାହିଁ ପାଇଁ,

ଅଶ୍ରୁରେ ଭାସି ଭାସି
ଆଜି ତୁ ନିଜକୁ ଖୋଜୁ
ମୃତ୍ୟୁର ଅଗଣାରେ
ନିଜକୁ ହଜେଇ !! ॥ ଚାରି ॥


(ଟୀକା:- ବାରୁଣା = ବାରୁଣାବନ୍ତ
ଏରକା = ଏରକା ଅରଣ୍ୟ)

♥ ଶୂନ୍ୟନୀଡ଼, ସୋର, ବାଲେଶ୍ୱର
ମୋ: ୮୨ ୬୦ ୬୯ ୭୮ ୭୮

# ପାଉଁଜିର ପାଣ୍ଡୁଲିପି-୩୧

**ବିପିନ ମହାନ୍ତି**

## ନାରୀ ଆଉ ନିଆଁ



ମୁଁ ତ ମହାଯୋଗୀ ଶବ୍ଦ ଶୃଙ୍ଗାରେ ଅହରହ ଥାଏ ମାତି
ବ୍ରହ୍ମଚର୍ଯ୍ୟ ମୋ' ବଇରାଗୀ ମନେ ତୁମେ ଜଗାଇଛ ପ୍ରୀତି
ମୁଁ କି ଜାଣିଥିଲି ନାରୀ ଆଉ ନିଆଁ ଦୁହିଁଙ୍କ ଦହନ ଏକା
ନିଆଁକୁ ଧଇଲି ତୁମକୁ ଛୁଇଁଲି ବିଶ୍ୱାସ ମୋ' ହେଲା ପକ୍କା।

ମୋହିନୀ ଗୋ' ମୋ'ର ଧ୍ୟାନ ଭଙ୍ଗକରି ମୋହରେ ବାନ୍ଧିଲ ତୁମେ
ଋଷ୍ୟଶୃଙ୍ଗ ପରି ଧେନୁ ପଛେ ପଛେ ବତ୍ସା ଯେମିତି ଗମେ
ନଚନଚ ତୁମ କୁଚଠୁ ସୁଉଚ୍ଚ ଅଛି ଆଉ କେଉଁ ଶୃଙ୍ଗ
ଉତ୍ତୁଙ୍ଗରୁ ଯା'ର ତପସ୍ୱୀ ମନେ ମୋ' ଅଫୁରନ୍ତ ଅନୁରାଗ।


ତୁମରି ଗାଲର ଭଉଁରିରେ ଯା'ର ସାତସିନ୍ଧୁ କରେ ରାସ
ଏ ପାପୀ ମଣିଷ ଯେଉଁ ଓଅଁରରେ ନିତି କରେ ସହବାସ
ହୃଦୟକୁ ଯିଏ ପାପୁଲିରେ ଥୋଇ ପ୍ରେମିକଟେ ବୋଲି କହେ
ନିଆଁହୁଳା ସାଥେ ତା' ପାଇଁ ଖେଳିବା କିଛି ବଡ଼କଥା ନୁହେଁ।

ପ୍ରେମ କେବେ ନୁହେଁ ବୌଦ୍ଧିକ ବିଳାସ ଜୀବନର ଅଭିଳାଷ
ପ୍ରେମ ବିଶ୍ୱାସର ବାରୁଣାବନ୍ତରେ ବୈରାଗ୍ୟର ଅବସୋସ।

♥ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

# ବଢ଼ି

**ସୁଶୀଲ କୁମାର ପାଣିଗ୍ରାହୀ**



ବଢ଼ିର ହସ
ଛଡାଇନିଏ ନିଦ ।

ମୁଁ ସ୍ୱପ୍ନ ଦେଖିପାରେ ନାହିଁ
ଆଜି ଗୋଟିଏ ସ୍ୱପ୍ନକୁ
ବୀଜ କରିବାର ଥିଲା
ତା ଅଙ୍କୁରିତ ସବୁଜିମାରେ
ମୋତେ ବସା ବାନ୍ଧିବାର ଥିଲା ।

ବଢ଼ି କଣ ବୁଝେ
ଗୋଟିଏ ବୁନ୍ଦାର ଅମୃତ ସ୍ପର୍ଶରେ
ଜୀବନ କେତେ ପ୍ରଭାମୟ
ତୃଣମୂଳରେ ଠୁଳ

ଏ ପୃଥିବୀର କେତେ ସମ୍ଭାବନା ।

ତା ହସରେ ତ ଆଲୁଅ କମ୍
ବେଶି ଅନ୍ଧତ୍ୱର ସୀମା ଡେଇଁବାର
ଦୁର୍ଦ୍ଦାନ୍ତ ନିଶା ।

କିଛି ଚାରା ନ ଥାଏ
ମୁଁ ସୀମାବଦ୍ଧ
ରାତିସାରା ଦେଖୁଥାଏଁ
ନିଜ ଦୀର୍ଘଶ୍ୱାସ ମଧ୍ୟରେ
ଆଶ୍ରୟ ନେଇ
ଦୂରରୁ ଦୂରକୁ ଘୁଞ୍ଚିଯାଉଥିବା ସ୍ୱପ୍ନରୁ
ବାସ୍ତବତା।

♥କଲ୍ୟାଣୀ ରେସିଡ଼େନ୍ସି, ଫ୍ଲାଟ-୨୦୩
ଜଲାନ ଗଳି, ସମ୍ବଲପୁର-୨
(ମୋ) :୮୧୪୪୨୨୮୨୦୨

# ଅନ୍ଧାର ଭିତରେ ଆଲୋକର ସନ୍ଧାନ ଦେବା ହେଉଛି ସାହିତ୍ୟର ଚରମ ଲକ୍ଷ୍ୟ : କନକ ମଞ୍ଜରୀ ସାହୁ

**କନକ ମଂଜରୀ ସାହୁ** ସାଂପ୍ରତିକ ଓଡିଆ ସାହିତ୍ୟ ଜଗତରେ ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ସେ ଜଣେ ସଫଳ ଗାଳ୍ପିକା ଓ ଅନୁବାଦିକା । ଭାରତୀୟ ଭାଷା ସମେତ ନେପାଳୀ ଭାଷା ସାହିତ୍ୟକୁ ଓଡିଆରେ ଅନୁବାଦ କରି ଓଡିଆ ପାଠକଙ୍କ ପାଇଁ ଖୋଲି ଦେଇଛନ୍ତି ପ୍ରବାସର ଝର୍କା । ମୌଳିକ ଗଳ୍ପ ରଚନା କ୍ଷେତ୍ରରେ ମଧ ସେ ଜଣେ ସଫଳ ବିନ୍ଧାଣୀ । ତାଙ୍କ ଲେଖାମାନଙ୍କର ଭାବ ଓ ଉପଯୁକ୍ତ ଶବ୍ଦର ସଠିକ୍ ପ୍ରୟୋଗ ହିଁ ତାଙ୍କର ପରିଚୟ । "ପାରିବାରିକ ବିଭାଜନ, ବୟସ୍କମାନଙ୍କ ପ୍ରତି ଅବହେଳା ଏବଂ ମାନସିକ ଅବସାଦ ଭଳି ବିଷୟ ସାହିତ୍ୟର ମୁଖ୍ୟ ସ୍ୱର ହେବା ଉଚିତ୍" ବୋଲି କହୁଥିବା ଏହି ଲେଖିକାଙ୍କ ସହ ଏଥରର ଆଳାପ...



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ମୋର ଲେଖକୀୟ ଜୀବନ ୧୯୮୫ ମସିହାରୁ ଆରମ୍ଭ ହୋଇଥିଲା । ସେତେବେଳେ ମୋ ଶାଶୁଘର ଗାଁ ମଧୁପୁର ହାଇସ୍କୁଲରେ ବିଶିଷ୍ଟ ପ୍ରାବନ୍ଧିକ ଶ୍ରୀଯୁକ୍ତ ବୈକୁଣ୍ଠ ନାଥ ରଥ ହେଡ୍‌ମାଷ୍ଟର ଥାଆନ୍ତି । ସେ ମୋ ସ୍ୱାମୀଙ୍କୁ ପୁଅ ଭଳି ଶ୍ରଦ୍ଧା କରୁଥିଲେ । ମୋତେ ବି ବହୁତ ଭଲ ପାଉଥିଲେ । ତାଙ୍କର ଅବସର ଉପଲକ୍ଷେ ଏକ ସ୍ମରଣିକା ପ୍ରକାଶ ପାଇବାର ଥିଲା । ସେଥିରେ ମୋ ସ୍ୱାମୀଙ୍କର ଲେଖା ଦେବାର ଥିଲା । ସେତେବେଳେକୁ ମୁଁ ଆଦୌ ଲେଖାଲେଖି କରୁନଥିଲି । କାହିଁକି କେଜାଣି ମୋର ଇଚ୍ଛା ହେଲା ସାର୍‌ଙ୍କ ବିଷୟରେ କିଛି ଲେଖିବାକୁ। ଆମେ ଭଞ୍ଜବିହାରରୁ ସେଦିନ ଗାଁରେ ଯାଇ ପହଂଚିଥାଉ । କାଠ ଚୁଲିରେ ରୋଷେଇ କରୁ କରୁ ସେହି ଚୁଲି ମୁଣ୍ଡରେ କ'ଣ ସବୁ ଗାରେଇଦେଲି । ଫେୟାର କରିବାକୁ ମଧ ସମୟ ପାଇନଥିଲି । କାରଣ ସେଦିନ ଲେଖା ପଠାଇବାର ଶେଷ ତାରିଖ ଥିଲା। ଲେଖାଟି ଯେତେବେଳେ ସ୍ମରଣିକାରେ ପ୍ରକାଶ ପାଇଲା, ସ୍ୱାମୀଙ୍କ ସାଙ୍ଗସାଥି ଏବଂ କେତେକ ପାଠକ କହିଲେ, ଲେଖାଟି ବହୁତ ଭଲ ହେଇଛି । ସେହି 'ଭଲ' ଶବ୍ଦଟି ଆଗକୁ ବଢ଼ିବାକୁ ମୋତେ ପ୍ରେରଣା ଦେଲା । ତା' ପରେ ମୁଁ ଧୀରେ ଧୀରେ ପ୍ରବନ୍ଧ, କବିତା, ଗଳ୍ପ, ଶିଶୁ କବିତା ଏବଂ ଭ୍ରମଣ କାହାଣୀ ଲେଖିଲି । ମୋର ଲେଖାର ପୃଷ୍ଠଭୂମି ମୋ ଗାଁର ପରିବେଶ ଏବଂ ଭଞ୍ଜବିହାରର ପ୍ରାକୃତିକ ପରିବେଶ ଓ ଗୋପାଳପୁରର ବେଳାଭୂମି ଯାହାକି ମୋତେ ଆକୃଷ୍ଟ କରିଥିଲା ଏବଂ ପ୍ରେରଣା ଯୋଗାଇଥିଲା ।

■ ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ଆଦ୍ୟଗୁରୁ ଭାବେ ଯଦି ମୁଁ ସ୍ମରଣ କରିବି ପ୍ରକୃତରେ ସେଇ ବିଶ୍ୱନିୟନ୍ତାଙ୍କୁ, ଯିଏ ମୋ ଭିତରେ ସାହିତ୍ୟ ସୃଷ୍ଟି କରିଛନ୍ତି। ସତ କହିବାକୁ ଗଲେ ମୁଁ ମୋ ନିଜର ପ୍ରେରଣା । ମୋର ଆଗ୍ରହ, ନିଷ୍ଠା, ରୁଚି ମୋ ଭିତରୁ ସ୍ୱତଃପ୍ରବୃତ ଆସିଛି । କିନ୍ତୁ ଏହି ସାହିତ୍ୟ ଯାତ୍ରାରେ ଆଗକୁ ବଢ଼ିବା ପାଇଁ ମୋ ସ୍ୱାମୀଙ୍କଠାରୁ ମୋତେ ଅନେକ ପ୍ରେରଣା ମିଳିଛି । ସେ ଜଣେ ଆନ୍ତର୍ଜାତୀୟ ଇଂରାଜୀ ଲେଖକ ହୋଇଥିବାରୁ ମୋ ଉପରେ ତାଙ୍କର ପ୍ରଭାବ ପଡ଼ିବା ସ୍ୱାଭାବିକ । ଅଶି ଦଶକରେ ଆମେ ରେଭେନ୍ସା କଲେଜ କ୍ୟାମ୍ପସରେ କ୍ୱାର୍ଟରରେ ରହୁଥିବା ସମୟରେ ପ୍ରତି ରବିବାରରେ ଆମ ଘରେ ଏକ ସାହିତ୍ୟ ସଭା ହେଉଥିଲା । ଯାହାର ମୁଖ୍ୟ ଥିଲେ ଶ୍ରୀଯୁକ୍ତ ଚିତ୍ତରଞ୍ଜନ ଦାସ । ଅନେକ ବିଶିଷ୍ଟ ସାହିତ୍ୟିକମାନେ ମଧ ଆସୁଥିଲେ । ପିଲାମାନେ ଛୋଟ ଥିବାରୁ ମୁଁ ସେଥିରେ ଯୋଗ ଦେଇ ନପାରିଲେ ବି ଚିତ୍ତ ଭାଇଙ୍କ ପ୍ରଭାବ ପ୍ରତ୍ୟକ୍ଷ ନହେଲେ ମଧ ପରୋକ୍ଷ ଭାବେ ମୋ ଉପରେ ପଡ଼ିଛି। ଶ୍ରୀଯୁକ୍ତ ବୈକୁଣ୍ଠ ନାଥ ରଥଙ୍କଠାରୁ ମଧ ଅନେକ ପ୍ରେରଣା ପାଇଛି । ଏମାନେ ସମସ୍ତେ ମୋର ନମସ୍ୟ ଏବଂ ଏମାନେ ଏବେ ଦିବଙ୍ଗତ ।

■ ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?

■■ ଦେଖିବାକୁ ଗଲେ ଲେଖକମାନଙ୍କ ଦାୟିତ୍ୱ ପୂର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ଆଧୁନିକ ଜୀବନଶୈଳୀ ଓ ଡିଜିଟାଲ ଯୁଗରେ ମଣିଷ ପରସ୍ପରଠାରୁ ଦୂରେଇ ଯାଉଛି । ପାରିବାରିକ ବିଭାଜନ, ବୟସ୍କମାନଙ୍କ ପ୍ରତି ଅବହେଳା ଏବଂ ମାନସିକ ଅବସାଦ ଭଳି ବିଷୟ ସାହିତ୍ୟର ମୁଖ୍ୟ ସ୍ୱର ହେବା ଉଚିତ୍ । ତା' ବ୍ୟତୀତ ଶ୍ରେଣୀଗତ, ଆର୍ଥିକ ତଥା ଲିଙ୍ଗଗତ ବୈଷମ୍ୟ ସହ ନାରୀ ନିର୍ଯ୍ୟାତନା, ଶିଶୁ ଶ୍ରମିକ ଓ ବେକାରୀ ଭଳି ଜ୍ୱଳନ୍ତ ସମସ୍ୟା ଉପରେ ନିର୍ଭୀକ ଲେଖନୀ ଚାଳନା ଜରୁରୀ । ପ୍ରକୃତିର ବିନାଶ, ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ସୃଷ୍ଟ ସଙ୍କଟକୁ ମାନବୀୟ ସମ୍ବେଦନଶୀଳତା ସହ ଉପସ୍ଥାପନା କରିବା ଦରକାର । ସଂସ୍କୃତି ଓ ମାତୃଭାଷା ପ୍ରତି ନୂତନ ପିଢ଼ିଙ୍କୁ ସଚେତନ କରିବା ମଧ ଜରୁରୀ । ଲେଖନୀ ତଲୱାରଠାରୁ ବି ଅଧିକ ଶକ୍ତିଶାଳୀ । ସାହିତ୍ୟ ତୁରନ୍ତ ରାଜନୈତିକ ବ୍ୟବସ୍ଥା ବଦଳାଇ ନ ପାରେ, କିନ୍ତୁ ଏହା ମଣିଷର ଚିନ୍ତାଧାରା ଓ ବିବେକକୁ ଜାଗ୍ରତ କରାଏ । ଫ୍ରାନ୍ସର ଫରାସୀ ବିପ୍ଳବ ହେଉ କି ଭାରତର ସ୍ୱାଧିନତା ଆନ୍ଦୋଳନ ଏବଂ ଫକିର ମୋହନଙ୍କ 'ଛଅ ମାଣ ଆଠ ଗୁଣ୍ଠ' ଓଡ଼ିଶାର ସାମନ୍ତବାଦ ବିରୋଧରେ ଯେଉଁ ଚେତନା ଜାଗ୍ରତ କରିଥିଲା, ତାହା ସାହିତ୍ୟ ଶକ୍ତିର ବଡ଼ ଉଦାହରଣ ।

■ ସାହିତ୍ୟର ଏତେ ବିଭାଗ ଥାଉ ଥାଉ ଅନୁବାଦ ସାହିତ୍ୟ ପ୍ରତି ଆଗ୍ରହୀ ହେବାର କାରଣ କଣ ? କୋଉ ଭାଷାର ସାହିତ୍ୟ ଆପଣଙ୍କୁ ଅଧିକ ସମୃଦ୍ଧ ଲାଗିଛି ?

■■ ଅନୁବାଦ ଜଗତରେ ମୋର ଯାତ୍ରା ପ୍ରଥମେ ଏକ ବଙ୍ଗଳା ଗପରୁ ଆରମ୍ଭ ହୋଇଥିଲା । ପ୍ରଥମେ ମୁଁ ମୌଳିକ ଲେଖାମାନ ଲେଖୁଥିଲି । ସେସବୁ ପ୍ରମୁଖ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଉଥିଲା ଏବଂ ଆକାଶବାଣୀ ବ୍ରହ୍ମପୁରରେ ମଧ୍ୟ ଏସବୁ ପାଠ କରୁଥିଲି । ଦିନେ ଏକ ବଙ୍ଗଳା ପତ୍ରିକାରୁ ଗପଟିଏ ପଢ଼ିଲି, ଭଲ ଲାଗିଲା । ତାକୁ ଅନୁବାଦ କରିବାକୁ କାହିଁକି ଇଚ୍ଛା ହେଲା ମୁଁ ଜାଣିନି । ତାକୁ ଅନୁବାଦ କରି ଚୁପ୍‌ଚାପ୍ ଦୈନିକ ଖବର କାଗଜ 'ଅନୁପମ ଭାରତ'କୁ ପଠାଇ ଦେଲି । ସେଇଟି ଯେତେବେଳେ ଖବରକାଗଜରେ ପ୍ରକାଶ ପାଇଲା, ମୋ ପାଖକୁ ପାଠକମାନଙ୍କ ପାଖରୁ 'ସୁନ୍ଦର ଅନୁବାଦ' ଏବଂ 'ଭଲ' ହେଇଛି ଲେଖା କେତୋଟି ଚିଠି ଆସିଲା । ବୋଧହୁଏ ତାହା ୮୮/୮୯ ମସିହା ହେବ । ସେତେବେଳକୁ ଫୋନ୍ ଆସିନଥଲା । ମୋ ସ୍ୱାମୀ ପଢ଼ି କହିଲେ, ତୁମେ ତ ଭଲ ଅନୁବାଦ କରିଛ । ସେ କବିତା ଫବିତା ଛାଡ଼, ଅନୁବାଦ କର । ପୁଣି ସେହି 'ଭଲ' ଶବ୍ଦଟି ମୋତେ ଅନୁବାଦ ଦିଗରେ ଆଗକୁ ଯିବାପାଇଁ ପ୍ରେରଣା ଦେଲା । ତା'ବ୍ୟତୀତ ଅନ୍ୟ ଭାଷାଭାଷୀଙ୍କ ଚିନ୍ତାଧାରାକୁ ଆମ ଓଡ଼ିଆ ପାଠକମାନଙ୍କ ପାଖରେ ପହଞ୍ଚେଇବାକୁ ମୋ ମନରେ ଆନନ୍ଦ ଏବଂ ଆଗ୍ରହ ସୃଷ୍ଟି ହେଲା । ସତ କହିବାକୁ ଗଲେ କେଉଁ ଭାଷାର ସାହିତ୍ୟ ସମୃଦ୍ଧ ସେମିତି କିଛି କହିହେବନି । ଆମ ଓଡ଼ିଆ ଭାଷା କ'ଣ ସମୃଦ୍ଧ ନୁହେଁ ? ମୁଁ ପ୍ରାୟ ସମସ୍ତ ଭାରତୀୟ ଭାଷାର ଗଳ୍ପ ଅନୁବାଦ କରିଛି । କିନ୍ତୁ ମୁଁ ଭାଷା ଦେଖେନି।। ସେ ଯେଉଁ ଭାଷାର ହେଇଥାଉନା କାହିଁକି ମୋତେ ଯେଉଁ ପୁସ୍ତକ ବା ଲେଖାଟି ଛୁଏଁ, ମୁଁ ତାକୁ ହିଁ ଅନୁବାଦ କରେ । ତେଣୁ ସମସ୍ତେ ଉଚ୍ଚକୋଟୀର ଲେଖାକୁ ଗୁରୁତ୍ୱ ଦେବା ଦରକାର ।

■ ଅନୁବାଦ ବିଭାଗରେ କାମ କଲାବେଳେ ଲାଗିଛି କି ଆପଣ ଯେମିତି ଅନ୍ୟ ଭାଷାରୁ ଓଡ଼ିଆକୁ ଅନୁବାଦ କରୁଛନ୍ତି ସେମିତି ଓଡ଼ିଆର ଶକ୍ତିଶାଳୀ କୃତିମାନଙ୍କୁ ବି ଅନୁବାଦ କରିବାର ଆବଶ୍ୟକତା ରହିଛି ? ଆପଣ ବ୍ୟକ୍ତିଗତ ଭାବେ କି ପଦକ୍ଷେପ ନେଇଛନ୍ତି ଏଥିପାଇଁ ?

■■ ଅନୁବାଦ ଏକ ଦ୍ୱିମୁଖୀ ସେତୁ । ଯେମିତି ଅନ୍ୟ ଭାଷାର ଉଚ୍ଚକୋଟୀର ସାହିତ୍ୟକୁ ଓଡ଼ିଆ ଭାଷାକୁ ଆଣି ଆମ ପାଠକମାନଙ୍କ ପାଖରେ ପହଂଚାଯାଉଛି କିମ୍ବା ଓଡ଼ିଆ ଭାଷାକୁ ସମୃଦ୍ଧ କରାଯାଉଛି ସେମିତି ଆମ ଭାଷାର କୃତିଗୁଡ଼ିକୁ ଅନୁବାଦ କରି ବୃହତ୍ତର ପାଠକ ସମାଜରେ ପହଞ୍ଚାଇବା ନିତାନ୍ତ ଆବଶ୍ୟକ । କିନ୍ତୁ ମୁଁ ବ୍ୟକ୍ତିଗତ ଭାବେ ଏହି ଦିଗ ପ୍ରତି କୌଣସି ପଦକ୍ଷେପ ନେବାପାଇଁ ଚେଷ୍ଟା କରିନାହିଁ । କାରଣ ଏଥିପାଇଁ ସାଧନା ଦରକାର । ଦୁଇ ନାବରେ ଗୋଡ଼ ଦେଲେ ପଡ଼ିଯିବାର ଭୟ ରହିଛି । ସେଥିପାଇଁ ଆମର କେତେ ଜଣ ଅନୁବାଦକ ଅଛନ୍ତି ଆମ ଓଡ଼ିଆ ଭାଷାରୁ ଅନ୍ୟ ଭାଷାକୁ ଅନୁବାଦ କରୁଛନ୍ତି କିନ୍ତୁ ଯେତିକି ପରିମାଣରେ ଆମ ଭାଷାରୁ ଅନ୍ୟ ଭାଷାରେ ହେବାକଥା ସେତିକି ଅନୁବାଦ ହେଉନାହିଁ ।

■ ଆମେ ପ୍ରତିବେଶୀ ସାହିତ୍ୟକୁ ଯେତିକି ଗୁରୁତ୍ୱ ଦେଉଛୁ, ଅର୍ଥାତ୍ ଯେଉଁ ସଂଖ୍ୟାରେ ପ୍ରତିବେଶୀ ସାହିତ୍ୟ ଅନୁଦିତ ହେଉଛି, ଆମ ଓଡ଼ିଆ ସାହିତ୍ୟକୁ ସେତିକି ଗୁରୁତ୍ୱ ଦିଆଯାଇ ଅନ୍ୟ ଭାଷାରେ ଅନୁବାଦ କରାଯାଉ ନଥିବାର ଅଭିଯୋଗ ହୁଏ । ଏ ବାବଦରେ କଣ କହିବେ ? କଣ କଲେ ଓଡିଆ ସାହିତ୍ୟ ଜାତୀୟ ସ୍ତରରେ ସାମିଲ ହୋଇପାରିବ ?

■■ ଏହି ଅଭିଯୋଗର ଯଥେଷ୍ଟ ସତ୍ୟତା ରହିଛି । ଆମେ ଯେତିକି ଅନ୍ୟ ଭାଷାର ସାହିତ୍ୟକୁ ଅନୁବାଦ କରୁଛୁ ସେହି ଅନୁପାତରେ ଆମ ସାହିତ୍ୟ ଅନ୍ୟ ଭାଷାକୁ ଅନୁଦିତ ହେଉନାହିଁ । ଏହାର କାରଣ ଆମ ମୌଳିକ ସାହିତ୍ୟର ଗୁଣବତ୍ତାରେ କୌଣସି ଅଭାବ ନାହିଁ ବରଂ ଉପଯୁକ୍ତ ମଂଚ, ପ୍ରଚାର ପ୍ରସାର ଏବଂ ସଂଗଠିତ ପ୍ରୟାସର ଅଭାବ ରହିଛି । ଅନ୍ୟ ଭାରତୀୟ ଭାଷାକୁ ଅନୁବାଦ କରିପାରୁଥିବା ଦ୍ୱିଭାଷୀ ବିଶେଷଜ୍ଞ ତିଆରି କରିବା ପାଇଁ କର୍ମଶାଳା ଓ ପ୍ରୋତ୍ସାହନର ବ୍ୟବସ୍ଥା ହେବା ଆବଶ୍ୟକ। ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଓ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଭଳି ପ୍ରତିଷ୍ଠିତ ପ୍ରକାଶନ ସଂସ୍ଥାମାନଙ୍କ ମାଧ୍ୟମରେ ଓଡ଼ିଆର କ୍ଲାସିକ ତଥା ସମସାମୟିକ କୃତିଗୁଡ଼ିକୁ ପ୍ରକାଶ ପାଇଁ ପଦକ୍ଷେପ ନେବା ଦରକାର । ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଏକ ସ୍ୱତନ୍ତ୍ର 'ଅନୁବାଦ ବ୍ୟୁରୋ' ଗଠନ କରାଯାଇ ମନୋନୀତ ଉତ୍କୃଷ୍ଟ ଓଡ଼ିଆ ପୁସ୍ତକ ଗୁଡ଼ିକର ଅନୁବାଦ ପ୍ରକଳ୍ପକୁ ପାଣ୍ଠି ଓ ସହାୟତା ମିଳିବା ଉଚିତ୍ । ଜାତୀୟ ସ୍ତରର ବିଭିନ୍ନ ସାହିତ୍ୟ ମହୋତ୍ସବରେ ଓଡ଼ିଆ ସାହିତ୍ୟର ଆଲୋଚନା ସହ ଇ-ବୁକ୍ ଓ ଅଡ଼ିଓ ବୁକ୍ ମାଧମରେ ଦେଶ ବିଦେଶର ପାଠକମାନଙ୍କ ନିକଟରେ ସହଜରେ ପହଂଚେଇବା ଆବଶ୍ୟକ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ଏକଥା ସତ ଯେ ଆଜିର ଯୁବ ବର୍ଗ ଛାପା ବହିଠାରୁ ଅଧିକ ମୋବାଇଲ ଓ ଇଣ୍ଟରନେଟ ବ୍ୟବହାର କରୁଛନ୍ତି । ତେଣୁ ମାତୃଭାଷାର ଉଚ୍ଚକୋଟୀର ସାହିତ୍ୟକୁ ଇ-ବୁକ୍, ଅଡ଼ିଓ – ବୁକ୍, ପଡ୍‌କାଷ୍ଟ ଓ ୱେବ-ପତ୍ରିକା ମାଧ୍ୟମରେ ସହଜଲଭ୍ୟ କରିବାକୁ ପଡ଼ିବ । ପିଲାମାନଙ୍କୁ ମାତୃଭାଷା ପ୍ରତି ଆକର୍ଷିତ କରିବା ପାଇଁ ସରଳ, ଆକର୍ଷଣୀୟ ଶିଶୁ ସାହିତ୍ୟ, କମିକ୍ସ, ବିଜ୍ଞାନ ଭିତ୍ତିକ ଗଳ୍ପ ଓ ରୋମାଞ୍ଚକର ଉପନ୍ୟାସ ରଚନା ହେବା ଏକାନ୍ତ ଆବଶ୍ୟକ । ଭାଷା କ୍ଲିଷ୍ଟ ନହୋଇ ସମସାମୟିକ ଏବଂ ଜୀବନ୍ତ ହେବା ଦରକାର । ବିଶ୍ୱ ତଥା ଅନ୍ୟ ଭାରତୀୟ ଭାଷାର ଉତ୍କୃଷ୍ଟ ସାହିତ୍ୟ, ଜ୍ଞାନ ବିଜ୍ଞାନ ଓ ଆଧୁନିକ ଚିନ୍ତାଧାରାକୁ ମାତୃଭାଷାରେ ଅନୁବାଦ କରିବା ଦ୍ୱାରା ଭାଷାର ଶବ୍ଦକୋଷ ଓ ପରିସର ବୃଦ୍ଧି ହୁଏ। ଯେଉଁ ଭାଷାରେ ଜ୍ଞାନର ସବୁ ଦିଗ ଉପଲବ୍ଧ, ସେହି ଭାଷା କେବେ ମରେ ନାହିଁ । ସାହିତ୍ୟ ହିଁ ଏକମାତ୍ର ଶକ୍ତିଶାଳୀ ମାଧମ ଯାହା ମାତୃଭାଷାକୁ ଏହି ସଙ୍କଟରୁ ମୁକ୍ତ କରି ପୁନଃପ୍ରତିଷ୍ଠିତ କରିପାରିବ । ଭାଷା କେବଳ ସରକାରୀ ନିୟମରେ ବଂଚେ ନାହିଁ, ତାହା ପାଠକର ହୃଦୟ ଓ ଦୈନନ୍ଦିନ ଅନୁଭୂତିରେ ଜୀବନ୍ତ ରହେ । ଯେତେବେଳେ ଜଣେ ବ୍ୟକ୍ତି ନିଜ ମାତୃଭାଷାର ସାହିତ୍ୟିକ ଗଭୀରତାକୁ ବୁଝିପାରେ, ସେତେବେଳେ ଭାଷା ପ୍ରତି ତା'ର ହୀନମନ୍ୟତା ଦୂର ହୁଏ। ସାହିତ୍ୟ ହେଉଛି ଭାଷାର ପ୍ରାଣ । ଯେ ପର୍ଯ୍ୟନ୍ତ ମାତୃଭାଷାରେ ଉଚ୍ଚମାନର ସୃଜନଶୀଳ କାର୍ଯ୍ୟ ହେଉଥିବ ଏବଂ ତାହା ନୂତନ ପିଢ଼ିର ହୃଦୟକୁ ସ୍ପର୍ଶ କରୁଥିବ, ସେପର୍ଯ୍ୟନ୍ତ ଭାଷା ପ୍ରତି କୌଣସି ସଙ୍କଟ ରହିବ ନାହିଁ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ପୁରସ୍କାର ଜଣେ ଲେଖକ ପାଇଁ ଚରମ ଲକ୍ଷ୍ୟ ନୁହେଁ, କିନ୍ତୁ ଏହାର ଏକ ନିର୍ଦ୍ଦିଷ୍ଟ ମୂଲ୍ୟ ରହିଛି । ପୁରସ୍କାର ଲେଖକର ନିରବଚ୍ଛିନ୍ନ ସାଧନା ଓ ଶ୍ରମକୁ ସାମାଜିକ ସ୍ୱୀକୃତି ପ୍ରଦାନ କରେ । ଏହା ଆଗକୁ ଆହୁରି ଉତ୍ତମ ସାହିତ୍ୟ ସୃଷ୍ଟି କରିବା ପାଇଁ ଏକ ନୂତନ ଉତ୍ସାହ ଓ ପ୍ରେରଣା ଯୋଗାଏ । ଏକ ପୁରସ୍କାର ବା ସମ୍ମାନ ଲେଖକଙ୍କ କୃତୀକୁ ଏକ ବୃହତ୍ତର ପାଠକ ମହଲ, ସମାଲୋଚକ ଏବଂ ଅନ୍ୟ ଭାଷାଭାଷୀଙ୍କ ଦୃଷ୍ଟିକୁ ଆଣିବାରେ ସାହାଯ୍ୟ କରେ । ପୁରସ୍କାର କେବଳ ଏକ ଉପଲବ୍ଧି, କିନ୍ତୁ ଜଣେ ଲେଖକ ପାଇଁ ସବୁଠୁ ବଡ଼ ପୁରସ୍କାର ହେଉଛି, ପାଠକର ଆଖିରେ ଲୁହ, ମୁହଁରେ ହସ ଏବଂ ତା'ର ଚିନ୍ତାଧାରାରେ ଆସିଥିବା ସାମାନ୍ୟତମ ସକାରାତ୍ମକ ପରିବର୍ତ୍ତନ । ଯେଉଁ ଲେଖା ପାଠକର ହୃଦୟକୁ ସ୍ପର୍ଶ କରେ, ତାହା ଯେକୌଣସି ପୁରସ୍କାର ଠାରୁ ବହୁ ଊର୍ଦ୍ଧ୍ୱରେ । ଆଜିର ଯାନ୍ତ୍ରିକ ଦୁନିଆରେ ମଣିଷ ଅନ୍ୟର ଦୁଃଖ ପ୍ରତି ଉଦାସୀନ ହୋଇପଡୁଛି । ସାହିତ୍ୟ ମାଧ୍ୟମରେ ପ୍ରତ୍ୟେକ ମଣିଷ ଅନ୍ୟର ଦୁଃଖ ସୁଖକୁ ବୁଝିବାର ସହାନୁଭୂତି ଶିଖୁ ଏବଂ ନିଜ ହୃଦୟରେ ମାନବିକତାର ବନ୍ଧନକୁ ସର୍ବଦା ଜୀବନ୍ତ ରଖୁ । ଆମେ ଯେତେ ଆଧୁନିକ ହେଲେ ମଧ୍ୟ ନିଜ ମାଟି, ମାତୃଭାଷା ଏବଂ ମୂଳ ମୂଲ୍ୟବୋଧକୁ ଭୁଲିବା ଉଚିତ୍ ନୁହେଁ। ଜାତି- ଧର୍ମ, ଧନୀ-ଦରିଦ୍ର କିମ୍ବା ଭାଷାଗତ ସୀମା ଭିତରେ ବାନ୍ଧି ନହୋଇ, ସମସ୍ତେ ଗୋଟିଏ ବିଶ୍ୱ ପରିବାରର ସଦସ୍ୟ ଭାବେ ଶାନ୍ତି ଓ ଭ୍ରାତୃଭାବରେ ବଂଚିବା ଉଚିତ୍। ସାହିତ୍ୟର ଚରମ ଲକ୍ଷ୍ୟ ହେଉଛି ଅନ୍ଧାର ଭିତରେ ଆଲୋକର ସନ୍ଧାନ ଦେବା ଏବଂ ମଣିଷକୁ ଏକ ଉନ୍ନତ, ସଚେତନ ଓ ସହୃଦୟ ମଣିଷ ଭାବରେ ଗଢ଼ି ତୋଳିବା।

## ■ ଅକ୍ଷରେ କନକ ମଞ୍ଜରୀ ସାହୁ



ଜନ୍ମ- ୧୪-୦୪-୧୯୫୭
ପିତା - ସ୍ୱର୍ଗତ ନବକିଶୋର ସାହୁ
ମା'- ସ୍ୱର୍ଗତା ସତ୍ୟଭାମା ସାହୁ
ସ୍ୱାମୀ - ସ୍ୱର୍ଗତ ପ୍ରଫେସର ଧରଣୀଧର ସାହୁ
ଜନ୍ମସ୍ଥାନ- ମଲ୍ଲପଡା, ଯାଜପୁର
ଠିକଣା - ଶ୍ରାବଣୀ ରେସିଡେନ୍ସି, ପ୍ଲଟ ନଂ- ୧୧୪୪, ଗଡସାହି, ନୟାପଲ୍ଲୀ, ଭୁବନେଶ୍ୱର
(ମୋ) ୭୯୭୮୮୧୪୬୯୬

### ପ୍ରକାଶିତ ପୁସ୍ତକ
(ଅନୁବାଦ ଗଳ୍ପ)
୧-କାଠଘର ଓ ଅନ୍ୟାନ୍ୟ ଗଳ୍ପ
୨- ଆବୁଖାଁର ଛେଳି
୩- ଲାଲ ଦଉଡି ଓ ଅନ୍ୟାନ୍ୟ ଗଳ୍ପ
୪- ରାଧାକୃଷ୍ଣ
୫- ବତ୍ରିଶ ସିଂହାସନ
୬- ସୁଦୂର ଝରଣା ପାଣିରେ
୭- ଆଖିର ପରିଭାଷା
୮- ପାଟଳୀପୁତ୍ରର ସାମ୍ରାଜ୍ଞୀ
୯- ସତ୍ୟଭାମା
୧୦- ଦେଶବିଦେଶର ଲୋକକଥା
୧୧- ଭାରତୀୟ ଓ ନେପାଳୀ ଭାଷାର ନିର୍ବାଚିତ ଗଳ୍ପ
୧୨- ଚାନ୍ଦର ପାହାଡ
୧୩- ଚୀନ୍‌ରେ ସାତଦିନ
୧୪- ନାଦନ ପ୍ରେମମ୍
୧୫- ମଲାଲା
୧୬- ୨୪ଟି ଭାରତୀୟ ଭାଷାର ଗଳ୍ପ ସଂକଳନ
୧୭- ଲଘୁକଥା ସଂଗ୍ରହ

ଗଳ୍ପ ସଂକଳନ
୧. ଅସ୍ତରାଗ
୨- ନିସ୍ତବ୍ଧ ପୃଥିବୀ



ସ୍ମୃତି ଅପାଶୋରା : ଦିବଂଗତ ସ୍ୱାମୀଙ୍କ ସହ ଲେଖିକା କନକ ମଂଜରୀ ସାହୁ...



ସୁଖୀ ପରିବାରର ଚିତ୍ର : ଏକମାତ୍ର ପୁତ୍ର ଓ ଦୁଇ କନ୍ୟା, ସେମାନଙ୍କ ପରିବାର ସଦସ୍ୟଙ୍କ ସହିତ...




ସୁଖୀ ପରିବାର : ସ୍ୱାମୀ, ପୁତ୍ର ଓ ଦୁଇ କନ୍ୟାଙ୍କ ସହିତ ଲେଖିକା କନକ ମଞ୍ଜରୀ ସାହୁ...

# ଧାରାବାହିକ ଅନୁବାଦ ଉପନ୍ୟାସ

ହିନ୍ଦୀ ମୂଳ- ସରୋଜ କୌଶିକ
ଅନୁବାଦ- ନମିତା ପାଇକରାୟ



# ପୂର୍ଣ୍ଣମିଦମ୍



ହିନ୍ଦୀ ସାହିତ୍ୟର ଏକ ବହୁ ଚର୍ଚ୍ଚିତା କଥାଶିଳ୍ପୀ ସରୋଜ କୌଶିକ । ତାଙ୍କର ଜନ୍ମ ୦୬ ଅକ୍ଟୋବର ୧୯୪୦ରେ ଫିରୋଜପୁର ପଞ୍ଜାବ ଅଖଣ୍ଡ ଭାରତରେ ହୋଇଥିଲା । 'ସେ କରାଚୀ, ବମ୍ବେ, କଲିକତାରୁ ଶିକ୍ଷା ଲାଭ କରିଛନ୍ତି । ସମାଜସେବା, ସଂଗୀତ ଏବଂ ପଢ଼ା ଲେଖାରେ ରୁଚି, ମା'ଠାରୁ ପ୍ରଭାବିତ ହୋଇଛନ୍ତି । ବାପାଙ୍କଠାରୁ ସେ ପାଇଛନ୍ତି ନିର୍ଲିପ୍ତତା । ବର୍ତ୍ତମାନ ସୁଦ୍ଧା ତାଙ୍କ ଲେଖନୀ ଚଳଚଞ୍ଚଳ । ତାଙ୍କ ରଚିତ 'ପୂର୍ଣ୍ଣମିଦମ୍'ଉପନ୍ୟାସଟି ତାଙ୍କର ହିନ୍ଦୀ ସାହିତ୍ୟ ଜଗତରେ ବହୁ ଚର୍ଚ୍ଚିତ ଉପନ୍ୟାସ ।

ନମିତା ପାଇକରାୟଙ୍କ ଦ୍ୱାରା ଅନୁଦିତ 'ପୂର୍ଣ୍ଣମିଦମ୍' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୩
(ପୂର୍ବ ପ୍ରକାଶିତ ଉତ୍ତାରୁ)

'ଅସମ୍ଭବ ସ୍ୱାମୀଜୀ' ।

'ବିଧିର ରହସ୍ୟ । ରହସ୍ୟର ସେପାଖକୁ ମୁଁ ଦେଖି ପାରୁଛି ରାମଦାସ । ପ୍ରକାଶିତ ହେବା ପାଇଁ ତାର ଅନ୍ଧାର ଭାଗ୍ୟ ତାକୁ ଏଇଠିକୁ ନେଇ ଆସିଛି । ପୂର୍ଣ୍ଣମଦଃ ମନ୍ତ୍ର ଦେବା ବି ବିଧିର ବିଧାନ ଅଟେ ରାମଦାସ । ପୂର୍ଣ୍ଣତା ପାଇବା ପାଇଁ ଏହା ପ୍ରଥମ କିରଣ । ଏହାକୁ କୁହାଯାଏ ଭାଗ୍ୟ ବିଧିର ଭବିତବ୍ୟତା ।

ସ୍ୱାମୀଜୀଙ୍କ କଥା ଶୁଣି, ନଶୁଣିଲା ପରି ଅଭିନୟ କଲେ ସେଠଜୀ । ଅତିମାନସିକ ସୃଷ୍ଟିର ସ୍ୱାମୀଜୀ- ସବୁ କଳାର ଅଧିକାରୀ ଥିଲେ। ସେ ତାଙ୍କ ମୃଦଙ୍ଗର ତାଳରେ ରିଚାକୁ ନୃତ୍ୟକଳା ଶିଖାଇଲେ । ସଂଗୀତ ଜ୍ଞାନ ଦେବା ଆରମ୍ଭ କରିଦେଲେ । ଶାସ୍ତ୍ରୀୟ ସଂଗୀତ ଠାରୁ ଆରମ୍ଭ କରି ରବିବାବୁ ବାଉଲ ଗୀତ ପର୍ଯ୍ୟନ୍ତ । କାଳିଦାସଙ୍କ ଲେଖା, ଗୀତ ଗୋବିନ୍ଦ ଜୟଦେବଙ୍କର ସବୁ ସଂଗୀତ ଶିକ୍ଷା ଗ୍ରହଣ କଲା ରିଚା । ଧ୍ରୁପଦ, ଖୟାଲ, ଚୈତି, କଜରୀ, ଠୁମରୀ, ଦାଦରା ସବୁ ରିଚା ଶିଖି ଚାଲିଲା ।

ନୂଆ ଜୀବନ, ନୂଆ ପରିବେଶ, ନୂଆ ଅନୁଭବ। ମୃଦଙ୍ଗର ତାଳରେ, ବୀଣାର ଝଙ୍କାରରେ ଏବଂ ନୂପୁରରେ ରୁଣୁଝୁଣୁରେ ଧୀରେ ଧୀରେ ବଂଶୀର ଧ୍ୱନି ହଜିବାକୁ ଲାଗିଲା।

ରିଚା ଭିତରେ ଗୋଟିଏ ବିଶ୍ୱାସ ଥିଲା କି, ତା'ର ଏ ନୂଆ ଜୀବନକୁ ଠିକ୍ ଦିଗ, ଏକ ମାର୍ଜିତ ସମାଧାନର ପରିଚୟ ଦେଇ ପାରିବ। ଗ୍ରହଣ କରିବା କଠିନ ଥିଲା, ବ୍ୟସ୍ତତା ବି କଠିନ ଥିଲା, କିନ୍ତୁ ସବୁଥିରେ ଏକ ଆତ୍ମିୟ ସାର୍ଥକତାର ଉପସ୍ଥିତିର ଗୁଞ୍ଜନ ଶୁଭୁଥିଲା, ଶୂନ୍ୟବୋଧ ଠାରୁ ଆହୁରି ଉପରେ । ରବିନ୍ଦ୍ରନାଥଙ୍କ ସ୍ମୃତି ତାକୁ ଅନୁପ୍ରେରିତ କରୁଥିଲା । କବି ଗୁରୁ ତାଙ୍କ ଜୀବନରେ ପତ୍ନୀର ମୃତ୍ୟୁ, ପୁତ୍ର ପୁତ୍ରୀଙ୍କ ମୃତ୍ୟୁ ସବୁ ଦେଖି ମଧ ସେ ଆଗକୁ ବଢ଼ି ଚାଲିଥିଲେ। କିନ୍ତୁ ସବୁ ସହିଲା ପରେ ସେ କେତେ ଆଗକୁ ଯାଇ ପାରିଥିଲେ ! ସେମିତି ଦେଖିଲେ ତାଙ୍କ ଦୁଃଖ ସାମ୍ନାରେ, ତାର ଦୁଃଖ କଣ ? ଶୂନ୍ୟବୋଧ କାହିଁକି ? ଏବଂ ଅଛି କି ? ସତ୍ୟ, ସମୟର ଗତିକୁ ହସ୍ତବନ୍ଧ କରିବା ଅସମ୍ଭବ ନୁହେଁ, ସମ୍ଭବ ବି ନୁହେଁ । ଜୀବନର ରଣଭୂମିରେ ଗୋଟେ ପଟେ ଦେବୀଶକ୍ତିମାନେ ନିଜର ସ୍ନେହ ଶ୍ରଦ୍ଧା, କୃପା କରୁଣା ଧର୍ମରେ ବାନ୍ଧିଥିଲେ ତ ଅନ୍ୟପଟେ ଦୁର୍ବଳ ଶକ୍ତିମାନେ ତାଙ୍କ ଆକ୍ରୋଶ ଅନିଶ୍ଚିତତା ସହ ତୀବ୍ର ଶସ୍ତ୍ରରେ ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ ଏବଂ ତତ୍ପର ଥିଲେ। ମନେ ମନେ ରିଚା କହିଲା, 'ତୁମ ଦେଇଥିବା ପ୍ରାଣ, ତୁମେ ଦେଇଥିବା ଦୁଃଖ, ତୁମେ ଦେଇଥିବା ହୃଦୟରେ ଅନୁଭବ ଏବଂ ଶୋଇ ପଡ଼ିଲା ସଂପୂର୍ଣ୍ଣ ସମର୍ପଣ।

ପ୍ରାତଃକାଳ, ସେ ଆକାଶକୁ ଚାହିଁଥିଲା । ଶୂନ୍ୟକୁ ଦୃଷ୍ଟିଥିଲା । ଶୂନ୍ୟ ମାନେ ଆକାଶ, ଶୂନ୍ୟମାନେ ବାୟୁ ମଣ୍ଡଳ । ଶୂନ୍ୟ ଆଡ଼କୁ ଚାହିଁବାକୁ ତାକୁ ଭଲ ଲାଗୁଥିଲା । ସେଠାରୁ ତାକୁ ଏକ ଗଭୀର ଆଶ୍ୱସ୍ତି, ଏକ ପୁରା ବିଶ୍ୱାସ ମିଳୁଥିଲା । ସେଇଥିପାଇଁ ତ ରବୀନ୍ଦ୍ରନାଥ ଠାକୁରଙ୍କ ସଂଗୀତକୁ ଶ୍ରଦ୍ଧା ସହକାରେ ଗାଇ ପାରୁଥିଲେ ।

ଜୀବନ ଜଖନ ଶୁକାୟେ ଜାୟ,
କରୁଣା ଧାରାୟ ଏସୋ,
ସକଳ ମାଧୁରୀ ଲୁକାୟ ଜାୟ,
ଗୀତ ସୁଧା ରସ ଏସୋ ।
ଜୀବନ ଯେଉଁଠି ଶୁଖିଯାଏ, କରୁଣା ଧାରାରେ ଆସ,
ସକଳ ମାଧୁରୀ ଲୁଚିଯାଏ,
ଗାଅ ଗୀତ ସୁଧା ରସ ।

ସ୍ୱାମୀଜୀଙ୍କ ଆଖି ଛଳଛଳ ହୋଇଗଲା । ବୁଲିପଡ଼ି ରାମଦାସଙ୍କୁ କହିଲେ, 'ଦେଖ ରାମଦାସ ମୋ ବଜାର ଶୀତଳ ପଡ଼ିଯିବ ।'

ରିଚା ହତପ୍ରଭ । କଣ ସତରେ ବାବା ବି ବଜାର ଲଗାନ୍ତି ? ସଙ୍ଗେ ସଙ୍ଗେ ପଚାରି ଦେଲା, 'ବାଃ ବାବା, ଆପଣ ତ କେବେ କହି ନାହାଁନ୍ତି ଆପଣ ବଜାର ଲଗାନ୍ତି ବୋଲି ? କେଉଁଠାରେ ଲଗାଅ ବାବା ? ମୁଁ ବି ଯିବି । ବହୁତ ସାରା ଜିନିଷ ସେଠୁ କିଣିବି । ବାବା ସାଙ୍ଗରେ ନେବ ତ ? ପ୍ରଶ୍ନରେ ଶିଶୁ ପରି ସରଳତା ଥିଲା ।

'ଆରେ ପାଗଳୀ, ଏ ଦୁନିଆଟା ତ ହାଟ ବଜାର । ଦେଖୁନୁ ସନ୍ୟାସୀମାନେ ଦୂରଦର୍ଶନରେ କେମିତି ପ୍ରବଚନ ଚ୍ୟାନେଲ ଖୋଲି ବସିଛନ୍ତି । ଏବଂ ମୁଁ ଏଠି ବସି ତୋତେ, ରାମଦାସକୁ, ଗାଁ ବାଲାଙ୍କୁ ଯେଉଁ ଧର୍ମର କଥା କହୁଛି, ସେ ସବୁ ତୋ ରସଭରା ସ୍ୱରର ଗୀତ ଛାଡ଼ି କିଏ ଶୁଣିବ କହିଲୁ ଭଲା ?'

ସଂପୂର୍ଣ୍ଣା ନନ୍ଦଜୀ ହସି ହସି ରିଚାକୁ କହିଲେ। ରିଚା ଚିଡ଼ି ଯାଇ କହିଲା, 'ଠିକ୍ କହିଲେ ବାବା, ଜାଣିଛ ମୋ ସ୍ୱରରେ ରସ ମାଧୁର୍ଯ୍ୟ ଆପଣଙ୍କ ଭକ୍ତିରସ ଭରା କଥା ଶୁଣି ଶୁଣି ଆସୁଛି । ସଂଗୀତ ଜାଗ୍ରତ ହୋଇଯାଉଛି ଏବଂ ସ୍ୱର ସହ ତପସାଧନା କରୁଛି । ଦୁଇଦିନ ମୋତେ ଭକ୍ତିରସ ଠାରୁ ଦୂରେଇ ରଖନ୍ତୁ ଦେଖିବେ, ଏ ସରସ୍ୱତୀ ସାବିତ୍ରୀ କେତେ ବେସୁରା ଗୀତ ଗାଉଛି । ନୀରସ ଗୀତ ଗାଉଛି ।'

ବାବା ହସି ଦେଲେ । 'ଆଚ୍ଛା, ତୁ ଖାଲି କଥା କହୁଥିବୁ ନା ତୋ ବାବୁସାଙ୍କର ଭୋଜନ ବନ୍ଦୋବସ୍ତ କରିବାକୁ ରୋଷଶାଳରେ ପିଉସୀକୁ କହିବୁ ।'

ରିଚା ଯିବା ମାତ୍ରେ ବୈଠକ ପୁଣି ଆରମ୍ଭ ହୋଇଗଲା । ସଂପୂର୍ଣ୍ଣାନନ୍ଦଜୀ କହିଲେ, କୃଷ୍ଣ କୃଷ୍ଣ ହରେ କୃଷ୍ଣ । ସବୁ ତୀର୍ଥସ୍ଥଳରେ ଦେଖୁଛି, ସେଠାରେ ହାତରେ ଗଙ୍ଗାଜଳ ନେଇ କହୁଛନ୍ତି, 'ପାପାହଂ ପାପ କର୍ମେହ ପାପାତ୍ମା ପାପ ସଂଭବ ।' ଏବଂ କେହି ଯଦି ଆସି କହିଦେବ ତାକୁ ପାପୀ ବୋଲି, କ୍ରୋଧରେ ଭୟଙ୍କର ମୂର୍ତ୍ତୀ ହେବ । ଭଗବାନଙ୍କ ସମ୍ମୁଖରେ ବି କପଟ ରାମଦାସ । ତୀର୍ଥ ଯାଇକି ବି ପ୍ରଭୂଙ୍କ ଚରଣରେ ମନକୁ ସଂସ୍କାରିତ କରି ପାରେନାହିଁ । ସତ୍ୟଯୁଗର ମନ୍ଦିରରେ କଳିଯୁଗର ମନ ନେଇ ପ୍ରବେଶ କରୁଛି । ମଣିଷର କେତେବଡ଼ ମୂର୍ଖତା କି ସେ ପ୍ରଭୂଙ୍କୁ ମୂର୍ଖ ଭାବୁଛି ।' ସେତିକି ବେଳକୁ ରୋଷେଇ ସରିବା ସୂଚନା ମିଳିଲା ।

- ଚାଲ ରାମଦାସ, ମା' ଅନ୍ନପୂର୍ଣ୍ଣାଙ୍କ ଆଦେଶରେ ଉଠି ଠିଆ ନହେଲେ, ଜାଣିଥା ଆଜି ଉପବାସ ଦିବସ ।'

ରିଚା ବିଛଣାରେ ଶୋଇ ଶୋଇ ଭାବୁଥିଲା । ତା'ର ସତ୍ୟ ମଠ ନୁହେଁ ତ ଆଉ କଣ ? ତା'ର ଜୀବନର ସତ୍ୟ କଣ ? ବାବାଙ୍କ ବାଣୀ ମିଥ୍ୟା ହେବ ନାହିଁ । ଯାହା ବି ହେଉ 'ଆତ୍ମାନ୍ ସତତ ରତେ ।' ନିଜ ରକ୍ଷା ପାଇଁ ସବୁ ସତ୍ୟକୁ ସାମ୍ନା କରିବାକୁ ପଡ଼ିବ । କଣ୍ଟା କେତେ କ୍ଷୁଦ୍ର ହେଉ ପଛେ ଫୁଟାଇବା କ୍ଷମତା ତା'ର କମ୍ ନଥାଏ । ମାନର ଅଭିମାନ- ସୁଖ ଦୁଃଖର କଣ୍ଟକ । ତେଣୁ ରବିନ୍ଦ୍ରନାଥ ଲେଖିଥିଲେ-

ଆମାର ମାଥା ନତକୋରେ ଦାଓ ହେ
ତୋମାର ଚରଣ ଧୁଲାର ଲେ,
ସକଳ ଅହଂକାର ହେ ଆମାର
ଡୁବାଓ ଚୋଖେର ଜଲେ ।
ମୋର ମଥାନତ କରି ଦିଅ ହେ
ତୁମ ଚରଣ ଧୂଳି ଦିଅ
ସକଳ ଅହଂକାର ମୋର
ମୋ ଆଖିର ଜଳରେ ଭିଜାଇ ଦିଅ ।

ରବିନ୍ଦ୍ରନାଥଙ୍କ ଗୀତ ଗାଉ ଗାଉ କେତେବେଳେ ଆଖି ଲାଗିଯାଇଛି । ଆଖି ଖୋଲିଲା ବେଳକୁ ମଠରେ କୋଳାହଳ ହେଉଥିଲା । ଖବର ଆସିଲା ବାବାଙ୍କ ମହାପ୍ରୟାଣ ହୋଇଯାଇଛି । ଏବେ କେଉଁ ସତ୍ୟ ପ୍ରକଟ ହେବ । ତାକୁ ଲାଗିଲା ବାବାଙ୍କ ବିନା ତା'ର ଗୋଟିଏ ଅସ୍ଥିର ଜୀବନର ବ୍ୟଥା କଥା ଆରମ୍ଭ ହୋଇଯିବ । ସତ୍ୟ, ବାବାଙ୍କ ସହ ମଠରେ ଏକ ସହଜ ଜୀବନ ଚାଲିଥିଲା । ଅଚାନକ ସବୁ ସ୍ଥିର ହୋଇଯିବ କି ଛିନଛତ୍ର ହୋଇଯିବ ।

ରିଚା ଘରୁ ଫେରିଲା ପରେ, ବିରୁର ବି ଜୀବନ ଛିନ୍ନଛତ୍ର ହୋଇଯାଇଥିଲା । ସ୍ୱୀକାର କରି ପାରୁନଥିଲା କି, ତାର ଆଉ ରିଚା ସହ କେବେ ଦେଖା ହୋଇ ପାରିବନି । କିନ୍ତୁ ସ୍ୱୀକାର ନକଲେ ବି କଳାକୁ କଳା ହିଁ ତ କୁହାଯିବ । କଡ଼ାକୁ ମିଠା କହିବା ମାନେ ଅସତ୍ୟକୁ ପ୍ରତିଷ୍ଠା ଦେବା କଥା ହେବ । ରିଚାକୁ ତାର ସତ୍ୟତା ପ୍ରମାଣ ଦେବା ପାଇଁ, ଭୋର ସକାଳୁ ଗାଁ ଛାଡ଼ିଦେଲା । ସକାଳୁ ସକାଳୁ ନିଆଁ ପରି ଗାଁ ସାରା ପ୍ରଘଟ ହୋଇଗଲା । ରାମୁ କୁମ୍ଭାରର ପୁଅ ଗାଁ ଛାଡ଼ି ପଳେଇଛି । ଟୁକ୍‌ଟୁକୀକୁ ଏ ଖବର ମିଳିବ ଆଉ ରିଚା ପର୍ଯ୍ୟନ୍ତ ପହଞ୍ଚିବନି ? ଏହା ସମ୍ଭବ ନୁହେଁ । ରିଚା ବି ଶୁଣିଲା । ନା ପ୍ରତିକାର, ନା ପ୍ରତିଶୋଧ । ନା ଦୁଃଖ, ନା, ପଶ୍ଚାତାପ । ହଁ, ବିରୁ ଗାଁ ଛାଡ଼ି ଯଦି ନଯାଇ ଥାଆନ୍ତା ତା' ହେଲେ ରିଚାକୁ ଆଶ୍ଚର୍ଯ୍ୟ ଲାଗିଥାଆନ୍ତା ।

ବିରେଶ୍ୱର ଦୁଇଯୋଡ଼ା ପୋଷାକ, କିଛି ଟଙ୍କା, କିଛି ପୁସ୍ତକ ଧରି କଲିକତା ଯାଉଥିବା ରେଲଗାଡ଼ିରେ ବସିଗଲା । ଗୌରାର କଲିକତାର ଠିକଣା ପକେଟ୍‌ରେ ଯତ୍ନରେ ରଖିଥିଲା । ମଝିରେ ମଝିରେ କାଢ଼ି ଦେଖୁଥିଲା । ଗୌରା ଘରକୁ ଯିବାକୁ ତାକୁ ସଂକୋଚ ଲାଗୁଥିଲା । ରିଚା ପାଇଁ ଆସିଥିବାରୁ ବିରୁକୁ ସହର୍ଷ ସାହାଯ୍ୟ ନିଶ୍ଚୟ କରିବ । କିନ୍ତୁ ଏକ ବ୍ୟଙ୍ଗାତ୍ମକ ଭାବରେ । ଏ ତ ରିଚାର ଅପମାନ ହେବ । ଯାହା କେବେ ତା'ର ମାନ୍ୟ ହେବା କଥା ନୁହେଁ । ଗୌରା ସହ ସମ୍ମାନ ସହ ସେ ଦେଖା କରିବ । ଆଗେ ଦୁଇ ଓଳି ଖାଇବା ବନ୍ଦୋବସ୍ତ କରିବାକୁ ପଡ଼ିବ । ବିରେଶ୍ୱର ମନରୁ ଚିନ୍ତା ହଟାଇବା ପାଇଁ ବ୍ୟାଗରୁ ପୁସ୍ତକ ଗୋଟିଏ ବାହାର କଲା ଆଉ ପଢ଼ିବାକୁ ଲାଗିଲା । ତା' ପାଖରେ ବସିଥିବା ସୁନ୍ଦର ସୁଗଢ଼ଣର ମହିଳା ଜଣକ ତାକୁ ପଚାରିଲେ, 'କଲିକତା କଣ ପ୍ରଥମଥର ଯାଉଛ ?'

'ହଁ' ।

ତା' ଆଖି ଦୁଇଟି ସେ ମହିଳା ଉପରକୁ ଗଲା।

ଭଦ୍ର ମହିଳା ଜଣକୁ ବିରୁକୁ କିଛି ଖାଇବାକୁ ଦେଲେ ଏବଂ କହିଲେ, 'କଲିକତାରେ କୁଆଡ଼େ ଯିବ, କଣ ଦେଖିବା ଉଚିତ ।'

ଟା' ପିଉ ପିଉ ପ୍ରଶ୍ନକଲେ, କଲିକତାରେ ତୁମର କିଏ ବନ୍ଧୁବାନ୍ଧବ ଅଛନ୍ତି ?

ନା' ଜଣା ନା ଶୁଣା ତୁମେ କୁଣିଆ ।'

'ହଁ ଅଛନ୍ତି । କିନ୍ତୁ ଆପଣ କାହିଁକି ପଚାରୁଛନ୍ତି ?'

(କ୍ରମଶଃ)

ଭୁବନେଶ୍ୱର
(ମୋ): ୯୮୬୧୩୮୫୦୪୬

# ପ୍ରତି ସମୀକ୍ଷା

## ଲେଖାଲେଖି


ସମ୍ପାଦକ :
ପ୍ରଦୀପ୍ତ କୁମାର ବେହୁରା

ଠିକଣା : ବି. ଏଲ୍-୮, ଭିଏସ୍ ଏସ୍ ନଗର, ଭୁବନେଶ୍ୱର-୧୦
(ମୋ) ୯୯୩୭୪୭୬୧୭୩
୯୪୩୭୧୭୨୦୩୨

"ଥରେ ସିରିୟସ୍ ହୋଇ ଆଇ.ସି.ୟୁରୁ ଫେରିବା ପରେ ଆଉ ସିରିୟସ୍ ହେବାକୁ ଚାହୁଁନଥିବା ସମ୍ପାଦକ' ଶୀର୍ଷକରେ ନିଆରା ଶୈଳୀର ସମ୍ପାଦକୀୟ ଲେଖି ସମ୍ପାଦକ ପ୍ରଦୀପ୍ତ ବେହୁରା କହଛନ୍ତି- "ଆମେ ସଦାକାଳେ ଲେଖାକୁ ଗୁରୁତ୍ୱ ଦେଇ ଆସିଛୁ, ଲେଖକକୁ ନୁହଁ । ଲେଖାର ଗରିମା ରହିଲେ ଆପେ ଆପେ ଲେଖକର ଗୁରୁତ୍ୱ ବଢେ, ଲେଖାର ମାନ କମିଲେ ଲେଖକର ମହତ୍ୱ ଛିଡେ - ସିଏ ଯେତେ ବଡ ଲେଖକ ହେଉନା କାହିଁକି । ତେଣୁ ଲେଖାକୁ ନେଇ ଲେଖକ- ଏକଥା ସମସ୍ତେ ଜାଣନ୍ତି ଏବଂ ଆମେ ମଧ ଏହାକୁ ଆମର ମୂଳପୁଞ୍ଜି ଓ ଗୁରୁ ଭାବେ ମନ୍ତ୍ର ଭାବେ ଗ୍ରହଣ କରି ଦୀର୍ଘ ବର୍ଷ ହେବ କାର୍ଯ୍ୟ କରି ଆସୁଅଛୁ । ସେଥିପାଇଁ ସାହିତ୍ୟ ରାଜ୍ୟରେ ଆମେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛୁ ।"

ଏଥର ସଂଖ୍ୟା ଲେଖାଲେଖିରେ ପ୍ରଚ୍ଛଦ ପ୍ରସଙ୍ଗରେ ସାହିତ୍ୟ ସଂସ୍କୃତିର ଏକ ଅଲିଭା ସଳିତା ଗୀତା ମେହେଟାଙ୍କ ଉପରେ ଆଲେଖ୍ୟ ପ୍ରସ୍ତୁତ କରିଛନ୍ତି ଭାସ୍କର ପରିଚ୍ଛା । ଗୀତା ମେହେଟା କେବଳ ଜଣେ ଔପନ୍ୟାସିକା କିମ୍ବା ସାଂସ୍କୃତିକ ଭାଷ୍ୟକାର ନଥିଲେ, ସେ ଥିଲେ ଦୁଇଟି ସଭ୍ୟତା ମଧରେ ସଂଯୋଗ ସୃଷ୍ଟି କରିପାରିଥିବା ଜଣେ ଅସାଧାରଣ ସୃଜନଶୀଳ ବ୍ୟକ୍ତିତ୍ୱ । ଭାସ୍କର ପରିଚ୍ଛାଙ୍କର ଏହି ଉପସ୍ଥାପନା ବେଶ୍ ଉପାଦେୟ ।

'ବିଶେଷ ପ୍ରସଙ୍ଗ'ରେ ରାଜୀବ କୁମାର ଷଡଙ୍ଗୀଙ୍କ ମଧୁସୂଦନ ଦାସଙ୍କ କବିତାରେ ଜାତୀୟତା, ' ସ୍ୱତନ୍ତ୍ର ପ୍ରସଙ୍ଗ'ରେ ବିଜୟଲକ୍ଷ୍ମୀ ଦାଶଙ୍କ ସୁରେନ୍ଦ୍ର ମହାନ୍ତିଙ୍କ ପ୍ରବନ୍ଧ ଚର୍ଚ୍ଚା, 'ପ୍ରତିବେଶୀ ପ୍ରତିଭୂ'ରେ ସାଫଲ୍ୟ କୁମାର ନନ୍ଦୀଙ୍କ ଦି ସିଙ୍ଗିଙ୍ଗ ନନ୍ : ୟାନି ଚୋୟିଂ ଡ୍ରଲମା ଓ 'ସମ୍ପାଦନା ଅନୁଭୂତି'ରେ ଶରତ କୁମାର ଜେନାଙ୍କ କବିସୂର୍ଯ୍ୟବାଣୀ : ଜନ୍ମକାହାଣୀ ପ୍ରକାଶ ପାଇଥିବା ବେଳେ ଏଥର ବିଶିଷ୍ଟ କଥାକାର ପରେଶ କୁମାର ପଟ୍ଟନାୟକ 'ଲେଖକ ପାଠକ ସମ୍ବାଦ' ଶୀର୍ଷକରେ ସୁନ୍ଦର ଫିଚରଟିଏ ଲେଖିଛନ୍ତି । ସହଦେବ ସାହୁଙ୍କ 'ଲେଖକ ଓ ସମ୍ପାଦକ' ଶୀର୍ଷକରେ ଲେଖାଟିଏ ସ୍ଥାନିତ ହୋଇଥିବା ବେଳେ 'କଥା ସେଦିନର' କ୍ରମରେ ଉପଗୁପ୍ତ କିଏ ? ପ୍ରଶ୍ନଟିଏ ଉପସ୍ଥାପନ କରାଯାଇ ଉପଗୁପ୍ତଙ୍କ ରଚିତ କବିତାଟିଏ ପ୍ରକାଶ କରାଯାଇଛି ଓ ସେଦିନର ସେଇ କବିତା ସେତେବେଳ ସମୟରେ ପ୍ରକାଶ ପାଇଲା ପରେ ତାହାକୁ ଅଶ୍ଳୀଳ କବିତା



ଭାବରେ କଟକ ସବଡିଭିଜନାଲ ମାଜିଷ୍ଟ୍ରେଟଙ୍କ ଇଜିଲାସରେ ଫୌଜଦାରୀ ମୋକଦ୍ଦମା ହୋଇ ଛଦ୍ମନାମରେ ଏହି କବିତା ଲେଖିଥିବା କବିଙ୍କୁ ଚିହ୍ନଟ କରାଯାଇଥିଲା । ଏହାକୁ ନେଇ ପି.କେଙ୍କ ଉପସ୍ଥାନା ବେଶ୍ ରୋଚକ ।

ଏତଦ୍‌ବ୍ୟତୀତ ବେଲାଳସେନଙ୍କ ଶୁଣାକଥା, ବେଣୁଧର ପାଣିଗ୍ରାହୀ, ଜୀବନକୃଷ୍ଣ ମହାପାତ୍ର, ଫୁଲମଣି ଷଡଙ୍ଗୀଙ୍କ ଗପ, ନିହାରିକା ମଲ୍ଲିକଙ୍କ ଅନୁବାଦ ଗଳ୍ପ, ଅମରେନ୍ଦ୍ର ଖଟିଆଙ୍କ ଅନୁବାଦ କବିତା, ଅର୍ଚ୍ଚନା ନାୟକଙ୍କ ଫଟୋ, 'ବହିକଥା'ରେ ଦିଲ୍ଲୀପ ଦାଶବର୍ମାଙ୍କ ବହିର ସମୀକ୍ଷା ଓ କିଚଇ ସାହିତ୍ୟ ଖୁର ପ୍ରକାଶ ପାଇଛି । ତେବେ ଲେଖାଲେଖିର ଏହି ସଂଖ୍ୟାରେ ପ୍ରସନ୍ନ କୁମାର ମିଶ୍ରଙ୍କ 'ପିଲାଦିନ : ଅଗଷ୍ଟ ପନ୍ଦର ଶୀର୍ଷକ କବିତାଟି ବେଶ୍ ପ୍ରଭାବଶାଳୀ ମନେହେଲା ।

ସମୀକ୍ଷା :
ଧ୍ୱନି ପ୍ରତିଧ୍ୱନି ବ୍ୟୁରୋ

# ତାଜମହଲ ଦର୍ଶନ



ଡକ୍ଟର ଲକ୍ଷ୍ମଣ ସାହୁ

ତାଜମହଲ ଯାତ୍ରା ଏତେ ଆଶା, ଏତେ ସ୍ମୃତି ସ୍ୱଷ୍ଟତା ଓ ଏତେ ଉତ୍ସାହ ସହିତ କରାଯାଇଥିଲା ଯାହା କେବଳ ଆମ ହୃଦୟ ଭିତରେ ରହିଥିଲା । ବିବାହ ପରେ ଜୀବନ ଦାୟିତ୍ୱର ଏପରି ଏକ ଚକ୍ରବ୍ୟୁହରେ ଫସି ଯାଇଥିଲା ଯେ ପତ୍ନୀଙ୍କ ସହିତ ସମୟ ବିତାଇବା, ପରସ୍ପର ଆଖିକୁ ଚାହିଁ କିଛି ମୁହୂର୍ତ୍ତ ଆରାମ କରିବାର ସୁଯୋଗ ନଥିଲା । ପ୍ରଥମେ କ୍ୟାରିୟରର ସଂଘର୍ଷ ତା'ପରେ ପିଲାମାନଙ୍କୁ ପାଳନ ପୋଷଣ ଓ ଘର ଏପରିକି ପରିବାରର ଅଗଣିତ ଜଟିଳତା ସମସ୍ୟା ଭିତରେ ବାନ୍ଧି ହୋଇ ରହିବାକୁ ପଡୁଥିଲା ।

ଏସବୁ ମଧରେ ଆମ ଦୁହିଁଙ୍କ ନିଜସ୍ୱ ସ୍ୱପ୍ନ ବୋଲି ଯାହା କିଛି ବହୁତ ପଛରେ ରହିଗଲା । ବର୍ଷ ବର୍ଷ ପରେ ଯେତେବେଳେ ପିଲାମାନଙ୍କର ଶିକ୍ଷା ଟିକେ ବାଟକୁ ଆସିଲା ଓ ଘରର ଦାୟିତ୍ୱରୁ କିଛି ଆଶ୍ୱସ୍ତି ପାଇଲି, ସେତେବେଳେ ଗୋଟିଏ ଦିନ ମୋ ସ୍ତ୍ରୀ ନମିତା ହଠାତ୍ ଚା କପ ଧରି କହିଲେ ଯେ ଜୀବନ ଏମିତି କେତେ ଦିନ ଚାଲିବ ଜାଣିପାରିବି ନାହିଁ । ସେ ଉଦାସ ଭାବରେ କହିଲେ ଯେ ସେ ଥରେ ତାଜମହଲ ଦେଖିବାକୁ ଚାହାଁନ୍ତି । କୁହାଯାଏ ଯେ ସେଠାକୁ ଗଲେ ପ୍ରେମ ଆହୁରି ଅଧିକରୁ ଅଧିକ ଅନୁଭବ ହୁଏ, ଓ ସେ ସେହି ଭାବନାକୁ ସାକାର କରିବା ଚାହୁଁଥିଲେ ।

ଯେତେବେଳେ ତାଙ୍କ କଥା ରଖି ଆମ ଗାଡ଼ି ଆଗ୍ରା ସହର ସୀମାରେ ପ୍ରବେଶ କଲା, ସନ୍ଧ୍ୟା ଦୀପ ଜଳିବାକୁ ଲାଗିଲା । ସୂର୍ଯ୍ୟଙ୍କର ଲାଲ ଆଲୋକ ଆକାଶରେ କୁହୁଡ଼ି ଭାସୁଥିଲା । ଗୋଟିଏ ମନୋରମ ସହରର ସଂକୀର୍ଣ୍ଣ ରାସ୍ତାଗୁଡ଼ିକ ପ୍ରବଳ ଭିଡ଼, ଯାନବାହାନର ଶବ୍ଦ ଓ ଧୂଆଁରେ ପରିପୂର୍ଣ୍ଣ ଥିଲା । ଟ୍ରାଫିକ୍ ଭିଡ଼ ଯୋଗୁଁ ଆମ ଗାଡିର ଗତି ବହୁତ ଧୀର ଥିଲା । ଆମର ସବୁଠାରୁ ବଡ଼ ଦୁଃଖ ଥିଲା ଯେ ଆମେ ଏତେ ଦିନ ଧରି ଯୋଜନା କରିଥିବା ତାଜମହଲ ଦେଖିବାର ସମୟ ପ୍ରାୟ ଶେଷ ହୋଇଗଲା ଯେମିତି ।

ମୋ ପତ୍ନୀଙ୍କ ହସହସ ମୁହଁଟା ହଠାତ୍ ମଉଳିଗଲା । ତାଙ୍କ ଆଖିରେ ଚମକ ବଦଳରେ ଏକ ଗଭୀର ଦୁଃଖ ଆସିଯାଇଥିଲା । ସେ ଦୁଃଖଭରା ହୃଦୟରେ ପଚାରିଲେ ଯେ ଏତେ ଦୂର ଆସିବା ପରେ ମଧ ଆମକୁ ତାଜମହଲ ନ ଦେଖି ଫେରିବାକୁ ପଡିବ । ମୁଁ ତାଙ୍କର ଏପରି ନିରାଶ ମୁଖ ଦେଖିପାରିଲି ନାହିଁ । ମୁଁ ତୁରନ୍ତ ମନୋଭାବ ହାଲୁକା କରିବା ଓ ତାଙ୍କର ଆଶା ଜାଗ୍ରତ ରଖିବା ପାଇଁ କହିଲି, ରାତି ଏବେ କେଉଁଠି, ଆଜି ଯଦି ତୁମେ ତାଜମହଲ ଦେଖି ପାରୁନାହିଁ ତେବେ କଣ ହେଲା, ବରଂ ଆସ ଆଜି ସନ୍ଧ୍ୟାରେ ଆଗ୍ରାର ଲାଲକିଲ୍ଲା ଦେଖିବା, କାଲି ସକାଳେ ଆରାମରେ ତାଜମହଲ ଦେଖିବାକୁ ଯିବା ।

ଆମେ ଶୀଘ୍ର ଆମର ଗାଡ଼ି ପାର୍କ କରି ଆଗ୍ରା ଦୁର୍ଗ ଆଡ଼କୁ ଯାତ୍ରା କଲୁ । ରାସ୍ତାରେ ପୁରୁଣା କୋଠା, ଭିଡ଼ ସଜ୍ଜିତ ବଜାର ଓ ଦେଶ ବିଦେଶରୁ ଆସିଥିବା ପର୍ଯ୍ୟଟକଙ୍କ ଶବ୍ଦ ଦେଖି ଆଗ୍ରା ସହର ଏକ ଭିନ୍ନ ଐତିହାସିକ ରଙ୍ଗ ଅନୁଭବ କଲା । ସବୁଠି ଏକ ଅଦ୍ଭୁତ ଗତି ଥିଲା । କିନ୍ତୁ ଯେତେବେଳେ ଆମେ ଦୁର୍ଗର ବିଶାଳ ମୁଖ୍ୟ ଫାଟକ ପାଖରେ ପହଞ୍ଚିଲୁ, ସୂର୍ଯ୍ୟ ସମ୍ପୂର୍ଣ୍ଣ ଅସ୍ତ ହୋଇଯାଇଥିଲା ଓ ଚାରିଆଡ଼େ ନୀରବତା ଲାଗିରହି ଥିଲା । ସେହି ଲାଲ ପଥର ଦୁର୍ଗର ଭାରୀ ଲୁହା ଦ୍ୱାର ବନ୍ଦ ହୋଇଯାଇଥିଲା । ସେଠାରେ ନିୟୋଜିତ ପ୍ରହରୀ ଆମକୁ ଦୂରରୁ ହାତ ହଲାଇ ଫେରିଯିବାକୁ ଇଙ୍ଗିତ କଲେ ।

ମୋ ପତ୍ନୀ ସମ୍ପୂର୍ଣ୍ଣ ନିରାଶ ହୋଇଗଲେ ଓ ଏକ ଲମ୍ବା ନିଶ୍ୱାସ ନେଇ କହିଲେ ଯେ ଆଜି ଆମର ଭାଗ୍ୟ ଖରାପ, କିଛି ଦେଖିବାକୁ ହେଉନାହିଁ । ମୁଁ ମଧ ଭିତରେ ବହୁତ ଦୁଃଖିତ ହେଉଥିଲି, କିନ୍ତୁ ତାହା ଦେଖାଇବାକୁ ଚାହୁଁନଥିଲି । ମୁଁ ତାଙ୍କୁ ସାନ୍ତ୍ୱନା ଦେବା ପାଇଁ କିଛି ଶବ୍ଦ ଖୋଜୁଥିଲି, ଠିକ୍ ସେତିକିବେଳେ ଦୁର୍ଗ ବାହାରେ ଠିଆ ହୋଇଥିବା ଦୁଇ କିମ୍ବା ତିନି ଜଣ ଲୋକ ଆମ ଆଡ଼କୁ ବହୁତ ଆରାମରେ ଚାଲି ଆସିଲେ । ସେମାନଙ୍କ ମୁହଁରେ କେମିତି ବିକୃତିଆ ହସ ଖେଳିଯାଉଲା ।

ସେମାନଙ୍କ ମଧ୍ୟରୁ ଜଣେ ବହୁତ ଥର ଗଳାଖାସି ମଧୁର ସ୍ୱରରେ କହିଲା ଯେ ମହାଶୟ, ଆପଣ ପ୍ରଥମ ଥର ପାଇଁ ଆଗ୍ରା ଆସିଛନ୍ତି । ମୁଁ କିଛି ନ ଭାବି କେବଳ ହଁ କହିଲି । ଗୋଟିଏ ମୁହୂର୍ତ୍ତରେ ଗଭୀର ବୋଲା ହୁଏ ବୋଲା କି କୋଇ ବାତ ନୁହେଁ ସା୍, ଆପଣ ନିରାଶ କାହିଁକି, ଆଗ୍ରାରେ ରାତି କେ ବକ୍ତ ହି ଅତା ହୈରେ ପ୍ରକୃତ ମଜା । ସେ ଆକାଶ ଆଡକୁ ଇଙ୍ଗିତ କରି କହିଲା ଯେ ଆଜି ଏକ ଚାନ୍ଦିନୀ ରାତି ହେବାକୁ ଯାଉଛି, ପଛରୁ ତାଜମହଲର ଦୃଶ୍ୟ ଏପରି ଯେ ଲୋକମାନେ ଆଖି ପିଛୁଳାକେ ଭୁଲିଯାଆନ୍ତି ।

ତାଙ୍କର ଅନ୍ୟ ସାଥୀ ଆହୁରି ବିସ୍ତାରିତ ଭାବରେ କହିଲେ ଯେ ଆମେ ଏଠାରେ ପର୍ଯ୍ୟଟନ ବିଭାଗ ପାଇଁ କାମ କରୁ । ଯଦି ତୁମେ ଦୁହେଁ ଚାହୁଁଛ, ତେବେ ଆମେ ତୁମକୁ ଏକ ବଡ଼ ସ୍ଥାନରୁ ତାଜମହଲ ଦେଖାଇବୁ ଯେଉଁଠାରୁ ସମଗ୍ର ଦୃଶ୍ୟ ସ୍ପଷ୍ଟ ହେବ ଓ ଭିଡ଼ର କୌଣସି ଅସୁବିଧା ହେବ ନାହିଁ ।

ତାଙ୍କ କଥାରେ ଏତେ ଆତ୍ମବିଶ୍ୱାସ ଓ ଦୃଢ଼ ବିଶ୍ୱାସ ଥିଲା ଯେ ଆମର ତାଙ୍କ ଉଦ୍ଦେଶ୍ୟ ଉପରେ କୌଣସି ସନ୍ଦେହ ନଥିଲା । ସେ ନିଜକୁ ଏତେ ସ୍ୱାଭାବିକ ଓ ବୃତ୍ତିଗତ ଭାବରେ ଆମ ସମ୍ମୁଖରେ ଉପସ୍ଥାପନ କଲେ ଯେ ଆମେ ଭାବିଲୁ ଯେ ସେ ନିଶ୍ଚୟ ସେଠାକାର ଦୁର୍ଗର ଜଣେ କର୍ମଚାରୀ କିମ୍ବା ପର୍ଯ୍ୟଟକଙ୍କୁ ସାହାଯ୍ୟ କରୁଥିବା ପର୍ଯ୍ୟଟନ ବିଭାଗର ଜଣେ କର୍ମଚାରୀ ।

ତାଜମହଲ ଦେଖି ନ ପାରିବାରୁ ବହୁତ ନିରାଶ ହୋଇଥିବା ମୋ ସ୍ତ୍ରୀ ଆଶାବାଦୀ ଆଖିରେ ମୋ ଆଡ଼କୁ ଚାହିଁ ଧୀରେ ଧୀରେ ପଚାରିଲେ କ'ଣ ହେଉଛି ? ମୁଁ ଚାରିପାଖକୁ ଚାହିଁଲି । ସେଠାରେ ଆଉ କିଛି ସ୍ଥାନୀୟ ଲୋକ ମଧ ଠିଆ ହୋଇଥିବାର ଦେଖାଗଲା ଓ ରାସ୍ତାରେ ଯାନବାହାନ ଚଳାଚଳ କରୁଥିଲା । ପରିବେଶଟି ବହୁତ ସ୍ୱାଭାବିକ ଓ ନିରାପଦ ମନେ ହେଉଥିଲା ।

ମୁଁ ନମିତାର ଖୁସି ପାଇଁ ସେମାନଙ୍କୁ ଭରଣା କଲି । ନମିତା ଏହି ସବୁ କଥା ବହୁତ ଧ୍ୟାନ ଓ କୌତୁହଳ ସହିତ ଶୁଣୁଥିଲେ । ସେ ପ୍ରକୃତରେ ଖୁସି ଦେଖାଯାଉଥିଲେ । ହୁଏତ ସେ ଅନୁଭବ କରିଥିଲେ ଯେ ଆମର ଅପୂର୍ଣ୍ଣ ଓ ନିରାଶାଜନକ ସନ୍ଧ୍ୟା ଏବେ ଅତ୍ୟନ୍ତ ବିଶେଷ ଓ ସ୍ମରଣୀୟ ସନ୍ଧ୍ୟାରେ ପରିଣତ ହେବାକୁ ଯାଉଛି ।

କିନ୍ତୁ ଧୀରେ ଧୀରେ ଆମେ ମୁଖ୍ୟ ଓ ଉଜ୍ଜ୍ୱଳ ରାସ୍ତାରୁ ଦୂରେଇ ଗଲୁ । ସାମ୍ନାରେ ଏକ ପୁରୁଣା ଓ ନିର୍ଜନ ଉଦ୍ୟାନ ପରି ଅଞ୍ଚଳ ଥିଲା । ସେଠାକାର ଲୋକଙ୍କ ସ୍ୱର ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଯାଇଥିଲା । ଦୂରରେ ଜଳୁଥିବା ରାସ୍ତା ଆଲୋକର କ୍ଷୀଣ ଆଭା ଥିଲା । ଗଛଗୁଡ଼ିକର ଲମ୍ବା ଓ ଭୟଙ୍କର ଛାଇ ଜାଲ ପରି ଭୂମି ଉପରେ ବିସ୍ତାର କରିଥିଲା ।

ଶୀତଳ ବାୟୁରେ ଏକ ଅଦ୍ଭୁତ ଭାରୀ ନୀରବତା ଥିଲା ଯାହା ଆମ ଉଭୟଙ୍କ ହୃଦୟରେ ଏକପ୍ରକାର ଭୟ ସୃଷ୍ଟି କରୁଥିଲା । କିଛି ସମୟ ପାଇଁ ମୁଁ ମୋ ମନରେ ଟିକେ ଅସ୍ୱସ୍ତି ଅନୁଭବ କଲି । ମୁଁ ଅଟକିଗଲି ଓ ସେହି ଗାଇଡକୁ ପଚାରିଲି ଆଉ କେତେ ଆଗକୁ ଯିବା ? ସେ ପୁଣି ଥରେ ସମାନ୍ୟ ହସ ସହିତ କହିଲା ଯେ ସାର୍ , ଏହା କେବଳ ଦୁଇ ମିନିଟ୍ ର କଥା ଆପଣଙ୍କ ସମ୍ମୁଖରେ ସେହି ସବୁଜ ପାହାଡର ପୂର୍ଣ୍ଣ ମୁକୁଟ ଦେଖାଯିବ ।

ସେତେବେଳକୁ ବହୁ ଦୂରକୁ ଘନ ଅନ୍ଧାର ବ୍ୟାପି ଯାଇଥିଲା । ସହରର କୋଳାହଳ ଓ ମୃଦୁ ଆଲୋକ ବହୁ ପଛରେ ପଡ଼ି ଯାଇଥିଲା । ହଠାତ୍ ମୁଁ ଅନୁଭବ କଲି ଯେ ଚାରିପାଖର ପରିବେଶ ଆବଶ୍ୟକତା ଠାରୁ ଅଧିକ ଭୟଙ୍କର ହୋଇ ଉଠୁଛି । ପକ୍ଷୀଙ୍କ ସ୍ୱର ଶବ୍ଦ ମଧ ଏଠାକୁ ଆସୁନଥିଲା । ତା'ପରେ ପଛରୁ ଶୁଖିଲା ପତ୍ରର ଶବ୍ଦ ଓ ଭାରୀ ପାଦ ଶବ୍ଦ ଶୁଭିଲା ।

ଆମେ ଆଶ୍ଚର୍ଯ୍ୟ ହୋଇ ପଛକୁ ଚାହିଁଲୁ । ଚାରି ପାଞ୍ଚ ଜଣ ମୁଖା ପିନ୍ଧି ଥିବା ଲୋକ ଅନ୍ଧାର ପାର କରି ଦ୍ରୁତ ଗତିରେ ଆମ ଆଡ଼କୁ ଆସୁଥିଲେ । ତାଙ୍କ ହାତରେ ବନ୍ଧୁକ ଓ ଶକ୍ତ ବାଡ଼ି ଥିଲା । ସେମାନଙ୍କ ମୁହଁରେ ଏକ ନିଷ୍ଠୁର କଠୋରତା ଓ ସେମାନଙ୍କ ଆଖିରେ କେହି ଜଣେ ଥିଲେ ।

ଭୋକିଲା ପଶୁମାନଙ୍କ ପରି ବିପଦପୂର୍ଣ୍ଣ ଯୋଜନା ମୋତେ ଦୃଶ୍ୟମାନ ହେଉଥିଲା । ପ୍ରକୃତରେ ପତ୍ନୀ ଭୟଭୀତ ହୋଇଗଲେ ଓ ଥରି ଥରି ମୋ ପାଖକୁ ଆସିଲେ । ସେ ମୋ ହାତକୁ ବହୁତ ଜୋରରେ ଧରିଲା । କିଛି ସେକେଣ୍ଡ ମଧରେ ପାଞ୍ଚ ଜଣ ଲୋକ ଆମକୁ ଘେରିଗଲେ । ଆମର ପଳାୟନର ପ୍ରତ୍ୟେକ ରାସ୍ତା ବନ୍ଦ ହୋଇଗଲା ।

ସେମାନଙ୍କର ନେତା ପରି ମନେ ହେଉଥିବା ସମସ୍ତ ଲୋକଙ୍କ ମଧରୁ ଜଣେ ମୋ ଆଗରେ ଠିଆ ହୋଇଥିଲେ । ତାଙ୍କର ଲାଲ ଆଖି ସିଧା ନମିତାଙ୍କ ଅଳଙ୍କାର, ଆମର ପକେଟ ଓ ଆମର ଲଗେଜ ଉପରେ ସ୍ଥିର ଥିଲା । ସେ ଲୋକଟି ଆମକୁ ବହୁତ କଠୋର କର୍କଶ ସ୍ୱରରେ ପଚାରିଲା, ତୁମେ କେଉଁଠାରୁ ଆସିଛ ?

ମୁଁ କୌଣସି ପ୍ରକାରେ ମୋର ଭୟକୁ ଲୁଚାଇ ଉତ୍ତର ଦେଲି ଯେ ଆମେ ଓଡ଼ିଶାରୁ ଆସିଛୁ । ସେ ଆଉ ଗୋଟିଏ ପାଦ ଆଗକୁ ଯାଇ ବୋଲା କି କ୍ୟା କରତେ ହୋ ତୁମ । ତାଙ୍କ ସ୍ୱର ପ୍ରଶ୍ନ କମ୍ ଓ ଏକ ବିରାଟ ଧମକ ଅଧିକ ଥିଲା । ସେହି ମୁହୂର୍ତ୍ତରେ ମୋ ମନରେ ଏକ ବିଜୁଳି ଚମକି ଉଠିଲା ଓ ମୁଁ ସମ୍ପୂର୍ଣ୍ଣ ଭାବରେ ବୁଝିପାରିଲି ଯେ ଆମେ ଏକ ଭୟଙ୍କର ଫାଶରେ ପଡ଼ିଯାଇଛୁ ।

ଏହି ଲୋକମାନେ ଲୁଟପାଟ କିମ୍ବା ଆହୁରି ଖରାପ କିଛି ଉଦ୍ଦେଶ୍ୟ ନେଇ ଆସିଥିବେ ଭାବି ମୁଁ ମୋର ସମସ୍ତ ମାନସିକ ଶକ୍ତି ସଂଗ୍ରହ କଲି । ଆଖି ପକାଇ ଜଗନ୍ନାଥଙ୍କୁ ସ୍ମରଣ କଲି ଓ ମୁଁ ସିଧା ସେହି ମୁଛାଧାରୀ ମୁଖ୍ୟଙ୍କ ଆଖିକୁ ଚାହିଁଲି ଓ ଏକ ଦୃଢ଼ ଓ କଠୋର ସ୍ୱରରେ କହିଲି ଯେ ମୁଁ ଜଣେ ସୈନିକ । ଜାମ୍ମୁ କାଶ୍ମୀରର ବର୍ଡରରେ ପହରା ଦେଇ କିଛି ଦିନ ଛୁଟି କାଟିବାକୁ ଆସିଛି ।

ମୋ ମୁହଁରୁ ବାହାରୁଥିବା ଏହି ଶବ୍ଦଗୁଡ଼ିକ ପରିବେଶ ଓ ପବନକୁ ବଦଳାଇ ଦେଇଥିଲା । ହଠାତ୍ ଲୁଟିବାକୁ ଆସିଥିବା ଲୋକଙ୍କ ମୁହଁରେ ଏକ ଗଭୀର ଉତ୍ତେଜନା ଓ ଦ୍ୱନ୍ଦ୍ୱ ଦେଖାଦେଲା । ଭୟଙ୍କର ଦେଖାଯାଉଥିବା ବ୍ୟକ୍ତିଙ୍କ ଆଖିରେ ଥିବା କଠୋରତା ଓ ଶିକାରର ଚମକ ଗୋଟିଏ ମୁହୂର୍ତ୍ତରେ ଫିକା ପଡ଼ିଗଲା ।

ସେ ଭୟଭୀତ ହୋଇ ତାଙ୍କ ସାଥୀମାନଙ୍କୁ ଦେଖିଲେ । ପଛରେ ଠିଆ ହୋଇଥିବା ଜଣେ ସୈନିକ ଟିକେ ବିଭ୍ରାନ୍ତ ସ୍ୱରରେ ଧୀରେ ଧୀରେ ପଚାରିଲେ, 'ତୁମେ ସେନାରେ ଅଛ ଏହା କ'ଣ ସତ୍ୟ ?' ମୁଁ ସମାନ ଆତ୍ମବିଶ୍ୱାସ ଓ ଦୃଢ଼ତାରେ ମୋର ଛାତି ଫୁଲେଇ କହିଲି ଯେ ହଁ, ମୁଁ ସେନାରେ ଅଛି ଓ ଛୁଟି ନେବା ପରେ ସିଧା ଏଠାକୁ ଆସିଛି ।

ପରବର୍ତ୍ତୀ କିଛି ସେକେଣ୍ଡ ପାଇଁ ଏକ ଅତ୍ୟନ୍ତ ଅସ୍ୱସ୍ତିକର ଓ ନୀରବତା ଥିଲା । ମଳୟ ବାୟୁରେ ଉତ୍ତେଜନା ଜମାଟ ବାନ୍ଧିଥିବା ବରଫ ପରି ତରଳି ଯାଉ ଥିଲା । ତା'ପରେ ମୁଁ ଦେଖିଲି ଯେ ଯେଉଁମାନେ ଏପର୍ଯ୍ୟନ୍ତ ଆମକୁ ନିଜର ଶିକାର ଭାବରେ ଘେରି ରହିଥିଲେ, ସେମାନେ ଧୀରେ ଧୀରେ ସେମାନଙ୍କ ପାଦ ପଛକୁ ଫେରିବାକୁ ଲାଗିଲେ ।

ତାଙ୍କର ମୁହଁ ଆଉ ପୂର୍ବ ପରି ନିଷ୍ଠୁର ନଥିଲା । କିଛି ନ କହି, ଦାଢ଼ି ରଖିଥିବା ଲୋକଟି ବୁଲିପଡ଼ି ଅନ୍ଧାର ଭିତରକୁ ଶୀଘ୍ର ଚାଲିଗଲା । ତାଙ୍କୁ ଯିବାର ଦେଖି, ଅନ୍ୟ ଚାରିଜଣ ମଧ କୌଣସି ଶବ୍ଦ ନକରି ଅନ୍ଧାରରେ ତାଙ୍କ ପଛରେ ଖସିଯିବା ଆରମ୍ଭ କଲେ । କିଛି ମୁହୂର୍ତ୍ତ ମଧରେ ସେମାନେ ସମସ୍ତେ ସେହି ଭୟଙ୍କର ନୀରବତା ମଧରେ କୌଣସି ସ୍ଥାନରେ ଅଦୃଶ୍ୟ ହୋଇଗଲେ ।

କିନ୍ତୁ ସେ ହିଁ ଥିଲେ ଗାଇଡ୍ ଯିଏ ଆମକୁ ଏହି ମୃତ୍ୟୁର କୂଅ ପାଖକୁ ନେଇ ଆସିଥିଲେ । ସେ ଏବେ ବି ଆମ ପାଖରେ ଠିଆ ହୋଇଥିଲେ । ତାଙ୍କର ସେ ପୂର୍ବ ହସ ଏବେ ସମ୍ପୂର୍ଣ୍ଣ ଉଡ଼ିଯାଇଥିଲା ଓ ତାଙ୍କ ମୁହଁରେ କଳା ଦାଗ କିଏ ଯେମିତି ବୋଳି ଦେଇଥିଲା ।

କିନ୍ତୁ ସେ ତାଙ୍କ ଜୀବନ ବଞ୍ଚାଇବା ପାଇଁ ମାମଲାକୁ ସମ୍ଭାଳିବାକୁ ଚେଷ୍ଟା କରୁଥିଲେ । ସେ ଅଟଳ ହୋଇ କହିଲେ ଯେ ହେ ମହାଶୟ, ଆପଣ ଭୁଲ ବୁଝିପାରିଲେ, ଏଠାରେ କୌଣସି ବିପଦ ନାହିଁ, ଆମେ ଆପଣଙ୍କୁ ମୁକୁଟ ଦେଖାଇବା ପାଇଁ ଆଣିଥିଲୁ, ସେହି ଲୋକମାନେ ନିଶ୍ଚୟ ଏଠାରୁ ଏହିପରି ଯାଉଥିବେ । ତାଙ୍କ କମ୍ପିତ କଣ୍ଠରେ ତାଙ୍କର ମିଛ ଓ ତାଙ୍କର ଭୟଭୀତତା ସ୍ପଷ୍ଟ ଥିଲା ।

ମୁଁ ମୋର ପତ୍ନୀ ନମିତାଙ୍କୁ ଧରି ତୁରନ୍ତ ସେଠାରୁ ବୁଲି ମୁଖ୍ୟ ରାସ୍ତା ଆଡ଼କୁ ସିଧା ସିଡ଼ି ଦେଇ ଓହ୍ଲାଇବା ଆରମ୍ଭ କଲି । ସତରେ ଆମେ ଦୁହେଁ ଏତେ ଭୟରେ ଥିଲୁ ଯେ ପଛକୁ ଚାହିଁବାକୁ ସାହସ କଲୁ ନାହିଁ । ରାସ୍ତାରେ ଶୁଖିଲା ପତ୍ରର ପ୍ରତ୍ୟେକ ଶବ୍ଦ ଓ ପବନର ଝଡ଼କୁ ମନେ ହେଉଥିଲା ଯେ କେହି ପୁଣି ପଛରୁ ଆମ ଆଡ଼କୁ ଆସୁଛି । (ଅବଶିଷ୍ଟାଂଶ ପୃଷ୍ଠା ୭ରେ)

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
୦୬ ସେପ୍ଟେମ୍ବର ୨୦୨୬

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



# ଶ୍ରୀମଦ୍ ଭଗବଦ୍ ଗୀତା ଓ ଜୀବନ-ଦର୍ଶନର ମୂଲ୍ୟବୋଧ

## (ଇଂ) ବିଜୟ ମିଶ୍ର



ହିନ୍ଦୁଧର୍ମର ଅନ୍ୟତମ ଶ୍ରେଷ୍ଠ ଧର୍ମଗ୍ରନ୍ଥ ଶ୍ରୀମଦ୍ ଭଗବଦ୍ ଗୀତାର ପ୍ରବକ୍ତା ପ୍ରଭୁ ଶ୍ରୀକୃଷ୍ଣଙ୍କ ଜୀବନୀ ତଥା ଗୀତାର ବାଣୀ ଓ ଦର୍ଶନରୁ ନିମ୍ନଲିଖିତ ଜୀବନବୋଧ ମିଳିଥାଏ:

ପରମାତ୍ମା ବିଶ୍ୱବ୍ରହ୍ମାଣ୍ଡର ସର୍ବତ୍ର ବିଦ୍ୟମାନ। ସେ କେବଳ ଗୋଟିଏ ସ୍ଥାନ, ଦେଶ କିମ୍ବା ଗ୍ରହରେ ସୀମିତ ନୁହନ୍ତି। ଏଣୁ କେବଳ ଗୋଟିଏ ସ୍ଥାନ, ଧର୍ମପୀଠ, ଦିନ, ବାର, ତିଥି କିମ୍ବା ବ୍ରତରେ ପରମାତ୍ମାଙ୍କୁ ସୀମିତ ଭାବେ ଖୋଜିବା ଅଜ୍ଞତା ଏବଂ ଏହା ଈଶ୍ୱରଙ୍କ ସର୍ବବ୍ୟାପକତାକୁ ନ ବୁଝିବା ସହ ସମାନ।

ସଂସାରର ସବୁକିଛି ପରମାତ୍ମାଙ୍କଠାରୁ ସୃଷ୍ଟ। ସଂସାରରେ ଯେତେ ସୁନ୍ଦର, ମଧୁର, ଶକ୍ତିଶାଳୀ, ଧୈର୍ଯ୍ୟଶୀଳ, ବିରାଟ ଓ ମନୋମୁଗ୍ଧକର ବସ୍ତୁ, ପ୍ରାଣୀ ଓ ଗୁଣ ରହିଛି, ସେସବୁରେ ଭଗବାନଙ୍କ ଐଶ୍ୱରିକ ପ୍ରକାଶ ଦେଖିବାକୁ ମିଳେ। ଭଗବଦ୍ ?ଗୀତାର ବିଭୂତିଯୋଗରେ ଶ୍ରୀକୃଷ୍ଣ ନିଜର ବିଭିନ୍ନ ଐଶ୍ୱରିକ ପ୍ରକାଶର ଉଦାହରଣ ଦେଇଛନ୍ତି।

ଏଠାରେ ଶ୍ରୀମଦ୍ ଭଗବଦ୍ ଗୀତାର ଅଧ୍ୟାୟ ୧୧, ଶ୍ଳୋକ ୩୮ ଉଲ୍ଲେଖଯୋଗ୍ୟ:

ତ୍ୱମାଦିଦେବଃ ପୁରୁଷଃ ପୁରାଣ-
ସ୍ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନମ୍ ।
ବେତ୍ତାସି ବେଦ୍ୟଂ ଚ ପରଂ ଚ ଧାମ/ ତ୍ୱୟା ତତଂ ବିଶ୍ୱମନନ୍ତରୂପ ?

'ଆପଣ ଆଦିଦେବ ଏବଂ ମୂଳ ଦିବ୍ୟ ପୁରୁଷ । ଆପଣ ଏହି ସଂସାରର ଏକମାତ୍ର ଆଶ୍ରୟସ୍ଥଳ । ଆପଣ ହିଁ ଜ୍ଞାତା, ଜ୍ଞାନର ବିଷୟ ଏବଂ ପରମଧାମ । ହେ ଅନନ୍ତରୂପ ! ଆପଣଙ୍କ ଦ୍ୱାରା ହିଁ ଏହି ସମଗ୍ର ବିଶ୍ୱ ବ୍ୟାପ୍ତ ହୋଇ ରହିଛି ।'

ସଂସାରରେ ପ୍ରେମ ସର୍ବଦା ପବିତ୍ର, ଶାଶ୍ୱତ ଓ ସମସ୍ତଙ୍କର ଚିରଈପ୍ସିତ । ପ୍ରେମର ସମ୍ପର୍କ ସାମାଜିକ ବନ୍ଧନ (ବିବାହିତ କିମ୍ବା ଅବିବାହିତ), ଜାତି-କୁଳ, ଧନୀ-ଗରିବ କିମ୍ବା ବୟସର ତଫାତ ଦେଖେ ନାହିଁ। ସ୍ନେହ ଓ ପ୍ରେମରେ ପରିପୂର୍ଣ୍ଣ ହୃଦୟ ଈଶ୍ୱରଦତ୍ତ ।

ସଂସାରରେ ଭଲ ଓ ମନ୍ଦ, ଅର୍ଥାତ୍ ଦୈବୀ ଓ ଆସୁରୀ ପ୍ରବୃତ୍ତିର ଲୋକ ସବୁଠି ଓ ସବୁବେଳେ ରହିଛନ୍ତି। ବଂଶ, ବିବାହ, ଜାତି-କୁଳ, ବାହ୍ୟ କିମ୍ବା ରକ୍ତସମ୍ପର୍କ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତିଙ୍କର ଶତ୍ରୁ, ମିତ୍ର, ହିତାକାଂକ୍ଷୀ ଓ ଅହିତାକାଂକ୍ଷୀ ଯୁଗେ ଯୁଗେ ରହିଆସିଛନ୍ତି ।

ନିଜର ଅଧିକାର ଓ ଆତ୍ମରକ୍ଷା ପାଇଁ ସଂଘର୍ଷ କରିବା ବେଳେବେଳେ ଅପରିହାର୍ଯ୍ୟ ହୋଇଥାଏ । ଖଳପ୍ରବୃତ୍ତି ଓ ଅତ୍ୟାଚାରୀ ମନୋଭାବ ଅନେକ ସମୟରେ ମନୁଷ୍ୟ ଚରିତ୍ରର ଗଭୀରରେ ରହିଥାଏ । ଶାନ୍ତିପ୍ରିୟ ଲୋକେ ନୀରବ ରହିଲେ ମଧ୍ୟ ଦୁଷ୍ଟ ଓ ଅତ୍ୟାଚାରୀଙ୍କ ଉତ୍ପାତ ସବୁବେଳେ ବନ୍ଦ ହୁଏ ନାହିଁ। ଏଣୁ ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ଦୃଢ଼ ଭାବେ ଛିଡ଼ା ହୋଇ ତଥା ଆବଶ୍ୟକ ପଡ଼ିଲେ ଯୁଦ୍ଧ କରି ଶାନ୍ତି ଓ ନ୍ୟାୟ ପ୍ରତିଷ୍ଠା କରିବା ଏକ ମହତ୍ କର୍ତ୍ତବ୍ୟ ।

ପ୍ରକୃତ ବନ୍ଧୁତ୍ୱରେ ସ୍ୱାର୍ଥପରତା, ଅହଂକାର କିମ୍ବା ଧନୀ-ଗରିବର ଭେଦଭାବ ନ ଥାଏ । ପ୍ରକୃତ ବନ୍ଧୁ ଜୀବନର ସୁଖ-ଦୁଃଖ ତଥା ଭଲ-ମନ୍ଦ ସବୁ ସମୟରେ ସାଥୀ ହୋଇ ରହିଥାଏ ଏବଂ ଯଥାସମ୍ଭବ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇଥାଏ । ଶ୍ରୀକୃଷ୍ଣ-ଅର୍ଜୁନ ଓ କର୍ଣ୍ଣ-ଦୁର୍ଯ୍ୟୋଧନଙ୍କ ବନ୍ଧୁତ୍ୱ ଏହାର ଜ୍ୱଳନ୍ତ ଉଦାହରଣ ।

ଅନ୍ୟପକ୍ଷରେ, ଠକ ଓ ସ୍ୱାର୍ଥପର ବନ୍ଧୁମାନେ ଆବଶ୍ୟକ ସମୟରେ ଶାରୀରିକ, ଆର୍ଥିକ, ସାମରିକ କିମ୍ବା ସାମାଜିକ ସାହାଯ୍ୟ କରିବାରୁ ଦୂରେଇ ଯାଆନ୍ତି । ସେମାନେ ବିଭିନ୍ନ ବାହାନା କରି ଭଣ୍ଡାମିପୂର୍ଣ୍ଣ ନୀତିକଥା ଶୁଣାଇ ନିଜର ଦାୟିତ୍ୱ ଏଡ଼ାଇ ଦିଅନ୍ତି।

ଅହଂକାରୀ, କପଟୀ, ଛଳନାକାରୀ, ସ୍ୱାର୍ଥପର, ମିଥ୍ୟାଚାରୀ, କୃତଘ୍ନ, ବିଶ୍ୱାସଘାତକ ଓ ଖଳପ୍ରବୃତ୍ତିସମ୍ପନ୍ନ ଲୋକଙ୍କ ସହ ବନ୍ଧୁତା ସ୍ଥାପନ କରିବା ସବୁ ସମୟରେ ବର୍ଜନୀୟ ।

ନିଜର ବିହିତ କର୍ମକୁ ମନୋଯୋଗ ସହକାରେ, ସୁଚାରୁ ରୂପେ ଓ ନ୍ୟାୟସଙ୍ଗତ ଭାବେ ସମ୍ପାଦନ କରିବା ହିଁ ଧର୍ମର ପ୍ରକୃତ ସଂଜ୍ଞା । ନିଃସ୍ୱାର୍ଥପର ଭାବରେ ନିଜ କର୍ତ୍ତବ୍ୟ ଓ ଧର୍ମ ପାଳନ କରିବା ଏକ ମହତ୍ କର୍ମ । ଏଣୁ ନିଜର କର୍ତ୍ତବ୍ୟ ପାଳନ ପାଇଁ ଆବଶ୍ୟକ ହେଲେ ନିଜ ଜୀବନକୁ ମଧ୍ୟ ବିପଦରେ ପକାଇ ସଂଘର୍ଷ କରିବା କ୍ଷତ୍ରିୟର ଧର୍ମ ବୋଲି ଗୀତାରେ ବର୍ଣ୍ଣିତ ହୋଇଛି ।

କୌଣସି ମନୁଷ୍ୟ କଦାପି କର୍ମ ତ୍ୟାଗ କରି ରହିପାରିବ ନାହିଁ। ଏଣୁ କର୍ମଫଳ ପ୍ରତି ଆସକ୍ତି ତ୍ୟାଗ କରି ନିଜର ବିହିତ କର୍ମ କରୁଥିବା ବ୍ୟକ୍ତି ହିଁ ପ୍ରକୃତ ସନ୍ନ୍ୟାସୀ ଓ ଯୋଗୀ ହୋଇଥାଏ । କେବଳ କର୍ମ ଓ ସଂସାର ପ୍ରତି ବିମୁଖ ହୋଇ କେହି ସନ୍ନ୍ୟାସୀ ହୋଇପାରିବେ ନାହିଁ କିମ୍ବା ପରମାତ୍ମାଙ୍କୁ ପ୍ରାପ୍ତ କରିପାରିବେ ନାହିଁ ।

ନିଜର କର୍ମ ପ୍ରତି ସର୍ବଦା ଧ୍ୟାନ ଦେବା ଉଚିତ। ଅତ୍ୟଧିକ ନିଦ୍ରା, ଅଳସ୍ୟ, ପରନିନ୍ଦା ଓ ହୀନମନ୍ୟତା ଇତ୍ୟାଦି ତ୍ୟାଗ କରି ନିଜର ବିହିତ କର୍ମ କରିବା ଆବଶ୍ୟକ । ପ୍ରଶଂସା, ତୋଷାମଦ, ନିନ୍ଦା, ଅପମାନ, ସୁଖ କିମ୍ବା ଦୁଃଖରେ ବିଚଳିତ ନ ହୋଇ ସମଭାବ ରଖି ନିଜର କର୍ମସାଧନା କରିବା ଉଚିତ ।

ପରିବାର, ଧନସମ୍ପଦ ଓ ପଦପଦବୀ ପ୍ରତି ଅତ୍ୟଧିକ ମୋହ ମନୁଷ୍ୟର ଦୁଃଖର ଏକ ପ୍ରମୁଖ କାରଣ ହୋଇଥାଏ । ଏଣୁ ଶାନ୍ତିପୂର୍ଣ୍ଣ ଓ ଆନନ୍ଦମୟ ଜୀବନ ପାଇଁ ଅତ୍ୟଧିକ ମୋହ ଓ ଆବେଗରୁ ନିଜକୁ ମୁକ୍ତ ରଖିବା ଶ୍ରେୟସ୍କର।

ଅତ୍ୟଧିକ କାମନା ମନୁଷ୍ୟକୁ ଅନେକ ସମୟରେ ଅନୁଚିତ କାର୍ଯ୍ୟରେ ନିୟୋଜିତ କରାଇଥାଏ । ଏଣୁ ମନୁଷ୍ୟ ଅତ୍ୟଧିକ କାମନା ଓ ଲୋଭ ତ୍ୟାଗ କରିବା ଉଚିତ; ତତ୍ ?ସହିତ ବିଳାସବ୍ୟସନରୁ ନିଜକୁ ସଂଯତ ରଖିବା ଆବଶ୍ୟକ ।

କାମନା ଓ ଆସକ୍ତିରୁ ଲୋଭ ବୃଦ୍ଧି ପାଏ । କାମନା ପୂରଣ ନ ହେଲେ କ୍ରୋଧ ଉତ୍ପନ୍ନ ହୁଏ । କ୍ରୋଧ ମନୁଷ୍ୟର ହିତାହିତ ଜ୍ଞାନକୁ ହରଣ କରିଥାଏ, ଯାହା ଫଳରେ ସେ ଅନେକ ବିପଦରେ ପଡ଼େ। ନିଜର କାମନା ପୂରଣ ନ ହେଲେ ଅନ୍ୟ ସଫଳ ବ୍ୟକ୍ତିଙ୍କ ପ୍ରତି ଈର୍ଷା ଓ ଦ୍ୱେଷ ଭାବ ମଧ୍ୟ ସୃଷ୍ଟି ହୁଏ । ଏଣୁ ମନରୁ ଅତ୍ୟଧିକ କାମନା, ଲୋଭ ଓ ଆସକ୍ତିକୁ ବର୍ଜନ କରିବା ଦ୍ୱାରା ଜୀବନ ଅଧିକ ଶାନ୍ତିପୂର୍ଣ୍ଣ ଓ ଆନନ୍ଦମୟ ହୋଇଥାଏ।

ଆତ୍ମାର ସ୍ୱରୂପ ଅତ୍ୟନ୍ତ ରହସ୍ୟମୟ । ଆତ୍ମାକୁ ଅଧ୍ୟୟନ କରିବା, ତାହାର ସ୍ୱରୂପକୁ ଜାଣିବା ଓ ନିଜକୁ ଚିହ୍ନିବା ହିଁ ଆଧ୍ୟାତ୍ମିକ ଜ୍ଞାନର ମୂଳ ଉଦ୍ଦେଶ୍ୟ । ପ୍ରକୃତ ଆଧ୍ୟାତ୍ମିକ ବିଦ୍ୟା ମନୁଷ୍ୟକୁ ନିଜ ସ୍ୱରୂପ ଓ ଜୀବନର ଗଭୀର ସତ୍ୟ ସମ୍ବନ୍ଧରେ ଜ୍ଞାନ ପ୍ରଦାନ କରେ । ଏଣୁ ଶ୍ରୀମଦ୍ ଭଗବଦ୍ ଗୀତାରେ ଅଧ୍ୟାତ୍ମଜ୍ଞାନକୁ ସର୍ବଶ୍ରେଷ୍ଠ ଜ୍ଞାନ କୁହାଯାଇଛି ।

ଏଠାରେ ଶ୍ରୀମଦ୍ ଭଗବଦ୍ ଗୀତାର ଅଧ୍ୟାୟ ୧୦, ଶ୍ଳୋକ ୩୨ ଉଲ୍ଲେଖଯୋଗ୍ୟ:

ସର୍ଗାଣାମାଦିରନ୍ତଶ୍ଚ ମଧ୍ୟଂ ଚୈବାହମର୍ଜୁନ ।
ଅଧ୍ୟାତ୍ମବିଦ୍ୟା ବିଦ୍ୟାନାଂ ବାଦଃ ପ୍ରବଦତାମହମ୍ ।

'ହେ ଅର୍ଜୁନ! ସମସ୍ତ ସୃଷ୍ଟିର ଆଦି, ମଧ୍ୟ ଓ ଅନ୍ତ ମୁଁ ହିଁ ଅଟେ । ବିଦ୍ୟାମାନଙ୍କ ମଧ୍ୟରେ ମୁଁ ଅଧ୍ୟାତ୍ମବିଦ୍ୟା ଏବଂ ତର୍କବିତର୍କ ମଧ୍ୟରେ ମୁଁ ତତ୍ତ୍ୱ ନିର୍ଣ୍ଣାୟକ ସିଦ୍ଧାନ୍ତ (ବାଦ) ଅଟେ ।'

ସେହିପରି ଶ୍ରୀମଦ୍ ଭଗବଦ୍ ଗୀତାର ଅଧ୍ୟାୟ ୯, ଶ୍ଳୋକ ୨ ଉଲ୍ଲେଖଯୋଗ୍ୟ:

ରାଜବିଦ୍ୟା ରାଜଗୁହ୍ୟଂ ପବିତ୍ରମିଦମୁତ୍ତମମ୍ ।
ପ୍ରତ୍ୟକ୍ଷାବଗମଂ ଧର୍ମ୍ୟଂ ସୁସୁଖଂ କର୍ତ୍ତୁମବ୍ୟୟମ୍ ?

'ଏହି ଜ୍ଞାନ ସମସ୍ତ ବିଦ୍ୟାର ରାଜା, ସମସ୍ତ ଗୁପ୍ତ ରହସ୍ୟର ରାଜା ଏବଂ ଅତ୍ୟନ୍ତ ପବିତ୍ର ତଥା ଉତ୍ତମ । ଏହା ପ୍ରତ୍ୟକ୍ଷ ଅନୁଭୂତିସମ୍ପନ୍ନ, ଧର୍ମସଙ୍ଗତ, ଆଚରଣ କରିବାକୁ ଅତ୍ୟନ୍ତ ସୁଗମ ଏବଂ ଅବିନାଶୀ ।'

ମନୁଷ୍ୟର ଗୁଣ, ସ୍ୱଭାବ, ଅଭ୍ୟାସ, ଆହାର, ଶ୍ରଦ୍ଧା ଓ ଭକ୍ତି ଆଦି ସାତ୍ତ୍ୱିକ, ରାଜସିକ ଓ ତାମସିକ—ଏହି ତିନି ପ୍ରକାର ଗୁଣରେ ବିଭକ୍ତ। ସାତ୍ତ୍ୱିକ ଭାବ, ଅଭ୍ୟାସ ଓ କାର୍ଯ୍ୟକଳାପ ଶାନ୍ତି ଓ ଆନନ୍ଦର କାରଣ ହୋଇଥାଏ। ରାଜସିକ ଭାବ ଓ ଅଭ୍ୟାସ ମନୁଷ୍ୟକୁ କାମନା, ଲୋଭ, ମୋହ ଓ ବିଳାସବ୍ୟସନରେ ବାନ୍ଧି ଶେଷରେ ଦୁଃଖ ପ୍ରଦାନ କରେ। ତାମସିକ ଭାବ, ଅଭ୍ୟାସ ଓ କାର୍ଯ୍ୟକଳାପ ମନୁଷ୍ୟକୁ ଗଭୀର ଦୁଃଖକଷ୍ଟ, ମାନସିକ ଅଶାନ୍ତି ତଥା ସ୍ୱାସ୍ଥ୍ୟଗତ ସମସ୍ୟା ମଧ୍ୟକୁ ଠେଲି ଦେଇଥାଏ । ମନୁଷ୍ୟର ବୁଦ୍ଧିମତ୍ତା, ପ୍ରକୃତିଦତ୍ତ ସୌନ୍ଦର୍ଯ୍ୟ, ବୀରତ୍ୱ, ପୌରୁଷ ଓ ବିଭିନ୍ନ ପ୍ରତିଭା ଈଶ୍ୱରଦତ୍ତ । ମନୁଷ୍ୟର ପ୍ରକୃତି ଓ ସ୍ୱଭାବ ଅନୁଯାୟୀ ତାହାର ପ୍ରବୃତ୍ତି ଓ କର୍ମର ବିଭିନ୍ନତା ଦେଖାଯାଏ ।

ସମସ୍ତ ପ୍ରାଣୀଙ୍କ ଶରୀରରେ ପରମାତ୍ମାଙ୍କ ଅସ୍ତିତ୍ୱ ରହିଛି। ଏଣୁ କେବଳ କାଠ, ପଥର କିମ୍ବା ଅନ୍ୟ ଧାତୁର ପ୍ରତିମା ପୂଜା କରିବା ଅପେକ୍ଷା ମାନବସେବା ତଥା ଦୁଃଖୀ ଓ ଅସହାୟଙ୍କ ସେବା କରିବା ଈଶ୍ୱରସେବାର ଏକ ମହତ୍ ମାଧ୍ୟମ ।

ନିଜର ସ୍ୱାର୍ଥସାଧନ କିମ୍ବା ଲୋକଦେଖାଣିଆ ଉଦ୍ଦେଶ୍ୟରେ ଧନ, ମାନ ଓ ପ୍ରତିଷ୍ଠାର ଅହଂକାର ସହ ପୂଜାର୍ଚ୍ଚନା, ହୋମଯଜ୍ଞ ଆଦି କରିବାରେ ଭକ୍ତିର ପ୍ରକୃତ ମୂଲ୍ୟ ରହେ ନାହିଁ । ଭକ୍ତିର ମୂଳରେ ସର୍ବଦା ନିଷ୍କାମ ଭାବ, ଶ୍ରଦ୍ଧା ଓ ସତ୍‌କର୍ମ ରହିବା ଉଚିତ।

ପ୍ରଭୁ ଶ୍ରୀକୃଷ୍ଣ ଶ୍ରୀମଦ୍ ଭଗବଦ୍ ଗୀତାରେ କହିଛନ୍ତି ଯେ 'ଓଁ'କାର ପରମ ଧ୍ୱନିର ପ୍ରତୀକ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

ବ୍ୟକ୍ତି ଓ ବ୍ୟକ୍ତିତ୍ୱ

# ହୃଦୟ ଓ ହସ୍ତର ହିତୈଷୀ : ଡା. ରାଜୀବ ଲୋଚନ

## ଡ. ଗୋଲକ ବିହାରୀ ଆଚାର୍ଯ୍ୟ



### ଦେବଦୂତ ଡାକ୍ତର : ଦୟାର ଦୀପ୍ତ ଦିଶା

'ଡାକ୍ତରୀ ଦୈବୀ ଦାୟିତ୍ୱ, ଦୁଃଖଦଗ୍ଧ ଦେହ ଓ ଦୁର୍ବଳ ଦିଲକୁ ଦୟା, ଦକ୍ଷତା ଓ ଦୃଢ଼ ବିଶ୍ୱାସର ଦୀପ୍ତିରେ ଦିଗଦର୍ଶନ ଦେବାର ଦିବ୍ୟ ଧର୍ମ। ଆଲୋପାଥିର ଅମୂଲ୍ୟ ଅନୁକମ୍ପା ଅସୁସ୍ଥଙ୍କୁ ଅଭୟ ଓ ଆଶ୍ୱାସନ ଅର୍ପଣ କରେ। କିନ୍ତୁ ଯେତେବେଳେ ମାନବସେବାର ମହନୀୟ ମନୋଭାବ ମୁନାଫାର ମୋହରେ ମଳିନ ହୁଏ, ସେତେବେଳେ ସମଗ୍ର ଚିକିତ୍ସା ବ୍ୟବସ୍ଥାର ମର୍ଯ୍ୟାଦା ମଧ୍ୟ ମ୍ଳାନ ହୋଇଯାଏ। ଏପରି ପରିପ୍ରେକ୍ଷୀରେ ପରୋପକାର, ପବିତ୍ରତା ଓ ପେଶାଗତ ପ୍ରତିବଦ୍ଧତାର ପ୍ରତୀକ କିଛି ଆଦର୍ଶ ଡାକ୍ତରଙ୍କୁ ପ୍ରକାଶପଥରେ ପ୍ରତିଷ୍ଠିତ କରିବାର ଏହି ପ୍ରୟାସ ଏକ ପ୍ରଶଂସନୀୟ ପଦକ୍ଷେପ। ସେମାନଙ୍କର ପ୍ରେରଣାଦାୟକ ପଦଚିହ୍ନ ପରବର୍ତ୍ତୀ ପିଢ଼ି ପାଇଁ ପଥପ୍ରଦର୍ଶକ ପ୍ରଦୀପ ହୋଇ ରହିବ।'

ଚିକିତ୍ସା ତାହାର ତାତ୍ତ୍ୱିକ ଓ ତପସ୍ୱୀ ମହିମାରେ କେବଳ ଏକ ପେଶା ନୁହେଁ; ଏହା ମାନବୀୟ ଯନ୍ତ୍ରଣାର ସେବାରେ ସମର୍ପିତ ଏକ ସାଧନା, ଏକ ସଂକଳ୍ପ, ଏକ ସେବାଧର୍ମ। ଜଣେ ଚିକିତ୍ସକଙ୍କ ପାଖରେ ଅସାଧାରଣ ଜ୍ଞାନ, ନିର୍ଭୁଲ ନିଦାନଶକ୍ତି ଓ ନିପୁଣ ପ୍ରାୟୋଗିକ ପାରଦର୍ଶିତା ଥାଇପାରେ; କିନ୍ତୁ ଜଣେ ଡାକ୍ତରଙ୍କର ପ୍ରକୃତ ପରିଚୟ ନିର୍ଣ୍ଣୟ ହୁଏ ରୋଗର ଆବରଣ ଆଢ଼ୁଆଳରେ ଲୁଚିଥିବା ମଣିଷଟିକୁ ସେ କେତେ ଦେଖିପାରୁଛନ୍ତି, ସେଥିରୁ।

ରୋଗ କେବଳ ଶରୀରକୁ ଆକ୍ରାନ୍ତ କରେନାହିଁ; ତାହା ସହ ଆସେ ଭୟ, ଭ୍ରମ, ବିଷାଦ, ଏକାକୀତ୍ୱ ଓ ଅନେକ ସମୟରେ ଅର୍ଥନୈତିକ ଅନିଶ୍ଚିତତା। ଏକ ଆଶ୍ୱାସନମୟ ବାଣୀ, ଏକ ଏକାଗ୍ର ଶ୍ରବଣ, ଏକ ଉଷ୍ମ ମାନବୀୟ ସ୍ପର୍ଶ—କେତେବେଳେ ସେହି ଯନ୍ତ୍ରଣାକୁ ମଧ୍ୟ କମାଇ ଦିଏ, ଯାହାକୁ ଔଷଧ ଏକାକୀ କମାଇପାରେ ନାହିଁ। ତେଣୁ ଶ୍ରେଷ୍ଠ ଚିକିତ୍ସକ ବିଜ୍ଞାନର ନିର୍ଭୁଲତାକୁ ସହାନୁଭୂତିର ସୌମ୍ୟତା ସହ ସମନ୍ୱିତ କରନ୍ତି। ଧନ, ଦାମ, ଦରଜା କିମ୍ବା ସାମାଜିକ ସ୍ଥିତିର ଭେଦ ନ ରଖି ପ୍ରତ୍ୟେକ ରୋଗୀଙ୍କୁ ସେମାନେ ଦିଅନ୍ତି ମର୍ଯ୍ୟାଦାର ମୌଳିକ ଅଧିକାର।

କିନ୍ତୁ ଆଜିର ଚିକିତ୍ସାଜଗତ୍‌କୁ ଘେରି ରହିଥିବା ବାଣିଜ୍ୟକ ବାଧ୍ୟବାଧକତା ଏହି ମାନବୀୟ ଆଦର୍ଶକୁ କ୍ରମେ କଠିନ ପରୀକ୍ଷାରେ ପକାଉଛି। ହସ୍ପିଟାଲ୍ ଯେତେବେଳେ ଜଟିଳ ବାଣିଜ୍ୟିକ ପ୍ରତିଷ୍ଠାନରେ ପରିଣତ ହୁଏ ଏବଂ ଚିକିତ୍ସା ଯେତେବେଳେ ପ୍ରକ୍ରିୟା, ପରାମର୍ଶ-ପାରିଶ୍ରମିକ ଓ ପ୍ରତିଫଳର ପରିମାଣରେ ପରିମାପିତ ହୁଏ, ସେତେବେଳେ ଜୀବନର ନିର୍ଲୋଭ ନିରାପତ୍ତାଦାତା ଭାବେ ଡାକ୍ତରଙ୍କର ପୁରୁଣା ପରିଚୟ ମ୍ଳାନ ହେବାର ଆଶଙ୍କା ଜାଗେ।

ଏହି ପରିପ୍ରେକ୍ଷୀରେ ଯେଉଁ ଚିକିତ୍ସକମାନେ ଡାକ୍ତରୀକୁ ଲାଭଜନକ ପେଶା ନୁହେଁ, ଏକ ନୈତିକ ଦାୟିତ୍ୱ ବୋଲି ମାନନ୍ତି, ସେମାନଙ୍କର ଗୁରୁତ୍ୱ ଆହୁରି ବଢ଼ିଯାଏ। ସେମାନେ ମନେ ପକାଇ ଦିଅନ୍ତି—ଚିକିତ୍ସାର ଶ୍ରେଷ୍ଠତା ନମ୍ରତା, ନିକଟତା ଓ ନିଷ୍ଠାର ସହ ବିରୋଧୀ ନୁହେଁ; ବରଂ ଏହି ଗୁଣଗୁଡ଼ିକ ବିନା ପେଶାଗତ ପାରଦର୍ଶିତା ମଧ୍ୟ ଅସମ୍ପୂର୍ଣ୍ଣ ଓ ଅର୍ଦ୍ଧାର୍ଥକ।

ଏହି ପରିପ୍ରେକ୍ଷୀରେ ସମ୍ବଲପୁରର ଡା. ରାଜୀବ ଲୋଚନ ଆଚାର୍ଯ୍ୟଙ୍କ ଜୀବନ ଓ ଚିକିତ୍ସାସାଧନା ଏକ ବିଶେଷ ତାତ୍ପର୍ଯ୍ୟ ଅର୍ଜନ କରେ। ତାଙ୍କ ଜୀବନଯାତ୍ରା ଚିକିତ୍ସାଜ୍ଞାନ ଓ ମାନବୀୟ ମମତାର ଏକ ଅର୍ଥବହ ସମନ୍ୱୟ। ମୂତ୍ରରୋଗ ବିଶେଷଜ୍ଞ ଭାବରେ ଉଚ୍ଚତର ପ୍ରଶିକ୍ଷଣ ପାଇଥିବା ଏହି ଚିକିତ୍ସକ ଚାହିଁଥିଲେ ଅନ୍ୟତ୍ର ଅଧିକ ଆର୍ଥିକ ସୁଯୋଗସମ୍ପନ୍ନ ଜୀବନ ଗଢ଼ିପାରିଥାନ୍ତେ; କିନ୍ତୁ ସେ ସମ୍ବଲପୁରକୁ ନିଜ କର୍ମକ୍ଷେତ୍ର କରି ମହାନଗରର ସୀମା ଛାଡ଼ି ଉନ୍ନତ ଚିକିତ୍ସାକୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚାଇବାର ପଥ ବାଛିଲେ।

ତାଙ୍କର ମହତ୍ତ୍ୱ କେବଳ ଡିଗ୍ରୀ କିମ୍ବା ଦକ୍ଷତାରେ ନୁହେଁ। ଡାକ୍ତର ହେବା ପୂର୍ବରୁ ନିଜ ପରିବାରରେ ଦେଖିଥିବା ଅଭାବ, ଅସୁବିଧା ଓ ଅସହାୟ ଅସୁସ୍ଥତା ତାଙ୍କ ମନରେ ସାଧାରଣ ମଣିଷର ରୋଗଯନ୍ତ୍ରଣା ପ୍ରତି ଏକ ସ୍ୱାଭାବିକ ସମ୍ବେଦନା ଗଢ଼ିଥିଲା। ତାଙ୍କ ସହାନୁଭୂତି ପେଶାର ଅଳଙ୍କାର ନୁହେଁ; ଏହା ତାଙ୍କ ପେଶାର ନୈତିକ ଭିତ୍ତି। ତାଙ୍କ ମଧ୍ୟରେ ଡାକ୍ତର ଓ ମାନବତାବାଦୀର ମିଳନ ଘଟିଛି—ସେ କେବଳ ରୋଗକୁ ଦୂର କରିବାକୁ ନୁହେଁ, ରୋଗ ସହ ଆସୁଥିବା ଆଶଙ୍କା, ଅସହାୟତା ଓ ଅମର୍ଯ୍ୟାଦାକୁ ମଧ୍ୟ ହ୍ରାସ କରିବାକୁ ଚାହାନ୍ତି।

॥ ନୀତିନିର୍ଦ୍ଦିଷ୍ଟ ନିଷ୍ଠାର ପେଶା ॥

ଡା. ଆଚାର୍ଯ୍ୟଙ୍କ ପେଶାଜୀବନର ସବୁଠାରୁ ଉଦ୍‌ଘାଟକ ଦିଗ ବୋଧହୁଏ ତାଙ୍କ ଜୀବନର ଏକ ସଂକଟ ସନ୍ଧିକ୍ଷଣରେ ନିଆଯାଇଥିବା ନିଷ୍ପତ୍ତି । ଏକ ସମୟରେ ନିରାପଦ ଓ ଲାଭଜନକ ସରକାରୀ ପଦ ତାଙ୍କୁ ପ୍ରତିଷ୍ଠା ଓ ସ୍ଥିରତା—ଉଭୟ ଦେଇପାରିଥାନ୍ତା। କିନ୍ତୁ ପେଶାଗତ ସୁବିଧା ତାଙ୍କ ଜୀବନର ଦିଗ ନିର୍ଦ୍ଦେଶ କରୁନାହିଁ ବୋଲି ସେ ତାହା ଛାଡ଼ିଦେଲେ।

ସମ୍ବଲପୁରକୁ ନିଜ କର୍ମସାଧନାର କେନ୍ଦ୍ର କରିବାର ନିଷ୍ପତ୍ତି ମଧ୍ୟ ସେତିକି ତାତ୍ପର୍ଯ୍ୟପୂର୍ଣ୍ଣ। ଏହା ପ୍ରମାଣ କଲା ଯେ ଉଚ୍ଚମାନର ବିଶେଷଜ୍ଞ ଚିକିତ୍ସା କେବଳ ମହାନଗରର ଏକଚାଟିଆ ସମ୍ପଦ ହୋଇ ରହିବା ଉଚିତ ନୁହେଁ।

ଏହିପରି ତାଙ୍କ କର୍ମଜୀବନ ଏକ ବୃହତ୍ତର ଅର୍ଥ ଅର୍ଜନ କଲା। ସମ୍ବଲପୁର କେବଳ ତାଙ୍କର ଚିକିତ୍ସାକେନ୍ଦ୍ର ନୁହେଁ; ଏହା ହେଲା ସେହି କର୍ମଭୂମି, ଯେଉଁଠାରେ ସେ ପ୍ରମାଣ କଲେ—ବିଶେଷଜ୍ଞ ଚିକିତ୍ସା ସହଜଲଭ୍ୟତା, ବ୍ୟକ୍ତିଗତ ନିଷ୍ଠା ଓ ସାମାଜିକ ଦାୟିତ୍ୱ ସହ ସମାନ୍ତରାଳ ଭାବେ ଚାଲିପାରେ।

॥ ପେଶାର ପ୍ରକୃତି : ସଂଯମର ସୁବୁଦ୍ଧି ॥

ମୂତ୍ରରୋଗ ବିଜ୍ଞାନରେ ସୁପର୍-ସ୍ପେସିଆଲିଷ୍ଟ ଭାବରେ ପ୍ରଶିକ୍ଷିତ ହୋଇଥିଲେ ମଧ୍ୟ ଡା. ଆଚାର୍ଯ୍ୟଙ୍କ ଚିକିତ୍ସାଦୃଷ୍ଟି କୌଣସି ସଂକୀର୍ଣ୍ଣ ବିଶେଷତାର ସୀମାରେ ବନ୍ଦୀ ନୁହେଁ। ତାଙ୍କ ଦୃଷ୍ଟି ମୂଳତଃ ନିଦାନମୂଳକ ଓ ସମଗ୍ର। ସେ କେବଳ ଲକ୍ଷଣ ଦେଖନ୍ତି ନାହିଁ, କେବଳ ଅଙ୍ଗ ଚିହ୍ନଟ କରନ୍ତି ନାହିଁ, କେବଳ ପ୍ରକ୍ରିୟା ପ୍ରସ୍ତାବ କରନ୍ତି ନାହିଁ। ସେ ରୋଗୀର ସମଗ୍ର ମଣିଷଟିକୁ, ରୋଗର ପରିବେଶକୁ ଏବଂ ଚିକିତ୍ସା ବହନ କରିବାର ତାଙ୍କ ସାମର୍ଥ୍ୟକୁ ବୁଝିବାକୁ ଚେଷ୍ଟା କରନ୍ତି।

ତାଙ୍କ ଚିକିତ୍ସାପଦ୍ଧତିର ଏକ ବିଶିଷ୍ଟ ବୈଶିଷ୍ଟ୍ୟ ହେଉଛି—ଯେଉଁଠାରେ ଚିକିତ୍ସାବିଜ୍ଞାନ ଅନୁମତି ଦିଏ, ସେଠାରେ ସଂରକ୍ଷଣଶୀଳ ଚିକିତ୍ସାକୁ ପ୍ରାଧାନ୍ୟ। ପ୍ରକ୍ରିୟା କରିବାକୁ ସେ ସଫଳତାର ସ୍ୱତନ୍ତ୍ର ପରିମାପ ଭାବେ ଦେଖନ୍ତି ନାହିଁ; କଠିନ ରୋଗନିର୍ଣ୍ଣୟ ହେଲେ ଅସ୍ତ୍ରୋପଚାର ହିଁ ଅନିବାର୍ଯ୍ୟ ଉତ୍ତର—ଏହି ଧାରଣାକୁ ମଧ୍ୟ ସେ ସ୍ୱୀକାର କରନ୍ତି ନାହିଁ। ତାଙ୍କ ଚିକିତ୍ସାଦର୍ଶନ ଅନୁଯାୟୀ ଅନେକ ରୋଗୀଙ୍କୁ ଉପଯୁକ୍ତ ଔଷଧ, ନିରୀକ୍ଷଣ ଓ ନିୟମିତ ଅନୁସରଣରେ ସଫଳତାର ସହ ପରିଚାଳନା କରାଯାଇପାରେ।

ଏହି ଦୃଷ୍ଟି ପରିପକ୍ୱ ଚିକିତ୍ସାର ଏକ ମୌଳିକ ମନ୍ତ୍ରକୁ ପ୍ରକାଶ କରେ—କେବେ ହସ୍ତକ୍ଷେପ କରିବାକୁ ହେବ, ତାହା ଜାଣିବା ଯେତିକି ଜରୁରୀ; କେବେ ହସ୍ତକ୍ଷେପ ନ କରିବାକୁ ହେବ, ତାହା ଜାଣିବା ମଧ୍ୟ ସେତିକି ଜରୁରୀ। ଜଣେ ଚିକିତ୍ସକଙ୍କ ପାରଦର୍ଶିତା କେତେ ଅସ୍ତ୍ରୋପଚାର କରିଛନ୍ତି, ସେଥିରେ ମାତ୍ର ପ୍ରମାଣିତ ହୁଏ ନାହିଁ; ଅନାବଶ୍ୟକ ହସ୍ତକ୍ଷେପରୁ କେତେ ରୋଗୀଙ୍କୁ ବଞ୍ଚାଇଛନ୍ତି, ସେଥିରେ ମଧ୍ୟ ତାହାର ପ୍ରମାଣ ରହେ।

ଡା. ଆଚାର୍ଯ୍ୟଙ୍କ ପାଇଁ ଛୁରି ହେଉଛି ଉପାୟ, ସଫଳତାର ସଂଜ୍ଞା ନୁହେଁ। ଆବଶ୍ୟକତା ଥିଲେ—ବିଶେଷକରି ଜଟିଳ ଅବରୋଧ କିମ୍ବା ପ୍ରୋଷ୍ଟେଟ୍‌ଜନିତ ସମସ୍ୟାରେ—ଅସ୍ତ୍ରୋପଚାର ନିଶ୍ଚୟ ଆବଶ୍ୟକ; କିନ୍ତୁ କେବଳ କରିପାରୁଛନ୍ତି ବୋଲି କରିବା ତାଙ୍କ ଚିକିତ୍ସାଦର୍ଶନ ନୁହେଁ।

ତାଙ୍କ ସହଜସାଧ୍ୟତା ଏହି ପେଶାଦର୍ଶନକୁ ଆହୁରି ସୁଦୃଢ଼ କରିଛି। ତାଙ୍କ ପରାମର୍ଶ-ପାରିଶ୍ରମିକ ତୁଳନାମୂଳକ ଭାବେ ସଂଯତ; ପାରମ୍ପରିକ ସମୟସୀମାର ପରେ ମଧ୍ୟ ରୋଗୀଙ୍କ ପାଇଁ ଉପଲବ୍ଧ ରହିବାର ତାଙ୍କ ମନୋଭାବ ଏକ ଅସାଧାରଣ ବିଶ୍ୱାସର ସେତୁ ଗଢ଼ିଛି। ମହାନଗରୀୟ ଚିକିତ୍ସାର ମହଙ୍ଗା ଓ ମାନବୀୟତାଶୂନ୍ୟ ଗଠନକୁ ସହଜରେ ଅତିକ୍ରମ କରିପାରୁନଥିବା ପରିବାରମାନଙ୍କ ପାଇଁ ଏପରି ସହଜସାଧ୍ୟତା ନିଜେ ଏକ ଆଶ୍ୱାସନା।

॥ ଚିକିତ୍ସକଙ୍କ ମନୋଭୂମି ॥

ଡା. ଆଚାର୍ଯ୍ୟଙ୍କ ଆଚରଣର ଗଭୀରତମ ବ୍ୟାଖ୍ୟା ବୋଧହୁଏ ତାଙ୍କ ଚିକିତ୍ସାଶିକ୍ଷାରେ ନୁହେଁ; ତାହା ତାଙ୍କ ଜୀବନର ପ୍ରାରମ୍ଭିକ ଅନୁଭବରେ ନିହିତ।

ଡାକ୍ତର ହେବା ପୂର୍ବରୁ ,ଡାକ୍ତରଙ୍କ ଟେବୁଲ୍ ?ର ଏପାରିରୁ ନୁହେଁ, ସେ ଦେଖିଥିଲେ ଅନ୍ୟ ପାର୍ଶ୍ୱରୁ—ଉଦ୍ ?ବିଗ୍ନ ରୋଗୀ ଓ ଉତ୍କଣ୍ଠିତ ପରିବାରର ପାର୍ଶ୍ୱରୁ। ସୀମିତ ସମ୍ବଳ ଓ ଅସୀମ ଅନିଶ୍ଚିତତା ମଧ୍ୟରେ ରୋଗ ସହ ଲଢ଼ିବାର ଅର୍ଥ କ'ଣ, ସେ ଅନୁଭବରୁ ବୁଝିଥିଲେ ।ସେହି ଅନୁଭବ ତାଙ୍କ ଚିକିତ୍ସାଚେତନାକୁ ଚିରସ୍ଥାୟୀ ଭାବେ ଗଢ଼ିଦେଇଥିବା ମନେହୁଏ।ସେ ଗରିବ ରୋଗୀର ମନୋବିଜ୍ଞାନ ଭୁଲିନାହାନ୍ତି—ମହଙ୍ଗା ଔଷଧର ଭୟ, ନିଦାନ ପରୀକ୍ଷାର ଆଶଙ୍କା, ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ବୃଦ୍ଧଙ୍କ ଅସହାୟତା, କିମ୍ବା ନିର୍ଦ୍ଦିଷ୍ଟ ଚିକିତ୍ସାର ଖର୍ଚ୍ଚ ବହନ କରିପାରିବେ ନାହିଁ ବୋଲି କହିବାର ଲଜ୍ଜା। ତେଣୁ ତାଙ୍କ ସହାନୁଭୂତି କୌଣସି ପେଶାଗତ ପ୍ରଦର୍ଶନ ନୁହେଁ; ଏହା ତାଙ୍କ ସ୍ୱଭାବର ସ୍ୱାଭାବିକ ସ୍ପନ୍ଦନ ।ଜ୍ଞାନର ଅଭାବ ପାଇଁ ସେ ମଣିଷକୁ ଅପମାନ କରନ୍ତି ନାହିଁ। ସାମାଜିକ ସ୍ଥିତିରେ ରୋଗୀର ମୂଲ୍ୟ ମାପନ୍ତି ନାହିଁ। ନିଜ ପେଶାଗତ ପଦମର୍ଯ୍ୟାଦା ଓ ରୋଗୀଙ୍କ ମଧ୍ୟରେ ଅନାବଶ୍ୟକ ଦୂରତାର ପ୍ରାଚୀର ଉଠାନ୍ତି ନାହିଁ ।ତାଙ୍କ ଆଚରଣ ଏକ ସରଳ, କିନ୍ତୁ ସୁଦୂରପ୍ରସାରୀ ସତ୍ୟକୁ ସୂଚାଏ—ରୋଗୀର ମର୍ଯ୍ୟାଦା ମଧ୍ୟ ଚିକିତ୍ସାର ଏକ ଅଂଶ।

॥ ମନର ମହତ୍ତ୍ୱର ବିକାଶ ॥

ପେଶାଗତ ଜ୍ଞାନ ଶିକ୍ଷା, ପ୍ରଶିକ୍ଷଣ ଓ ଅଭିଜ୍ଞତାରେ ବିକଶିତ ହୁଏ। କିନ୍ତୁ ମନର ମହତ୍ତ୍ୱର ବିକାଶ ପାଇଁ ଆବଶ୍ୟକ ଆଉ କିଛି ଗଭୀର ଗୁଣ—ଆତ୍ମପର୍ଯ୍ୟାଲୋଚନା, ନମ୍ରତା ଓ ଯନ୍ତ୍ରଣାରୁ ଶିଖିବାର ସାମର୍ଥ୍ୟ। ଡା. ଆଚାର୍ଯ୍ୟଙ୍କ ଚିକିତ୍ସକ-ସ୍ୱରୂପର ବିକାଶ ଏହି ତିନିର ସମନ୍ୱୟରେ ହୋଇଥିବା ମନେହୁଏ। ବିଶେଷଜ୍ଞ ପ୍ରଶିକ୍ଷଣ ତାଙ୍କୁ ଦେଇଛି ବୈଜ୍ଞାନିକ ବିଚକ୍ଷଣତା; ଅଭିଜ୍ଞତା ଦେଇଛି କ୍ଲିନିକାଲ୍ ବିବେକ; ଅଭାବ ଦେଇଛି ସମ୍ବେଦନା; ଏବଂ ସାଧାରଣ ମଣିଷଙ୍କ ସହ ନିରନ୍ତର ସମ୍ପର୍କ ତାଙ୍କୁ ମାଟି ସହ ମିଶାଇ ରଖିଛି।

ପେଶାଗତ ସଫଳତା ତାଙ୍କ ମନକୁ କୌଣସି ଅଭେଦ୍ୟ ଆବରଣରେ ଆବୃତ କରିପାରିନାହିଁ। ବରଂ ଅଭିଜ୍ଞତା ସହ ତାଙ୍କ ଚିକିତ୍ସାବୋଧର ପରିସର ବଢ଼ିଛି। ରୋଗ କେବଳ ଏକ ଜୈବିକ ଘଟଣା ନୁହେଁ; ଏହା ସାମାଜିକ, ସାଂବେଦନିକ ଓ ଅର୍ଥନୈତିକ ଅନୁଭବ ମଧ୍ୟ।ଏହି ବ୍ୟାପକ ବୋଧ ହିଁ ବୃଦ୍ଧ ରୋଗୀଙ୍କ ପ୍ରତି ତାଙ୍କ ଚିନ୍ତାକୁ ବୁଝାଇଥାଏ। ଯେତେବେଳେ କୌଣସି ବୃଦ୍ଧ ପର୍ଯ୍ୟାପ୍ତ ପାରିବାରିକ ସହାୟତା ବିନା ଆସନ୍ତି, ସେତେବେଳେ ସେ ପରିଜନଙ୍କୁ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ପ୍ରଶ୍ନ କରିପାରନ୍ତି। ତାଙ୍କ ପାଇଁ ବୃଦ୍ଧ ପିତାମାତାଙ୍କ ଯତ୍ନ କେବଳ ସାମାଜିକ ପ୍ରଥା ନୁହେଁ; ଏହା ଏକ ନୈତିକ କର୍ତ୍ତବ୍ୟ। ଆବଶ୍ୟକ ହେଲେ ତାଙ୍କ ଚିନ୍ତା ଔଷଧର ପ୍ରେସକ୍ରିପ୍ସନ୍‌କୁ ଅତିକ୍ରମ କରି ମାନବୀୟ ପରାମର୍ଶ ପର୍ଯ୍ୟନ୍ତ ପହଞ୍ଚେ। ଏଠାରେ ଚିକିତ୍ସକ ହୋଇଯାନ୍ତି ପରାମର୍ଶଦାତା, ପ୍ରହରୀ, କେତେବେଳେ ଏକ ନୈତିକ ସ୍ୱର।

॥ ସେବାର ସଂକଳ୍ପ ॥

ପ୍ରତ୍ୟେକ ସାର୍ଥକ ଜୀବନକୁ ଏକ ନିର୍ଦ୍ଦେଶକ ସଂକଳ୍ପ ଦରକାର। ଡା. ଆଚାର୍ଯ୍ୟଙ୍କ କ୍ଷେତ୍ରରେ ସେହି ସଂକଳ୍ପ ମନେହୁଏ—ପେଶାଗତ ସଫଳତା ତାଙ୍କୁ ସାଧାରଣ ମଣିଷର ଯନ୍ତ୍ରଣାଠାରୁ ବିଚ୍ଛିନ୍ନ କରିବ ନାହିଁ। ସମ୍ବଲପୁରର ପସନ୍ଦ, ତାଙ୍କ ତୁଳନାମୂଳକ ସହଜସାଧ୍ୟ ଚିକିତ୍ସା, ହସ୍ତକ୍ଷେପରେ ସଂଯମ ଓ ରୋଗୀଙ୍କ ସହ ବ୍ୟକ୍ତିଗତ ସମ୍ପୃକ୍ତି—ସବୁ ଏକେଇ ସତ୍ୟକୁ ସୂଚାଏ: ଚିକିତ୍ସା ମାନବତା ପ୍ରତି ଉତ୍ତରଦାୟୀ ରହିବା ଉଚିତ ।ଏହାର ଅର୍ଥ ଆଧୁନିକ ଚିକିତ୍ସା କିମ୍ବା ବୈଜ୍ଞାନିକ ପ୍ରଗତିକୁ ପ୍ରତ୍ୟାଖ୍ୟାନ କରିବା ନୁହେଁ। ବରଂ ଉତ୍କୃଷ୍ଟ ଚିକିତ୍ସାସେବା ପାଇଁ ସର୍ବୋଚ୍ଚ ଜ୍ଞାନମାନ ଆବଶ୍ୟକ। କିନ୍ତୁ ଜ୍ଞାନ ସେତେବେଳେ ହିଁ ପ୍ରକୃତ ମୂଲ୍ୟ ଅର୍ଜନ କରେ, ଯେତେବେଳେ ତାହା ପ୍ରତିଷ୍ଠାର ପ୍ରଦର୍ଶନ ନୁହେଁ, ମଣିଷର ସେବାରେ ନିୟୋଜିତ ହୁଏ ।ଡା. ଆଚାର୍ଯ୍ୟଙ୍କ ଉଦାହରଣ ତେଣୁ ଏହି ଧାରଣାକୁ ସଂଶୋଧିତ କରେ ଯେ ନୈତିକ ଚିକିତ୍ସା ଏକ ପୁରୁଣା ଆଦର୍ଶ। ସହାନୁଭୂତି ଦକ୍ଷତାର ବିକଳ୍ପ ନୁହେଁ; ବରଂ ଦକ୍ଷତାକୁ ନୈତିକ ଦିଗଦର୍ଶନ ଦେଉଥିବା ଦୀପଶିଖା।

॥ ଏକ ଜୀବନପଦ୍ଧତି ॥



ଡା. ଆଚାର୍ଯ୍ୟଙ୍କ ବ୍ୟକ୍ତିତ୍ୱର ସବୁଠାରୁ ଆକର୍ଷଣୀୟ ଦିଗ ବୋଧହୁଏ ଏହି ଯେ, ତାଙ୍କ ପେଶାଦର୍ଶନ ଓ ବ୍ୟକ୍ତିଜୀବନର ଜୀବନପଦ୍ଧତି ପରସ୍ପରଠାରୁ ଅଲଗା ନୁହେଁ। ତାଙ୍କ ସରଳତା କୌଣସି ସୁପରିକଳ୍ପିତ ସାର୍ବଜନୀନ ପ୍ରତିଛବି ନୁହେଁ; ଏହା ଅଭାବ ଓ ଅସୁବିଧାକୁ ଜାଣିଥିବା ଏକ ଜୀବନର ସ୍ୱାଭାବିକ ସ୍ଫୁରଣ ।ସେ ନିଜ ମନରେ ସାଧାରଣ ମଣିଷର ଅନୁଭବକୁ ଧାରଣ କରିଛନ୍ତି। ବିଶେଷଜ୍ଞ ଜ୍ଞାନ ଓ ପେଶାଗତ ପ୍ରତିଷ୍ଠା ଅର୍ଜନ କରିବା ପରେ ମଧ୍ୟ ସେ ନିଜ ସଂଘର୍ଷର ସ୍ମୃତିକୁ ମିଟାଇ ଦେଇନାହାନ୍ତି।

ସେଥିପାଇଁ ତାଙ୍କ ସହାନୁଭୂତିରେ ଏକ ବିଶେଷ ସତ୍ୟତା ରହିଛି। ଗରିବର ଅସହାୟତାକୁ ସେ ବୁଝିପାରନ୍ତି, କାରଣ ଅଭାବର ଅସୁରକ୍ଷାକୁ ସେ ଜାଣିଛନ୍ତି। ଉଦ୍‌ବିଗ୍ନ ପରିବାରକୁ ସେ ବୁଝିପାରନ୍ତି, କାରଣ ଉତ୍କଣ୍ଠାର ଅନୁଭବ ତାଙ୍କର ମଧ୍ୟ ରହିଛି। ଅସୁସ୍ଥତାର ଅସହାୟତାକୁ ସେ ଅନୁଭବ କରିପାରନ୍ତି, କାରଣ ତାହାକୁ ସେ ନିକଟରୁ ଦେଖିଛନ୍ତି ।ଏକ କ୍ରମବର୍ଦ୍ଧମାନ ବାଣିଜ୍ୟିକ ଓ ବିନିମୟମୂଳକ ଜଗତରେ ମଣିଷ ଓ ଚିକିତ୍ସକ ମଧ୍ୟରେ ଏହି ଅନ୍ତର୍ନିହିତ ଏକତା ହିଁ ବୋଧହୁଏ ତାଙ୍କର ସର୍ବଶ୍ରେଷ୍ଠ ଶକ୍ତି।

॥ ଉପସଂହାର : ଚିକିତ୍ସକଙ୍କ ପ୍ରକୃତ ସମ୍ପଦ ॥

ଆଜି ଚିକିତ୍ସାପେଶା ଏକ ଅଦ୍ଭୁତ ସନ୍ଧିକ୍ଷଣରେ ଦଣ୍ଡାୟମାନ। ବିଜ୍ଞାନ ଚିକିତ୍ସକଙ୍କ ହାତରେ ଦେଇଛି ରୋଗ ନିର୍ଣ୍ଣୟ, ଚିକିତ୍ସା ଓ ଜୀବନରକ୍ଷାର ଅସାଧାରଣ ଶକ୍ତି। କିନ୍ତୁ ଚିକିତ୍ସାର ଶକ୍ତି ଯେତେ ବଢ଼େ, ତାହାର ମାନବୀୟ ଆତ୍ମାକୁ ସୁରକ୍ଷିତ ରଖିବାର ଦାୟିତ୍ୱ ମଧ୍ୟ ସେତେ ବଢ଼େ ।ଜଣେ ଡାକ୍ତରଙ୍କୁ ଦରକାର ପ୍ରଶିକ୍ଷିତ ହାତ; କିନ୍ତୁ ତା' ସହ ଦରକାର ପ୍ରଶାନ୍ତ, ପ୍ରେମପୂର୍ଣ୍ଣ ହୃଦୟ। ଦରକାର ବୈଜ୍ଞାନିକ ଶୃଙ୍ଖଳା; କିନ୍ତୁ ତା' ସହ ଦରକାର ନମ୍ରତା। ଦରକାର ନିଦାନୀୟ ବୁଦ୍ଧି; କିନ୍ତୁ ତା' ସହ ଦରକାର ଶୁଣିବାର ଧୈର୍ଯ୍ୟ। ସର୍ବୋପରି ଦରକାର ଏହି ସ୍ମରଣ—ପ୍ରତ୍ୟେକ ଚିକିତ୍ସା-ଫାଇଲ୍‌ର ପଛରେ ରହିଛି ଏକ ମଣିଷଜୀବନ, ଯାହା ତାଙ୍କ ଯତ୍ନରେ ନ୍ୟସ୍ତ।

ଡା. ରାଜୀବ ଲୋଚନ ଆଚାର୍ଯ୍ୟଙ୍କ ଯାତ୍ରା ଏହି ଚିରନ୍ତନ ମୂଲ୍ୟବୋଧର ଏକ ସାର୍ଥକ ସ୍ମାରକ। ତାଙ୍କ ପେଶାଗତ ପାରଦର୍ଶିତା ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ; କିନ୍ତୁ ତାଙ୍କର ଗଭୀରତର ସଫଳତା ରହିଛି—ବିଶେଷଜ୍ଞତା ସହ ସମ୍ବେଦନାର ସଂଯୋଗରେ, ଗଭୀର ଜ୍ଞାନ ସହ ସରଳତାର ସମନ୍ୱୟରେ ଏବଂ ପେଶାଗତ ପ୍ରତିଷ୍ଠା ସହ ମାନବୀୟ ଦାୟିତ୍ୱର ସମ୍ପର୍କରେ।

ଜଣେ ଡାକ୍ତରଙ୍କ ପ୍ରକୃତ ସମ୍ପଦ ଶେଷ ପର୍ଯ୍ୟନ୍ତ ପରାମର୍ଶ-ପାରିଶ୍ରମିକ, କରାଯାଇଥିବା ପ୍ରକ୍ରିୟା କିମ୍ବା ସଞ୍ଚିତ ସମ୍ପତ୍ତିରେ ମାପି ହୁଏ ନାହିଁ। ତାହା ମାପି ହୁଏ ଭୟଭୀତ ପରିବାରକୁ ଦିଆଯାଇଥିବା ଆଶ୍ୱାସନରେ, ବୃଦ୍ଧ ରୋଗୀଙ୍କୁ ଫେରାଇ ଦିଆଯାଇଥିବା ମର୍ଯ୍ୟାଦାରେ, ଦରିଦ୍ର ଦୁଃଖୀଙ୍କ ମନରେ ଜାଗ୍ରତ କରାଯାଇଥିବା ବିଶ୍ୱାସରେ ଏବଂ ଅସହାୟତାର ଅନ୍ଧକାର ମୁହୂର୍ତ୍ତରେ ସୁରକ୍ଷିତ ରଖାଯାଇଥିବା ଆସ୍ଥାରେ।

ଚିକିତ୍ସା ଶରୀରକୁ ସୁସ୍ଥ କରିପାରେ; କରୁଣା ପହଞ୍ଚେ ତାହାଠାରୁ ଆହୁରି ଗଭୀରତରେ ।ଯେତେବେଳେ ଜ୍ଞାନ ନମ୍ରତାର ନିର୍ଦ୍ଦେଶରେ ନିୟୋଜିତ ହୁଏ, ଦକ୍ଷତା ସଂଯମରେ ସଂସ୍କୃତ ହୁଏ ଏବଂ ପେଶାଗତ ସଫଳତା ମାନବୀୟ ଯନ୍ତ୍ରଣା ପ୍ରତି ଉତ୍ତରଦାୟୀ ରହେ, ସେତେବେଳେ ଡାକ୍ତର କେବଳ ଚିକିତ୍ସକ ହୋଇ ରହନ୍ତି ନାହିଁ ।ସେ ହୋଇଉଠନ୍ତି—ହୃଦୟ ଓ ହସ୍ତର ପ୍ରକୃତ ହିତୈଷୀ, ମାନବତାର ମହତ୍ତ୍ୱର ମରମୀ ଚିକିତ୍ସକ।

♥ କେଶଦୂରାପାଳ
କେନ୍ଦୁଝର- ୭୫୮୦୨୫
(ମୋ)୯୯୩୮୧୭୫୧୦୦

## ରହସ୍ୟମୟ ଫୋନ୍ କଲ୍

### ଓଟେରି ସେଲଭା କୁମାର

ବିଛଣାରେ ଶୋଇଥିବା ବେଳେ ସାରା ଦିନ ମୋ ଭିତରେ ବଢୁଥିବା ଅଶାନ୍ତିର ଅନୁଭବକୁ ମୁଁ ହଟାଇ ପାରିଲି ନାହିଁ ।

ମଧ୍ୟରାତ୍ରି ହୋଇଗଲା ଏବଂ ବାହାରେ ଅନ୍ଧକାର ମୋ ଉପରେ ଚାପ ପକାଇଲା, ଯାହା ମୋତେ କ୍ଲଷ୍ଟ୍ରୋଫୋବିକ ଅନୁଭବ କଲା।

ମୁଁ ଶୋଇବା ଆରମ୍ଭ କରିବା ମାତ୍ରେ ନୀରବତା ଭିତରେ ମୋ ଫୋନ୍ ଜୋରରେ ବାଜିଲା। ଏହାର ଉତ୍ତର ଦେବା ପୂର୍ବରୁ ମୁଁ କିଛି ମୁହୂର୍ତ୍ତ ପାଇଁ ପଛଘୁଞ୍ଚା ଦେଲି ।

'ହେଲୋ ?' ମୁଁ କହିଲି, ମୋ ସ୍ୱର ଟିକିଏ ଉପରକୁ।

ଲାଇନର ଅନ୍ୟ ପାର୍ଶ୍ୱରେ ଏକ ବିରତି ଥିଲା, ଏବଂ କିଛି କ୍ଷଣ ପାଇଁ, ମୁଁ ଭାବିଲି ଯେ ଏହା ଏକ ଭୁଲ ନମ୍ବର । କିନ୍ତୁ ତା'ପରେ ଏକ ନିମ୍ନ, ଗଭୀର ସ୍ୱର ଉଠିଲା ।

ଏଥିରେ କୁହାଯାଇଛି, 'ଆପଣ ବିପଦରେ ଅଛନ୍ତି। ମୋ ହୃଦୟର ସ୍ପନ୍ଦନ ବନ୍ଦ ହୋଇଗଲା। 'ଏ କିଏ ?' ମୁଁ ଦାବି କଲି ।

ସେଠାରେ ଆଉ ଏକ ବିରତି ଆସିଲା, ଆଉ ତା'ପରେ ସ୍ୱର ପୁଣି ଉଠିଲା ।

'ଆପଣ ମୋତେ ଜାଣନ୍ତି ନାହିଁ, କିନ୍ତୁ ମୁଁ ତୁମକୁ ଦେଖୁଛି । ତୁମକୁ ଅନୁସରଣ କରାଯାଉଛି। ମୁଁ ଅନୁଭବ କଲି ଯେ ମୋ ମେରୁଦଣ୍ଡରେ ଥଣ୍ଡା ପ୍ରବାହିତ ହେଉଛି । 'ତୁମେ କ'ଣ କହୁଛ ?' ମୁଁ ମୋ ସ୍ୱରକୁ ସ୍ଥିର ରଖିବାକୁ ଚେଷ୍ଟା କରି ପଚାରିଲି ।

ସ୍ୱର୍ ଉତ୍ତର ଦେଲା ନାହିଁ। ବରଂ, ସେ କେବଳ ହସିଲ, ଗଭୀର, ଭୟଙ୍କର ସ୍ୱର ଯାହାର ଶୁଣି ମୋର ରକ୍ତରେ କମ୍ପନ୍ନ ନେଇ ଆସିବାକୁ ଲାଗିଲା ।ଆଚାନକ, ଫୋନ୍ ଲାଇନ୍ ମୃତ ହେବାକୁ ଲାଗିଲା।

ମୁଁ କାଳୋ ହାଲରେ ବସିଥିଲି, ମୋର ହୃଦୟ ଥର୍କୁ ଥର୍କୁ କରୁଥିଲା ।ମୁଁ ନିଜ ମନକୁ କହିଲି ଏହା କେବଳ ଏକ ପ୍ରାଙ୍କ ହୋଇଥିବାକୁ, କିନ୍ତୁ ମୋତେ ଲଗୁଥିଲା କିଛି ଖରାପ ଘଟୁଛି।

ମୁଁ ବେଳେ ବେଳେ କମରକୁ ଦେଖିଲି, ଏକ ଅସୁବିଧାର ଅନୁଭବ କରିଲି ।ତା ପରେ, ମୁଁ ଦେଖିଲି। ମୋ ଜାଲାଠାରୁ ବାହାରେ ଥିବା ଏକ ଛାୟାଓ୍ୱିଦ୍ଧ ଚିହ୍ନ ।ମୋର ରକ୍ତ ଠଣ୍ଡ ହେଗଲା।

ଫୋନ ଉପରେ ଥିବା ସ୍ୱର ସତ୍ୟ କହୁଥିଲା। ମୋତେ ଅନୁସରଣ କରାଯାଇଥିଲା ।ମୁଁ କେମିତି କରିବି ଜାଣିଥାଇନି।

ମୋର ଗୋଟି ପ୍ରଭାବପୂର୍ଣ୍ଣବାସୀ ଅନ୍ୟ ଭାଗ ନିକଟରେ ସ୍ଥିର କରିଥିଲେ।

ମୁଁ ବସିଥିବା ସମୟରେ, ଭୟରେ ବନ୍ଦ ଥିବା ଚିହ୍ନ ହାଟିଃ ଦିନମୟେ କାଳରେ ନଷ୍ଟ ହେଲା ।କିନ୍ତୁ ମୁଁ ଜାଣିଥିଲି ଏହା ପୁନରାସ୍ଥାନ କରିବ।

♥ ୨୫/୧୩, ସାନ୍ତିୟାପ୍ପା
ସ୍ରୀଟ୍,ଓଟେରୀ,
ଚେନ୍ନାଇ ୬୦୦୦୧୨
ମୋ: ୯୮୪୦୩୨୬୮୫୮

ରବିବାର, ସେପ୍ଟେମ୍ବର ୦୬, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବିଭିନ୍ନ ସମସ୍ୟା ନେଇ ଆଶାକର୍ମୀ ମାନଙ୍କ ଦାବିପତ୍ର ପ୍ରଦାନ



ବାସୁଦେବପୁର, ୫/୯ (ନି.ପ୍ର): ଓଡ଼ିଶା ଆଶାକର୍ମୀ ସଂଘ ବାସୁଦେବପୁର, ଭଦ୍ରକ ଶାଖାର କର୍ମକର୍ତ୍ତା ଓ ସଦସ୍ୟ ମାନେ ବିଭିନ୍ନ ସମସ୍ୟାକୁ ନେଇ ବାସୁଦେବପୁର ମେଡିକାଲ ଅଫିସର ଅମରେନ୍ଦ୍ର ଜେନାଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ବାସୁଦେବପୁରର ଆଶାକର୍ମୀ ମାନେ ବାସୁଦେବପୁର ବଜାରରେ ଏକ ଶୋଭାଯାତ୍ରା ପରିକ୍ରମା କରିଥିଲେ। ଏହି ଅବସରରେ ଭଦ୍ରକ ଜିଲ୍ଲା ସଭାପତି ମମତା ଜେନା, ବିଶିଷ୍ଟ ଶ୍ରମିକ ନେତା ଦିବ୍ୟସିଂହ ନାୟକ, ସୀତା ରାଣୀ ଦାଶ, ଜୟନ୍ତୀ ନାୟକ ଓ ସଦସ୍ୟ ତଥା ବହୁ ସଂଖ୍ୟାରେ ଆଶାକର୍ମୀ ମାନେ ଯୋଗ ଦେଇଥିଲେ ଏବଂ ସରକାରଙ୍କ ଠାରେ ଦାବି ଉପସ୍ଥାପନ କରିଥିଲେ। ଯେଉଁ ଦାବି ରହିଛି ସେଗୁଡ଼ିକ ହେଲା ଆଶାକର୍ମୀ ମାନଙ୍କୁ ଶ୍ରମିକର ମାନ୍ୟତା ପ୍ରଦାନ କରାଯାଉ, ଆଶାକର୍ମୀ ମାନଙ୍କ ମାସିକ ୨୬ ହଜାର ଟଙ୍କା କରାଯାଉ, ପ୍ରତିବର୍ଷରେ ପ୍ରଦାନ କରା ଯାଉଥିବା ଜରୁରୀ କାଳୀନ ଅର୍ଥ ପ୍ରଦାନ କରାଯାଉ, ବାସୁଦେବପୁର ଗୋଷ୍ଠୀ ସାଧନ କେନ୍ଦ୍ରରେ ଯଥା ଶୀଘ୍ର ଶିଶୁ ରୋଗ ବିଶେଷଜ୍ଞ ନିଯୁକ୍ତ କରାଯାଉ।

# କୃପାକ୍ଷେତ୍ର ମନ୍ଦିର ପ୍ରାଙ୍ଗଣରେ ଜନ୍ମାଷ୍ଟମୀ ପାଳିତ



ବସ୍ତା, ୫/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ ଓ ବିଭିନ୍ନ ମଠ ଓ ମନ୍ଦିରରେ ଜନ୍ମାଷ୍ଟମୀ ପାଳନ ପାଳିତ ହେଉଥିବ ବେଳେ ଇଡିଦା ପଞ୍ଚାୟତ ଗାମାନୁଣ୍ଡିଠାରେ ଅନୁଷ୍ଠିତ କୃପାକ୍ଷେତ୍ର ମନ୍ଦିର ପ୍ରାଙ୍ଗଣରେ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ଭକ୍ତି ଓ ଆନନ୍ଦମୟ ପରିବେଶରେ ଧୁମଧାମରେ ପାଳିତ ହୋଇ ଯାଇଛି। ଏହି ଅବସରରେ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବକୁ ନେଇ ମନ୍ଦିର ପରିସରରେ ଭକ୍ତଙ୍କ ଭିଡ଼ ଜମିଥିଲା। ଭଗବାନ ଶ୍ରୀକୃଷ୍ଣ ହେଉଛନ୍ତି ଧର୍ମ, ସତ୍ୟ, ନ୍ୟାୟ ଓ ନିଷ୍କାମ କର୍ମର ପ୍ରତୀକ। ଦ୍ୱାପର ଯୁଗରେ ଅଧର୍ମର ବିନାଶ ଓ ଧର୍ମର ପ୍ରତିଷ୍ଠା ପାଇଁ ଭଗବାନ ବିଷ୍ଣୁଙ୍କ ଅବତାର ଭାବେ ଶ୍ରୀକୃଷ୍ଣ ମର୍ତ୍ତ୍ୟମଣ୍ଡଳରେ ଅବତରଣ କରିଥିଲେ। ତାଙ୍କ ଜୀବନରେ ପ୍ରେମ, ଭକ୍ତି, କର୍ତ୍ତବ୍ୟ ଓ ଧର୍ମର ଅନନ୍ୟ ସମନ୍ୱୟ ଦେଖିବାକୁ ମିଳେ। କୁରୁକ୍ଷେତ୍ର ଯୁଦ୍ଧ ସମୟରେ ଅର୍ଜୁନଙ୍କୁ ପ୍ରଦାନ କରିଥିବା ଶ୍ରୀମଦ ଭଗବଦ ଗୀତାର ଉପଦେଶ ଆଜି ମଧ ସମଗ୍ର ମାନବସମାଜକୁ ସତ୍ୟ ଓ ନିଷ୍ଠାର ପଥରେ ଆଗେଇବାକୁ ପ୍ରେରଣା ଦେଉଛି।ଜନ୍ମାଷ୍ଟମୀ ଅବସରରେ କୃପାକ୍ଷେତ୍ର ମନ୍ଦିରରେ ଶ୍ରୀକୃଷ୍ଣଙ୍କ ବିଭିନ୍ନ ପୂଜାବିଧି ସହ ଭଜନ, କୀର୍ତ୍ତନ ଓ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା, ମାଖନଚୋରି ଓ ଗୋପାଳ ରୂପକୁ ସ୍ମରଣକରି ଭକ୍ତମାନେ ଭକ୍ତି ଭାବରେ ଠାକୁରଙ୍କ ଆରାଧନା କରିଥିଲେ। ରାତ୍ରିରେ ଶ୍ରୀକୃଷ୍ଣଙ୍କ ଜନ୍ମ ସମୟରେ ମନ୍ଦିର ପରିସରରେ ଘଣ୍ଟଘଣ୍ଟା, ହୁଳହୁଳି ଓ 'ହରିବୋଲ' ଧ୍ୱନିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ଅବସରରେ ଉପସ୍ଥିତ ଭକ୍ତମାନେ ଠାକୁରଙ୍କ ଦର୍ଶନ କରିବା ସହ ଭକ୍ତିଭାବରେ ପୂଜାର୍ଚ୍ଚନା କରିଥିଲେ। ଶ୍ରୀକୃଷ୍ଣଙ୍କ ଆଶୀର୍ବାଦରେ ସମାଜରେ ଶାନ୍ତି, ସମୃଦ୍ଧି ଓ ଭାଇଚାରା ବଜାୟ ରହୁ ବୋଲି ଭକ୍ତମାନେ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସଭାପତି ରଘୁନାଥ ସାହୁ, ପୂର୍ବତନ ସରପଞ୍ଚ ଦେବୀପ୍ରସାଦ ଭଞ୍ଜ, ସମ୍ପାଦକ ଅରୁଣ କୁମାର ସେଠୀ, ଜଳଧର ସେଠୀ, ବିମିଳେଶ୍ୱର ବେହେରା, ତାରାକାନ୍ତ ବେହେରା, ସଞ୍ଜୟ କୁମାର ପ୍ରଧାନ, କମଳାକାନ୍ତ ଦାସ, ଗୌରାଙ୍ଗ ମହାପାତ୍ର, ନିବେଦିତା ପାତ୍ରଙ୍କ ସମେତ ଚିମ୍ପୁ, ଟୁନା, ବିଷୁଆ, ଚିଣ୍ଟୁ, ଜଗା, ପିଣ୍ଟୁ, ଅଜୟ, ଦିଲିପ, କମ୍ବୁ ଓ ମଣ୍ଟୁ ପ୍ରମୁଖ ଉପସ୍ଥିତ ରହି ଉତ୍ସବକୁ ସୁଚାରୁ ରୂପେ ପରିଚାଳନାରେ ସହଯୋଗ କରିଥିଲେ।

# ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ 'ପ୍ରେରଣା ଦିବସ' ପାଳିତ

ବାଲେଶ୍ୱର, ୫/୯ (ନି.ପ୍ର): ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ 'ପ୍ରେରଣାଦିବସ-୨୦୨୬' ପାଳିତ ହୋଇଯାଇଛି। ଶନିବାର ଦିନ ଅପରାହ୍ନରେ ବାଲେଶ୍ୱର ଓକିଲ ସଂଘ ସଭାଗୃହରେ ନିରଞ୍ଜନ ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ଆଇଟିଆର୍‌ର ଯୁଗ୍ମ ନିର୍ଦ୍ଦେଶକ ଡ. ନୀଳାଦ୍ରି ରାୟ ଯୋଗଦେଇ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର କାର୍ଯ୍ୟକୁ ଉଚ୍ଚପ୍ରଶଂସା କରିଥିଲେ। ଏମ୍ସ ସାଟେଲାଇଟ୍ ସେଣ୍ଟରର ବହିର୍ବିଭାଗ ସାପ୍ତାହିକ ସେବା ପ୍ରଦାନ କରିବାରେ ବାଲେଶ୍ୱରବାସୀଙ୍କ ଅବଦାନକୁ ଧନ୍ୟବାଦ ଦେଇଥିଲେ। କ୍ରିୟାନୁଷ୍ଠାନ କମିଟିର ସାଧାରଣ ସଂପାଦକ ପ୍ରଦୀପ ଦାସ, ପ୍ରାକ୍ତନ ସଭାପତି ପ୍ରଫେସର ଅନନ୍ତ ପ୍ରଧାନ, ନାରୀନେତ୍ରୀ ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ରେମୁଣା ବ୍ଲକ୍ ସଭାପତି ରାଜେନ୍ଦ୍ର ରାଉତ, ଓକିଲ ସଂଘର ସଭାପତି ମନୋଜ ନାୟକ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଗତ ୨୦୧୨ ମସିହା ସେପ୍ଟେମ୍ବର ୫ ତାରିଖ ଦିନ ବାଲେଶ୍ୱରରେ ଏକ ସରକାରୀ ମେଡିକାଲ୍ କଲେଜ୍ ପ୍ରତିଷ୍ଠା ଦାବିରେ ବିଧାନସଭା ସମ୍ମୁଖରେ ଗଣଧାରଣାରେ ଯୋଗଦେଇ ବାଲେଶ୍ୱର ଫେରୁଥିବା ବସ୍‌ରେ ୩୬ଜଣ ଆନ୍ଦୋଳନକାରୀ ଏକ ଦୁର୍ଘଟଣାରେ ବହୁ ସଦସ୍ୟ ସଦସ୍ୟା ଗୁରୁତର ଭାବେ ଆହତ ହୋଇଥିଲେ। ଏହି ଦିନକୁ ସ୍ମରଣୀୟ କରିବା ପାଇଁ ଉକ୍ତ ଦିନକୁ 'ପ୍ରେରଣା ଦିବସ' ଭାବେ କ୍ରିୟାନୁଷ୍ଠାନ କମିଟି ପ୍ରତିବର୍ଷ ପାଳନ କରିଆସୁଛି। ଏହି ଅବସରରେ ଉକ୍ତ ଦୁର୍ଘଟଣାରେ ଆହତମାନଙ୍କୁ ପୁଷ୍ପପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସର୍ବଶ୍ରୀ କୁମୁଦରଞ୍ଜନ ଗିରି, ଶତ୍ରୁଘ୍ନ ମଲ୍ଲିକ, ଅକ୍ଷୟ କୁମାର ତ୍ରିପାଠୀ, ଶ୍ୟାମସୁନ୍ଦର ଜେନା ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ବାଲେଶ୍ୱର ଜିଲ୍ଲାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ଅବିରତ ଉଦ୍ୟମ ଜାରି ରଖିଛି ବୋଲି ମତପ୍ରଦାନ କରିଥିଲେ। ଗୌରାଙ୍ଗ ପାଣିଗ୍ରାହୀ ପ୍ରେରଣା ଦିବସ ପାଳନର ଗୁରୁତ୍ୱ ସଂପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଯତୀନ୍ ପାତ୍ର, କ୍ରିଷ୍ଣା ସାହା, ଶରତ ମହାନ୍ତି ଓ ଜଗତାନନ୍ଦ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ପ୍ରଫୁଲ୍ଲ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ସଦସ୍ୟ, ସଦସ୍ୟା ଉପସ୍ଥିତ ଥିଲେ।

# ପୋଲତଳକୁ ଖସି ବାଇକ ଆରୋହୀ ମୃତ

ନୀଳଗିରି, ୫/୯ (ନି.ପ୍ର): ନୀଳଗିରି ବ୍ଲକ ବରହମପୁର ଥାନା ସେରଗଡ଼ ଝରଣାଘାଟି ୧୯ନମ୍ବର ରାଜ୍ୟରାଜପଥ ଗୋହିରା ନିକଟରେ ଥିବା ପୋଲଠାରେ ଘଟିଛି ମର୍ମନ୍ତୁକ ସଡ଼କ ଦୁର୍ଘଟଣା। ମୃତକ ଯୁବକ ଜଣକ ନୀଳଗିରି ଏନଏସି ଡାହାଣୀମରା ଗ୍ରାମର ସୁନୀଲ ସିଂ। ସେ ଖନ୍ତାପଡା ଅଞ୍ଚଳରେ ରହୁଥିବା ଜଣାପଡିଛି। ସଂପୃକ୍ତ ଯୁବକଜଣକ ଦୀପକ କୁମାର ପାତ୍ର ନାମକ ଯୁବକଙ୍କ ପଲସର ଗାଡି ମାଗି କୌଣସି କାମରେ ଶନିବାର ବରହମପୁର ଅଞ୍ଚଳକୁ କାମରେ ଯାଇଥିଲା ବେଳେ ପୋଲକୁ ଧକ୍କାଦେବା ଫଳରେ ପୋଲତଳକୁ ଖସି ପଡ଼ିବାରୁ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ସ୍ଥାନୀୟ ଲୋକେ ତୁରନ୍ତ ବରହମପୁର ପୋଲିସକୁ ଖବର ଦେଇଥିଲେ। ବରହମପୁର ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତକରିବା ସହ ଶବଜବତ କରି ପୋଷ୍ଟମୋଟମ ପାଇଁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା ବେଳେ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରି ବରହମପୁର ଥାନାକୁ ନେଇଥିଲେ।

# ପୂର୍ଣ୍ଣଚନ୍ଦ୍ରପୁର ଉପ୍ରା ବିଦ୍ୟାଳୟରେ ଗୁରୁ ଦିବସ ଓ ଜନ୍ମାଷ୍ଟମୀ ପାଳିତ



ବାରିପଦା , ୫/୯ (ନି.ପ୍ର): ଜିଲ୍ଲାର ଅଗ୍ରଣୀ ପ୍ରାଥମିକ ବିଦ୍ୟାଳୟ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉପ୍ରା ବିଦ୍ୟାଳୟର ଗୁରୁଦିବସ ତଥା ନେତାଜୀ ସୁବାଷ ଚନ୍ଦ୍ର ବୋଷ ଆବାସିକ ବିଦ୍ୟାଳୟରେ ପିଲାମାନଙ୍କ ଦ୍ୱାରା ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଗୀତି ନାଟ୍ୟ ଆୟୋଜିତ ହୋଇ ଯାଇଛି । ଏଥିରେ ହଷ୍ଟେଲ ଅନ୍ତେବାସୀମାନେ ଶ୍ରୀକୃଷ୍ଣ, ବଳରାମ, କଂସ, ରାଧା, ବସୁଦେବ, ଦେବକୀ, ଯଶୋଦା ତଥା ଅନ୍ୟାନ୍ୟ ପୌରାଣିକ ଚରିତ୍ରରେ ଜୀବନ୍ତ ଅଭିନୟ କରିଥିଲେ । ଏଥିରେ ସୁମିତ୍ରା ରାଉତ, ଗଣେଶ ବେହେରା, ହରପ୍ରିୟା ବେହେରା, ରବି ମୁଣ୍ଡା ପ୍ରମୁଖ ପିଲାଙ୍କୁ ନେଇ କାର୍ଯ୍ୟକ୍ରମ ଆୟୋଜିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ସମାଜ ସେବୀ ସୋମନାଥ ସିଂହ ଓ ଅବସର ପ୍ରାପ୍ତ ଶିକ୍ଷକ ଅସୀମ ଚକ୍ରବର୍ତ୍ତୀ ଯୋଗ ଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ । ସେହି ପରି ବିଦ୍ୟାଳୟ ପ୍ରାଙ୍ଗଣ ରେ ଗୁରୁ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଅଭିନବ ଢଙ୍ଗ ରେ ସରକାରଙ୍କ ଯୋଜନା ଅନୁସାରେ ବିଦ୍ୟାଳୟ ତରଫରୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୋମନାଥ ସିଂହ, ସୁରମା ଦାସ ଓ ଅନିମା ଆଚାର୍ଯ୍ୟଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ଶିକ୍ଷକ/ ଶିକ୍ଷୟତ୍ରୀ ପିଲାଙ୍କ ଜୀବନରେ ଗୁରୁଙ୍କ ଭୂମିକା ଓ ଗୁରୁତ୍ୱ ସହ ବିଭିନ୍ନ ପୌରାଣିକ ଉପାଖ୍ୟାନ ମାଧ୍ୟମରେ ଭାରତୀୟ ଦର୍ଶନ ଓ ସଂସ୍କୃତିରେ ଗୁରୁ ଶିଷ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଛାତ୍ର ଛାତ୍ରୀଙ୍କ ଜୀବନରେ ଶୃଙ୍ଖଳା, ନୀତି ଆଦର୍ଶ ରହିଲେ ଯେ ଜଣେ ସଫଳ ହେଇ ପାରିବ ସେ ଉପରେ ସମସ୍ତେ ବିଭିନ୍ନ ଉପଦେଶ ମାନ ଦେଇଥିଲେ। ହଷ୍ଟେଲ ଅନ୍ତେବାସୀ ମାନେ ନିଜ ହାତରେ ତିଆରି ବିଭିନ୍ନ ଉପହାର ସହ ଫୋଟ ଚିତ୍ର ପ୍ରଭୃତି ଶିକ୍ଷକ ଶିକ୍ଷୟତ୍ରୀ ଓ ହଷ୍ଟେଲ ଶିକ୍ଷକ ଶିକ୍ଷୟତ୍ରୀ ତଥା ନୃତ୍ୟ ଗୁରୁ ରୁପମ ରାମ, ଏଥେଲେଟିକ କୋଚ ବିଷ୍ଣୁପ୍ରିୟା ସାହୁଙ୍କୁ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ହଷ୍ଟେଲ ତରଫରୁ ଗଣେଶ ବେହେରା, ହରପ୍ରିୟା ବେହେରା, ସରୋଜ ସାବତ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟ ତରଫରୁ ସୁମିତ୍ରା ରାଉତ, ଦିପ୍ତିମୟୀ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗଣେଶ ବେହେରା ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ ସର୍ବଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ପ୍ରାଥମିକ ଶିକ୍ଷକ ସଂଘର ବିଂଶତମ ବାର୍ଷିକୋତ୍ସବ ଓ ଶିକ୍ଷକ ସମ୍ବର୍ଦ୍ଧନା



ଖଇରା, ୫/୯ (ନି.ପ୍ର): ଶନିବାର ଦିନ ଖଇରା ବ୍ଲକ ଅଧୀନ ଶିକ୍ଷକ ଭବନ ପରିସରରେ ଆୟୋଜିତ ବିଂଶତମ ବାର୍ଷିକୋତ୍ସବ ଓ ଶିକ୍ଷକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଖଇରା ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜଗନ୍ନାଥ ମହାପାତ୍ର ପୌରହିତ୍ୟ କରିଥିଲେ । ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ମୁଖ୍ୟ ଅତିଥି, ଖଇରା ତହସିଲଦାର ଅନୁପ କୁମାର ବେହେରା ମୁଖ୍ୟବକ୍ତା, ବିଡିଓ ନାରାୟଣ ସାହୁ,ଏବିଇଓ ଲକ୍ଷ୍ମୀଧର ସିଂ, ଶିକ୍ଷକ ସଂଘ ଉପଦେଷ୍ଟା ନାରାୟଣ ପେଡା, କମଳ ଲୋଚନ ଜେନା, କୈଳାସ ଚନ୍ଦ୍ର ବେହେରା ଓ ଚିତ୍ତରଞ୍ଜନ ମହାପାତ୍ର ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ସୃଷ୍ଟିର ଆବାହମାନ କାଳରୁ ଗୁରୁଶିଷ୍ୟ ପରମ୍ପରା ଚାଲି ଆସିଥିବା ବେଳେ ପ୍ରତ୍ୟେକ ସଫଳ ବ୍ୟକ୍ତିଙ୍କ ପଛରେ ଗୁରୁଙ୍କ ରହିଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ମୀନତୀ ନାୟକ ବେଦପାଠ, ଲମ୍ବୋଦର ଦାସ, ମିନତୀ ନାୟକ ଓ ଆରତୀ ଜେନା ଜାତୀୟ ସଙ୍ଗୀତଗାନ, ଛାତ୍ରୀ ଶୁଭସ୍ମିତା ପାତ୍ର ନୃତ୍ୟ ପରିବେଷଣ, ଦୁର୍ଗାମାଧବ ଜେନା ଓ ସୁଦର୍ଶନ ସେଠୀ ମଞ୍ଚ ପରିଚାଳନା, ସମ୍ପାଦକ ନାରାୟଣ ମହାପାତ୍ର ବିବରଣୀ ପାଠ ତଥା ହଳଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଜୟନ୍ତୀ ମହାପାତ୍ରଙ୍କୁ ସରସ୍ୱତୀ ସ୍ମୃତି ଶିକ୍ଷକ କୌମୁଦୀ ସମ୍ମାନ ପ୍ରଦାନ ତଥା ଚଳିତ ବର୍ଷ ଅବସରଗ୍ରହଣ କରିଥିବା ନୟନାମଣୀ ରାଉଳ, ମାଳତୀ ମହାପାତ୍ର, ସତ୍ୟଭାମା ପାଣି, ସ୍ୱର୍ଣ୍ଣଲତା ଦେଇ,ଜୟନ୍ତୀ ଜେନା, ସନ୍ଧ୍ୟାରାଣି ରାଉଳ, ପ୍ରଫୁଲ୍ଲ କୁମାର ରାଉତ, ନଟରାଜ ଦାଶ, ଭଗବାନ ଶିଅଳ, ଭାସ୍କର ଚନ୍ଦ୍ର ପଣ୍ଡା,ବାସୁଦେବ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ପୁଲିସ୍ ସେବା ପରୀକ୍ଷା ପାଇଁ ଘୋଷଣା ଖୁବଶୀଘ୍ର

ଭୁବନେଶ୍ୱର, ୫/୯ (ନି.ପ୍ର): ଓଡ଼ିଶା ୟୁନିଫର୍ମଡ୍ ସେବା କର୍ମଚାରୀ ଚୟନ ଆୟୋଗ (ଓୟୁଏସଏସଏସସି) ପକ୍ଷରୁ ଓଡ଼ିଶା ପୁଲିସ୍ ଏବଂ ଅନ୍ୟାନ୍ୟ ବିଭାଗ ଅଧୀନରେ କନଷ୍ଟେବଲ୍ ସ୍ତରୀୟ ପଦବୀ ଓ ସେବା ପାଇଁ ନିଯୁକ୍ତି ପ୍ରକ୍ରିୟାଆରମ୍ଭ କରାଯାଇଛି। ଏ ସମ୍ପର୍କିତ ବିସ୍ତୃତ ବିଜ୍ଞାପନ, ଯେଉଁଥିରେ ପଦବୀ ସଂଖ୍ୟା, ଯୋଗ୍ୟତା, ଚୟନ ପ୍ରକ୍ରିୟା ଓ ଅନ୍ୟାନ୍ୟ ନିୟମାବଳୀ ସମ୍ପର୍କିତ ଆବଶ୍ୟକ ସୂଚନାଖୁବ୍ ଶୀଘ୍ର ପ୍ରକାଶ କରାଯିବ।

# ବିଏଚପିର ୬୨ତମ ପ୍ରତିଷ୍ଠା ଦିବସ ଓ ଲକ୍ଷ୍ମଣାନନ୍ଦ ସରସତୀଙ୍କ ବଳିଦାନ ଦିବସ ପାଳିତ

ଖୋର୍ଦ୍ଧା , ୫/୯ (ନି.ପ୍ର): ବିଶ୍ୱହିନ୍ଦୁ ପରିଷଦ(ଭିଏଚପି) ର ୬୨ତମ ଜିଲା ସ୍ତରୀୟ ପ୍ରତିଷ୍ଠା ଦିବସ ଏବଂ ବ୍ରହ୍ମଲୀନ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସତୀଙ୍କ ବଳିଦାନ ଦିବସ ସ୍ଥାନୀୟ ଶ୍ରୀରାମକୃଷ୍ଣ ଗୋଶାଳା ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଜିଲା ଉପସଭାପତି ସୁଦର୍ଶନ ରଥଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବକୁ ସନ୍ଥ ବିଶ୍ୱମ୍ଭର ଦାସ ମହାରାଜ ଉଦ୍ଘାଟନ କରି ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ ଏବଂ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ତ୍ୟାଗମୟ ଜୀବନୀ ରାଷ୍ଟ୍ର ନିର୍ମାଣ ସମ୍ପର୍କରେ କହିଥିଲେ ଓ ସମଗ୍ର ହିନ୍ଦୁ ସମାଜକୁ ସଙ୍ଗଠିତ କରିବା, ହିନ୍ଦୁ ଧର୍ମ ଓ ସଂସ୍କୃତିର ସୁରକ୍ଷା ତଥା ବିଶ୍ୱସ୍ତରରେ ହିନ୍ଦୁ ମାନଙ୍କ ଭୂମିକା ସୁଦୃଢ କରିବା ଉଦ୍ଦେଶ୍ୟରେ ଭାଦ୍ରବ ମାସ କୃଷ୍ଣପକ୍ଷ ୧୯୬୪ ମସିହା ଅଗଷ୍ଟ ୨୯ ତାରିଖ ପବିତ୍ର ଜନ୍ମାଷ୍ଟମୀ ରେ ପବିତ୍ର ଜନ୍ମାଷ୍ଟମୀରେ ମୁମ୍ବାଇ ସ୍ଥିତ ସାନ୍ଦିପନୀ ଆଶ୍ରମରେ ଆରଏସଏସ ଦ୍ୱିତୀୟ ସରସଂଘଚାଳକ ଶ୍ରୀଗୁରୁଜୀଙ୍କ ମାର୍ଗ ଦର୍ଶନରେ ସ୍ୱାମୀ ଚିନ୍ମୟାନନ୍ଦଙ୍କ କରକମଳରେ, ଏସଏମ ଆପଟ୍ଟେ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧନରେ ଭିଏଚପି ପ୍ରତିଷ୍ଠା ହୋଇଥିଲା । ସାଧନତା ପରବର୍ତି ଭାରତରେ ଧର୍ମ ବିଦ୍ୱେଷ ନୀତି, ଅସ୍ପୃଶ୍ୟତାକୁ ଦୂର, ଧର୍ମ ପରିବର୍ତନକୁ ରୋକିବା ଏବଂ ହିନ୍ଦୁ ସଂସ୍କୃତିର ସଂରକ୍ଷଣ ପାଇଁ ବିଏଚପିର ପରିକଳ୍ପନା କରାଯାଇଥିଲା ବୋଲି ସେ କହିଥିଲେ । ମୁଖ୍ୟବକ୍ତା ଭାବେ ଧର୍ମଜାଗରଣ ସମନ୍ୱୟ ପୁରୀ ବିଭାଗ ସଂଯୋଜକ ନବକୃଷ୍ଣ ମହାପାତ୍ର ଯୋଗଦେଇ ପବିତ୍ର ଜନ୍ମାଷ୍ଟମୀରେ ଆନନ୍ଦ ଉଲ୍ଲାସ ରହିଥିବା ବେଳେ ଠିକ ଏହି ସମୟରେ ସମଗ୍ର ହିନ୍ଦୁ ସମାଜ ଶକ୍ତ ପାଲଟିଯାଇଥିଲା ତାହା ଥିଲା ପୂଜ୍ୟ ସନ୍ଥ ଲକ୍ଷ୍ମଣାନନ୍ଦ ସରସତୀଙ୍କୁ ହତ୍ୟା । କିଛି ବିଧର୍ମ ମାନେ ତାଙ୍କୁ ଜଲେଶପଟ୍ଟା ଆଶ୍ରମରେ ଅତି ନିର୍ମମ ଭାବେ ହତ୍ୟା କରିଥିଲେ । ଯିଏ ବଣପର୍ବତ ଘେରା ଆଦିବାସୀ ବହୁଳ ଅଂଚଳରେ ହାତରେ ବାଡି ଖଣ୍ଡେ ଧରି ଗାଁକୁ ଗାଁ ବୁଲି ଜନଜାତି, ଗରିବ ଭାଇ ଭଉଣୀ ମାନଙ୍କୁ ବଂଚିବାର କଳା ଶିକ୍ଷା ଦେବା ସହ ଏହି ଅଂଚଳରେ ସାମାଜିକ ଶୈକ୍ଷିକ ଓ ଆଧ୍ୟାତ୍ମିକ ବିକାଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ବଜରଙ୍ଗ ଦଳ ଜିଲା ସଂଯୋଜକ ଉଦିତ ନାରାୟଣ ପ୍ରହରାଜ ମଂଚାସୀନ ଥିଲେ । ଭିଏଚପି ଜିଲା ସମ୍ପାଦକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହ ଜିଲା ସମ୍ପାଦକ ପ୍ରଭାତ ପାଣିଗ୍ରାହୀ ସ୍ୱାଗତ ଭାଷଣ ରେ ବିଏଚପି ପ୍ରତିଷ୍ଠା ଦିବସ, ଲକ୍ଷ୍ମଣାନନ୍ଦ ସଂଘର୍ଷର କାହାଣୀ ସନ୍ଥ ସିରୋମଣି ରବି ଦାସଙ୍କ ୬୫୦ତମ ଜନ୍ମ ଜୟନ୍ତୀ ଏବଂ ବିଏଚପି ପୂର୍ବତନ ଅନ୍ତରାଷ୍ଟ୍ରୀୟ ଅଧକ୍ଷ ଅଶୋକ ତା ସିଘଲଙ୍କ ଜନ୍ମ ଶତବାର୍ଷିକୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ସହ ସମ୍ପାଦକ ସନ୍ତୋଷ ଶ୍ରୀଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ । ଅଭିମନ୍ୟୁ ଘଟୁଆଲ, ଏସଏମ ଦିବ୍ୟ ପ୍ରକାଶ, ସତ୍ୟଜିତ ବେହେରା, ଶୁଭଙ୍କର ପାଇକରାୟ, ଆଦର୍ଶ କେ, ଅଂଶୁମାନ, କୌଶିକ ବେହେରା। ରଶ୍ମିରଞ୍ଜନ ମିଶ୍ର, ହୃଷିକେଶ ବେହେରା, ରଞ୍ଜି ବରାଳ ଙ୍କ ସମେତ ବୁଦ୍ଧିଜିବୀ ଶିକ୍ଷାବିତ ଉପସ୍ଥିତ ଥିଲେ । ବିଭିନ୍ନ କଳା ଅନୁଷ୍ଠାନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଅବସରରେ ଗୋଶାଳାରେ ଗୋମାତା ପୂଜନ ଉତ୍ସବ ପରେ ଜନ୍ମାଷ୍ଟମୀ ନୀତି ପାଳିତ ହୋଇଥିଲା। ଭାଗବତ ପାଠ କରାଯାଇଥିଲା। ବରିଷ୍ଠ ଗୋସେବକ ରାଧାମୋହନ ପ୍ରଧାନ ଓ ଅନ୍ୟ ମାନେ ପରିଚାଳନା କରିଥିଲେ।

# ଗୁରୁ ଶ୍ରୀପଦ ପଙ୍କଜ ରାଉତଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ: ସ୍ମୃତିଚାରଣ ସଭା ଓ ମେଧାବୃତ୍ତି ପ୍ରଦାନ ଉତ୍ସବ ଅନୁଷ୍ଠିତ



ଜଳେଶ୍ୱର, ୫/୯ (ନି.ପ୍ର): ଜଳେଶ୍ୱର ମାଳିପାଳ ସ୍ଥିତ ଫତିଆବାଦ ଭବନ ପରିସରରେ ଗୁରୁ ଶ୍ରୀପଦ ପଙ୍କଜ ରାଉତ ସ୍ମୃତି ପରିଷଦ ଆନୁକୂଲ୍ୟରେ ଗୁରୁଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ, ସ୍ମୃତିଚାରଣ ସଭା ଏବଂ ମେଧାବୃତ୍ତି ପ୍ରଦାନ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସ୍ଥାୟୀ ସଭାପତି ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅଧକ୍ଷ ବିପିନ ବିହାରୀ ବିଶ୍ୱାଳ ମୁଖ୍ୟ ଅତିଥି,ଯୋଗେଶ ଚନ୍ଦ୍ର ରାଉଳ ମୁଖ୍ୟ ବକ୍ତା, ଜ୍ୟୋତିଷ ଚନ୍ଦ୍ର କର ସମ୍ମାନିତ ଅତିଥି ଏବଂ ବସନ୍ତ ଦାସ ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ଅତିଥିମାନେ ସ୍ୱର୍ଗତ ଗୁରୁଙ୍କ ଶିକ୍ଷା ଓ ମହାନ ଆଦର୍ଶ ଉପରେ ଆଲୋକପାତ କରିବା ସହ ତାଙ୍କ ଜୀବନ ଶୈଳୀରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ପାଦକ ଡ଼ଃ ରାଜୀବ ଲୋଚନ ରାଉତ ବାର୍ଷିକ ବିବରଣୀ ପାଠ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କୃତୀ ଛାତ୍ରଛାତ୍ରୀ ଅଲିଭା ଘୋଷ, ପ୍ରିୟା ଦତ୍ତ, ନମିତା ବେହେରା, ଅଙ୍କିତା ଖଟୁଆ ଓ ସୁଜୟ ପ୍ରଧାନଙ୍କୁ ମାନପତ୍ର ଏବଂ ପୁରସ୍କାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କବି ରଞ୍ଜନ କୁମାର ଘୋଷ, ଶିକ୍ଷକ ନିମାଇଁ ପଦ ସେନାପତି, ରାଧାରାଣୀ ପାଳ, ଗଜେନ୍ଦ୍ର ନାଥ ଦଳାଇ, ମହେଶ୍ୱର ଘୋଷ, ଗୌରୀଶଙ୍କର ପରିଡା, ଆମଳେନ୍ଦୁ ରାଉତ, ମନୋରଞ୍ଜନ ଜେନା, ଜୟନ୍ତ ଘୋଷ, ବୀରକିଶୋର ରାଉତ,ଦିଲୀପ ରାଉତ, ସୁଧୀର କୁମାର ଘୋଷ ଏବଂ ସ୍ନେହଲତା ଜେନା ପ୍ରମୁଖ ଉପସ୍ଥିତ ରହି ଗୁରୁଙ୍କ ମଧୁର ସ୍ମୃତିଚାରଣ କରିଥିଲେ। ଗୌରବ ରାଉତ, ସଂଜୀବ ରାଉତ ଓ ପ୍ରଭୁ ପାଦ ରାଉତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ।

BETNOTI COLLEGE OF NURSING
COLLEGE ROAD, BETNOTI, MAYURBHANJ
Approved by: Health & Family Welfare Department, Govt. of Odisha, Bhubaneswar
(Recognised by : Odisha Nursing Council, Bhubaneswar)
(Affiliated to ODISHA UNIVERSITY OF HEALTH SCIENCES, BBSR, ODISHA)
Course Offer: ADMISSION OPEN : 2026-27
B.Sc. Nursing (4 Years Degree Course)
Eligibility : +2 Science with Biology (Mark 45% & 40% for SC/ST Students)
100% Placement
BETNOTI SCHOOL OF NURSING
G.N.M. 3 YEARS DIPLOMA COURSE
Eligibility : +2 Arts/ Science/ Commerce
A.N.M. 2 YEARS COURSE (Mark 40% & 35% for SC/ST Students)
Eligibility : +2 Arts/ Science/ Commerce
(Clinical Training at D.H.H. & P.R.M. Medical College, Baripada)
FACILITIES : Most Experienced Faculties, In Campus Girl's Hostel, Canteen, well Equipped, Laboratories, Library, Smart, Class Rooms, Separate, Boy's Hostel & Free Wi-fi.
STIPEND FOR SC/ST/OBC & SEBC STUDENTS
Contact for Admission:
7008973851, 8455087373, 9861373681

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida